NITIDIN
# ନିତିଦିନ

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 | 8 PAGES ● | ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

TUESDAY
10 FEBRUARY 2026
ମଙ୍ଗଳବାର
୧୦ ଫେବୃଆରୀ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 ● ISSUE 265 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ ● ସଂଖ୍ୟା ୨୬୫ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର

ପୃଷ୍ଠା ୩ ଏଣିକି ପ୍ରତି ଶୁକ୍ରବାର ହସ୍ତତନ୍ତ ଲୁଗା ପିନ୍ଧିବେ ରାଜସ୍ୱ କର୍ମଚାରୀ

ପୃଷ୍ଠା ୪ ଲୋକସଭା ବାଚସ୍ପତିଙ୍କ ବିରୋଧରେ ଆସିବ ଅନାସ୍ଥା ପ୍ରସ୍ତାବ

ପୃଷ୍ଠା ୮ ଭାରତ ସହ ବିଶ୍ୱକପ୍ ମ୍ୟାଚ୍ ଖେଳିବ ପାକିସ୍ତାନ

## ୩୦୮୨ କେନ୍ଦ୍ରରେ ମାଟ୍ରିକ୍ ପରୀକ୍ଷା

**ପ୍ରଶ୍ନପତ୍ର ରଖିବା ପାଇଁ ୩୨୨ ନୋଡାଲ୍ ସେଣ୍ଟର**

**୫ ଲକ୍ଷ ୬୧ହଜାର ୯୭୯ ଛାତ୍ରଛାତ୍ରୀଙ୍କ ଫର୍ମ ପୂରଣ**

**କଟକ,୯।୨/ଏନ୍ଏନ୍ଏସ୍:**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫେବୃଆରୀ ୧୯ରୁ ଆରମ୍ଭ ହେବ। ଏନେଇ ବୋର୍ଡ଼ ପକ୍ଷରୁ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଚଳିତ ବର୍ଷ ରାଜ୍ୟର ୩୦୮୨ କେନ୍ଦ୍ରରେ ମାଟ୍ରିକ୍ ପରୀକ୍ଷା କରାଯିବ ବୋଲି ବୋର୍ଡ଼ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁଯାୟୀ ରାଜ୍ୟର ୫ଲକ୍ଷ ୬୧ହଜାର ୯୭୯ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଛନ୍ତି। ପ୍ରଶ୍ନପତ୍ର ରଖିବା ପାଇଁ ୩୨୨ଟି ନୋଡାଲ୍ ସେଣ୍ଟର କରାଯାଇଛି। ସମସ୍ତ ନୋଡାଲ୍ ସେଣ୍ଟର ଓ ପରୀକ୍ଷା କେନ୍ଦ୍ରରେ ▶▶ ୫

## ୧୭ରୁ ସିବିଏସ୍ଇ ବୋର୍ଡ ପରୀକ୍ଷା

**ଆଡମିଟ୍ କାର୍ଡ ଜାରି**

**ନୂଆଦିଲ୍ଲୀ, ୯।୨/ଏଜେନ୍ସି:**

ସେଣ୍ଟ୍ରାଲ୍ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେସନ୍ (ସିବିଏସ୍ଇ)ର ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଚଳିତ ମାସ ୧୭ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏହି ପରୀକ୍ଷା ଆସନ୍ତା ଏପ୍ରିଲ୍ ୯ ତାରିଖ ଯାଏ ଚାଲିବ। ତେବେ ପରୀକ୍ଷା ସମୟରେ ଶେଷ ମୁହୂର୍ତ୍ତରେ ଦେଖାଯାଉଥିବା ସମସ୍ୟାକୁ ଏଡ଼ାଇବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପ୍ରମୁଖ ବିବରଣୀ ଯେପରିକି ଆଡମିଟ୍ କାର୍ଡରେ ଉଲ୍ଲେଖିତ ସୂଚନା (ଜନ୍ମ ତାରିଖ, ପରୀକ୍ଷା କେନ୍ଦ୍ରର ନାମ, ମାତା/ପିତାଙ୍କ ▶▶ ୫

**ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀ**

# ଲୋକଙ୍କ ସେବାରେ ଲୋକଙ୍କ ସରକାର



**ଭୁବନେଶ୍ୱର,୯।୨/ଏନ୍ଏନ୍ଏସ୍:**

**ଶୁଣାଣି ବ୍ୟବସ୍ଥା ପ୍ରଶାସନିକ ପ୍ରକ୍ରିୟାରେ ପରିଣତ: ସିଏମ୍**

**ଏବେ ସୁଦ୍ଧା ୯୪% ଅଭିଯୋଗର ସମାଧାନ**

**୫ ବରିଷ୍ଠ ମନ୍ତ୍ରୀ ବି ଶୁଣିଲେ ଅଭିଯୋଗ**

ଆମ ସରକାର ହେଉଛି ଲୋକଙ୍କ ନିଜର ସରକାର, ଯେଉଁଠି ପ୍ରତିଟି ନାଗରିକଙ୍କ ସ୍ୱର ଗୁରୁତ୍ୱପୂର୍ଣ୍ଣ। ଲୋକଙ୍କ ସେବାରେ ରାଜ୍ୟ ସରକାର ପୂରା ସମର୍ପିତ। ଏହି ସଂକଳ୍ପକୁ ନେଇ ଆମେ ବ୍ୟବସ୍ଥା ଓ ଜନତାଙ୍କ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ପାଇଁ ନିରନ୍ତର କାର୍ଯ୍ୟ କରୁଛୁ। ସାଧାରଣ ଜନତାଙ୍କ ସମସ୍ୟା ଓ ଅଭିଯୋଗକୁ ଅତ୍ୟନ୍ତ ସମ୍ବେଦନଶୀଳତାର ସହ ବିଚାର କରି ଏହାର ତ୍ୱରିତ ତଥା ସ୍ଥାୟୀ ସମାଧାନ କରିବା ଆମର ମୂଳ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହା କହିଛନ୍ତି। ସୋମବାର ଭୁବନେଶ୍ୱର ୟୁନିଟ୍-୨ ସ୍ଥିତ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ଆଜିଥିଲା ୧୭ତମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ। ମୁଖ୍ୟମନ୍ତ୍ରୀଙ୍କ ସହିତ ପାଞ୍ଚ ବରିଷ୍ଠ ମନ୍ତ୍ରୀ ମଧ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ପ୍ରତ୍ୟେକ ଥର ପରି ମୁଖ୍ୟମନ୍ତ୍ରୀ ପ୍ରଥମେ ଆସି ପ୍ରକୋଷ୍ଠ ବାହାରେ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ଭେଟି ସେମାନଙ୍କର ସମସ୍ୟା ଓ ଅଭିଯୋଗ ଶୁଣି ସମାଧାନ ପାଇଁ ବିହିତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମୁଦାୟ ୩୨ ଜଣ ଦିବ୍ୟାଙ୍ଗଙ୍କ ମଧ୍ୟରୁ ଜଟିଳ ରୋଗରେ ପୀଡ଼ିତ ଥିବା ଭଦ୍ରକ ଜିଲ୍ଲାର ବ୍ରଜକିଶୋର ବନ୍ଧାଙ୍କୁ ୧ ଲକ୍ଷ ଟଙ୍କା ଓ ଯାଜପୁର ଜିଲ୍ଲାର କାର୍ତ୍ତିକ ସି ଙ୍କୁ ୧.୫୦ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ମଞ୍ଜୁର କରିଥିଲେ। ଏଥି ସହିତ ଚିକିତ୍ସା ଆବଶ୍ୟକ କରୁଥିବା ଅନ୍ୟ ଅଭିଯୋଗକାରୀଙ୍କ ▶▶ ୫

## ୨୫% ଜୋରିମାନା ଶୁଳ୍କ ବି ଫେରାଇବ ଆମେରିକା

**ଭାରତୀୟ ରପ୍ତାନିକାରୀଙ୍କୁ ଆଶ୍ୱସ୍ତି: ଭାରତକୁ ଫେରିବ ୪୦,୦୦୦ କୋଟି ଟଙ୍କା**

**ନୂଆଦିଲ୍ଲୀ, ୱାଶିଂଟନ୍, ୯।୨/ଏଜେନ୍ସି:**



ଆମେରିକା ସହିତ ବାଣିଜ୍ୟ ଚୁକ୍ତିରେ ଭାରତକୁ ଏକ ବଡ଼ ଆଶ୍ୱସ୍ତି ମିଳିଛି। ଆମେରିକା ପ୍ରଶାସନ କେବଳ ଶୁଳ୍କ ହାରକୁ ୫୦% ରୁ ୧୮% ହ୍ରାସ କରିନାହିଁ, ବରଂ ରୁଷ୍ ଠାରୁ ତୈଳ ଆମଦାନୀ କ୍ଷେତ୍ରରେ ଜୋରିମାନା ସ୍ୱରୂପ ଲାଗୁ କରିଥିବା ୨୫% ଶୁଳ୍କଜନିତ ସମସ୍ତ ଅର୍ଥକୁ ମଧ ଫେରସ୍ତ କରିବାକୁ ନିଷ୍ପତ୍ତି ନେଇଛି। ସିଧାସଳଖ ଭାବେ କହିଲେ ଆମେରିକା ଯେଉଁ ସମୟ ଠାରୁ ଭାରତୀୟ ସାମଗ୍ରୀ ଉପରେ ଏହି ଅତିରିକ୍ତ ୨୫% ଶୁଳ୍କ ଆଦାୟ କରିବା ଆରମ୍ଭ କରିଥିଲା ସେବେଠାରୁ ଟ୍ରମ୍ପ୍‌ଙ୍କ ନିଷ୍ପତ୍ତି (୨୫% ଜୋରିମାନା ଶୁଳ୍କ ପ୍ରତ୍ୟାହାର) ଆସିବା ମଧ୍ୟରେ ଭାରତୀୟ ରପ୍ତାନୀକାରୀଙ୍କ ଠାରୁ ସୀମା ଶୁଳ୍କ ବାବଦ ଗ୍ରହଣ କରିଥିବା ଅର୍ଥଗୁଡ଼ିକୁ ଏବେ ଫେରସ୍ତ କରିବ। ରିପୋର୍ଟ ଅନୁସାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍, ଭାରତୀୟ ବ୍ୟବସାୟୀ ତଥା ରପ୍ତାନିକାରୀଙ୍କୁ ଏହି ଅର୍ଥ ଭାରତ ସରକାରଙ୍କ ମାଧ୍ୟମରେ ଫେରସ୍ତ କରିଦେବାକୁ ନିଷ୍ପତ୍ତି ନେଇଛନ୍ତି। ଅନ୍ୟପକ୍ଷେ ଟ୍ରମ୍ପ୍‌ଙ୍କ ଏହି ନିଷ୍ପତ୍ତି ଭାରତୀୟ ବ୍ୟବସାୟଗୁଡ଼ିକୁ ▶▶ ୫

## ନିଜକୁ ଗୁଳି ମାରିଲେ ସିଆର୍‌ପିଏଫ୍ ଯବାନ

**ସୁନ୍ଦରଗଡ଼,୯।୨/ଏନ୍ଏନ୍ଏସ୍:**

ନିଜକୁ ଗୁଳି କରି ଦେଲେ ସିଆରପିଏଫ୍ ଯବାନ। ସୁନ୍ଦରଗଡ଼ ଜିଲ୍ଲା ଲାଠିକଟା ଥାନା ଅଧୀନ ମାଟକଝରଣରେ ସୋମବାର ଏହି ଅଘଟଣ ଘଟିଛି। ମୃତ ଯବାନଙ୍କ ନାଁ ସୁବାସ ପ୍ରସାଦ। ସେ ସିଆର୍‌ପିଏଫ୍‌ରେ ହାବିଲଦାର ରାଙ୍କରେ କାର୍ଯ୍ୟ କରୁଥିଲେ। ତାଙ୍କ ଘର ଉତ୍ତର ପ୍ରଦେଶରେ। ସୁବାସ ଆଜି ସିଆର୍‌ପିଏଫ୍ ଶିବିରରେ ନିଜ ସର୍ଭିସ ବନ୍ଧୁକରୁ ଗୁଳି କରିଥିଲେ। ତେବେ ସେ କାହିଁକି ଏମିତି ପଦକ୍ଷେପ ନେଲେ ତାହା ଜଣାପଡ଼ିନଥିଲେ ହେଁ ପାରିବାରିକ ସମସ୍ୟାରୁ ଏଭଳି ନିଷ୍ପତ୍ତି ନେଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଲାଠିକଟା ପୁଲିସ ଯବାନଙ୍କ ଶବ ଜବତ କରି ଘଟଣାର ତଦନ୍ତ ଚଳାଇଛି। ଗତ ଅକ୍ଟୋବର ମାସରେ ମାଓବାଦୀଙ୍କ ଗତିବିଧି ବଢୁଥିବାରୁ ଲାଠିକଟା ରାମଯୋଡିଠୁ ପ୍ରାୟ ୧୦ କିମି ଦୂର ମାଟକମଝରଣରେ ସିଆରପିଏଫ କ୍ୟାମ୍ପ ପଡିଥିଲା। ସୁବାସଙ୍କୁ ସେଠାରେ ମୁତୟନ କରାଯାଇଥିଲା। ଆଜି ସକାଳେ ସୁବାସ ସର୍ଭିସ ବନ୍ଧୁକରୁ ନିଜକୁ ଗୁଳି କରି ଦେଇଥିଲେ। ପ୍ରକାଶ ଯେ ନିକଟରେ ନୟାଗଡ଼ ଜିଲ୍ଲାରେ ଓଡ଼ିଶା ପୁଲିସର ଜଣେ କନଷ୍ଟେବଲ ନିଜ ସର୍ଭିସ ବନ୍ଧୁକରୁ ଗୁଳି କରି ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିଲା।



# ଜାଗରଯାତ୍ରା ପାଇଁ ଶ୍ରୀ ପୁଡୁଗେଶ୍ୱର ଶୈବପୀଠ ଚଳଚଞ୍ଚଳ



**ଆସିକା,୯।୨/ଏନ୍‌ଏନ୍‌ଏସ୍:** ଭଗବାନ ଶିବସମ୍ଭୁଙ୍କର ମହାଶିବରାତ୍ରୀ ତଥା ପ୍ରସିଦ୍ଧ ଜାଗରଯାତ୍ରା ଆସନ୍ତା ୧୫ ତାରିଖ ରବିବାର ଦିନ ପାଳିତ ହେବ । ଏଥିପାଇଁ ଆସିକା ତଥା ଏହାର ଆଖପାଖ ଅଞ୍ଚଳରେ ଥିବା ଶୈବପୀଠ ଗୁଡିକ ଚଳଚଞ୍ଚଳ ହୋଇପଡିଥିବା ବେଳେ ଜାଗରଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ଲାଗି ବିଭିନ୍ନ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଥିବା ଲକ୍ଷ୍ୟ କରାଯାଇଛି । ଶୈବପୀଠ ଗୁଡିକ ମହାଶିବରାତ୍ରୀ ପାଇଁ ଚଳଚଞ୍ଚଳ ହୋଇପଡିଥିଲା ବେଳେ ଆଲୋକମାଳାରେ ମନ୍ଦିର ଗୁଡିକ ସାଜସଜା କରିବା ପାଇଁ ଯୋଜନା ଚାଲିଥିବା ଜଣାପଡିଛି । ଆସିକା ବ୍ଲକ ଅନ୍ତର୍ଗତ କାଳଷଣ୍ଡପୁର ଗ୍ରାମପଞ୍ଚାୟତର ପୁଡୁଗେଶ୍ୱରପଲ୍ଲୀ ଗ୍ରାମରେ ପବିତ୍ର ରଷିକୁଲ୍ୟା ନଦୀତଟରେ କେଉଁ ଆବାହମାନ କାଳରୁ ପୂଜାପାଇ ଆସୁଥିବା ଶ୍ରୀ ଶ୍ରୀ ପୁଡୁଗେଶ୍ୱର ମହାଦେବଙ୍କ ପୀଠରେ ମହାଶିବରାତ୍ରୀ ଅବସରରେ ଅନୁଷ୍ଠିତ ହେବାକୁ ଥିବା ଏକଲକ୍ଷଆଠ ଦୀପ ଯଜ୍ଞ ସମେତ ଅନ୍ୟାନ୍ୟ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବେ ବିଧିବିଧାନ ଅନୁଯାୟୀ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସମ୍ପର୍ଣ୍ଣ କରିବା ଲାଗି ଆଧ୍ୟାତ୍ମିକ ପ୍ରେମୀ ନିଗମାନନ୍ଦ ମହାନ୍ତି, ଗ୍ରାମ୍ୟ କମିଟି ସଭାପତି ସୂର୍ଯ୍ୟନାରାୟଣ ନାହାକ, ଶ୍ରଦ୍ଧାଳୁ ଭକ୍ତ ଦେବେନ୍ଦ୍ର ମହାନ୍ତି, ଗଣେଶ ମହାନ୍ତି, ଶିବଶଙ୍କର ମହାନ୍ତି, ଅନିଲ୍ କୁମାର ପାଣିଗ୍ରାହୀ, ଫଂଚାନନ ମହାନ୍ତି, କାମେଶ୍ୱର ରାଉତ, ସୋମନାଥ ନାହାକ, ରମେଶ ଚନ୍ଦ୍ର ରାଉତ, ଅରସୁଲୁ ସ୍ୱାଇଁ, ଶମ୍ଭୁନାଥ ନାହାକ, ସନ୍ୟାସୀ ନାହାକ, ବିଜୟ କୁମାର ନାହାକ, ହୀନ ବାରିକ, ବିକ୍ରମ ପ୍ରଧାନ, ସଂଗ୍ରାମ ମହାନ୍ତି, କାଳୁଚରଣ ପାଣିଗ୍ରାହୀ, ଜୀବନ ମହାନ୍ତି, ଅଭୟ ଜେନା, ଆକାଶ ନାହାକ, ସାଗର ପାତ୍ର, ପ୍ରଦୀପ କେଶରୀ ରାଉତ, ସହଦେବ ନାହାକ, ମଙ୍ଗୁଲୁ ନାହାକ, ସୁରେନ୍ଦ୍ର ପାତ୍ର, ଅଶୋକ ନାହାକ, ବୃନ୍ଦାବନ ଖଣ୍ଡୁଆଳ, ଅଶୋକ ମହାନ୍ତି, ଗୋପୀନାଥ ମହାନ୍ତି, ରାମଚନ୍ଦ୍ର ମହାନ୍ତି, ହାଡୁବନ୍ଧୁ ମହାନ୍ତି, ଭାସ୍କର କାମ୍ପ, ସୁକାନ୍ତ ସାହୁ, ପାଣ୍ଡା ମହାନ୍ତିଙ୍କ ସମେତ ପୁଡୁଗେଶ୍ୱରପଲ୍ଲୀ ଗ୍ରାମବାସୀ ଓ ଉତ୍ସାହୀୟ ଶୈବଭକ୍ତ ଏବଂ ଯୁବପିଢୀଙ୍କ ସହଯୋଗରେ ଚାଲିଥିବା ପ୍ରସ୍ତୁତି ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଛି । ଆସିକା ବ୍ଲକ ଅନ୍ତର୍ଗତ କାଳଷଣ୍ଡପୁର ଗ୍ରାମପଖାୟତର ପୁଡୁଗେଶ୍ୱରପଲ୍ଲୀ ଗ୍ରାମରେ ପୂଜାପାଇ ଆସୁଥିବା ଶ୍ରୀ ଶ୍ରୀ ଶ୍ରୀ ପୁଡୁଗେଶ୍ୱର ମହାଦେବଙ୍କ ପୀଠରେ ମହାଶିବରାତ୍ରୀ ଅବସରରେ ଆସନ୍ତା ରବିବାର ଦିନ ଅନୁଷ୍ଠିତ ହେବାକୁଥିବା ଏକଲକ୍ଷଆଠ ଦୀପ ଯଜ୍ଞ, ନାମ ଯଜ୍ଞ ସାଙ୍ଗକୁ ରାତ୍ରରେ ମହାଦୀପ ଉତ୍ତୋଳନର କାର୍ଯ୍ୟକ୍ରମ ରହିଥିବା ଜଣାପଡିଛି । ଆସିକା ଅଞ୍ଚଳର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ପୁଡୁଗେଶ୍ୱରଙ୍କ ମନ୍ଦିରରେ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ମନ୍ଦିର ପରିଚାଳନା କମିଟି ପକ୍ଷରୁ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱାରୋପ କରାଯାଉଥିବା ଲକ୍ଷ୍ୟ କରାଯାଇଛି । ଆସିକା ଅଞ୍ଚଳର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ରୂପେ ପରିଚିତ ଥିବା ପୁଡୁଗେଶ୍ୱରଙ୍କ ଅପାର ମହିମାରୁ ବର୍ଷ ତମାମ ଏହି ପୀଠକୁ ଶ୍ରଦ୍ଧାଳୁ ଭକ୍ତଙ୍କ ସୁଅ ଛୁଟିଥାଏ । ଆସିକା ଅଞ୍ଚଳବାସୀ ଆସ୍ଥା ଓ ବିଶ୍ୱାସର ପ୍ରତୀକ ରୂପେ ବିଶ୍ୱାସ ଥିବା ପୁଡୁଗେଶ୍ୱରଙ୍କ ପୀଠରେ ଆସନ୍ତା ୧୫ ତାରିଖରେ ଜାଗରଯାତ୍ରା ବା ମହାଶିବରାତ୍ରୀ ପର୍ବକୁ ଉତ୍ସାହ ଓ ଉଦ୍ଦୀପନାର ସହ ନୀତାକାନ୍ତି ତଥା ବିଧିବିଧାନ ଅନୁଯାୟୀ ପାଳନ କରିବା ସକାଶେ ପ୍ରାକ୍ ପ୍ରସ୍ତୁତି ଆରମ୍ଭ ହୋଇଯାଇଥିବା ଜଣାପଡିଛି ।

# ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନା ସମ୍ପର୍କିତ ସଚେତନତା ଶିବିର



**ଛତ୍ରପୁର,୯।୨/ଏନ୍‌ଏନ୍‌ଏସ୍:** ଜିଲ୍ଲା କୋଷାଗାର କାର୍ଯ୍ୟାଳୟ ଆନୁକୂଲ୍ୟରେ ଆଜି ସ୍ଥାନୀୟ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ରଷିକୁଲ୍ୟା ସମ୍ମିଳନୀ କକ୍ଷ ଠାରେ ରାଷ୍ଟ୍ରୀୟ ପେନସନ୍ ଯୋଜନା(ଏନ୍‌ପିଏସ୍) ସମ୍ପର୍କିତ ଏକ ସଚେତନତା ଶିବିର ଆୟୋଜିତ ହୋଇଯାଇଛି । ଶିବିରରେ ରାଜ୍ୟ ସରକାରଙ୍କ ଅଧିକାରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନା ସମ୍ପର୍କିତ ବିଭିନ୍ନ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା । କୋଷାଗାର ଓ ନିରୀକ୍ଷଣ ନିର୍ଦ୍ଦେଶାଳୟ, ଭୁବନେଶ୍ୱରସ୍ଥିତ ହିସାବ ଅଧିକାରୀ ମନୋରଞ୍ଜନ ସାହୁ ଓ ଅରବିନ୍ଦ ସାହୁ ଯୋଗଦେଇ ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନା ସମ୍ପର୍କିତ ବିଭିନ୍ନ ବିଷୟ ଉପରେ ଆଲୋକପାତ କରିଥିଲେ । ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନା ଖାତା ଖୋଲିବା, ଅଂଶ ଧନ ଜମା, ସଂଶୋଧନ ପ୍ରକ୍ରିୟା, ଅଭିଯୋଗ ନିରାକରଣ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟରେ ସେମାନେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଅଂଶଗ୍ରହଣକାରୀମାନେ ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନାକୁ ନେଇ ମନରେ ଥିବା ସଂଶୟ ପ୍ରକାଶ କରିଥିଲେ । ତାଲିମ ଦେଉଥିବା ଅଧିକାରୀମାନେ ସେମାନଙ୍କର ବିଭିନ୍ନ ସଂଶୟ ଉପରେ ଯଥାଯଥ ମାର୍ଗଦର୍ଶନ ଦେଇଥିଲେ । ଏପରି ସଚେତନତା କାର୍ଯ୍ୟକ୍ରମ ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନାରେ ଅନୁବନ୍ଧିତ ହୋଇଥିବା ଅଧିକାରୀ ଓ କର୍ମଚାରୀମାନଙ୍କ ପାଇଁ ଅତ୍ୟନ୍ତ ଉପକାରୀ ସାବ୍ୟସ୍ତ ହୋଇଛି ବୋଲି ମତ ପ୍ରକାଶ ପାଇଥିଲା । ଶିବିରରେ ଜିଲ୍ଲା କୋଷାଗାର ଅଧିକାରୀ କୃଷ୍ଣ ଚନ୍ଦ୍ର କହଁର, ଅତିରିକ୍ତ କୋଷାଗାର ଅଧିକାରୀ ଅଳକାନନ୍ଦା ତ୍ରିପାଠୀ, ଉପ କୋଷାଗାର ଅଧିକାରୀ, ବିଭିନ୍ନ ବିଭାଗର ଉଠାଣ ଓ ବିତରଣ ଅଧିକାରୀ, ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନା ଅନ୍ତର୍ଗତ କର୍ମଚାରୀମାନଙ୍କ ସହିତ କୋଷାଗାର କର୍ମଚାରୀମାନେ ଉପସ୍ଥିତ ଥିଲେ । ଶେଷରେ ଅତିରିକ୍ତ କୋଷାଗାର ଅଧିକାରୀ ଅଳକାନନ୍ଦା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ସରକାରୀ ଅର୍ଥ ଆତ୍ମସାତ୍, ପ୍ରଧାନ ଶିକ୍ଷକଙ୍କୁ ୪ ବର୍ଷ ଜେଲ୍

**ଫୁଲବାଣୀ,୯।୨/ଏନ୍‌ଏନ୍‌ଏସ୍:** ସରକାରୀ ଅର୍ଥ ତୋଷରପାତ ଅଭିଯୋଗରେ ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଜଣେକ ପ୍ରଧାନ ଶିକ୍ଷକ ଓ ଗ୍ରାମ୍ୟ ଶିକ୍ଷା ପରିଚାଳନା କମିଟି ସଭାପତିଙ୍କୁ ଚାରି ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଅଭିଯୁକ୍ତମାନେ ହେଲେ ବୁମୁଡ଼ିବନ୍ଧ ବ୍ଲକ ତୁଆକୁଲା ନୂତନ ପ୍ରାଥମିକ ବିଦ୍ୟାଳୟର ତତ୍କାଳୀନ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ନାୟକ ଏବଂ ଗ୍ରାମ୍ୟ ଶିକ୍ଷା ପରିଚାଳନା କମିଟିର ସଭାପତି ଧ୍ରୁବ ଚରଣ ମାଝୀ । ଉଭୟଙ୍କୁ ୪ ବର୍ଷ ଲେଖାଏଁ ଜେଲଦଣ୍ଡ ସହିତ ୨୦ ହଜାର ଟଙ୍କା ଲେଖାଏଁ ଜରିମାନା କରାଯାଇଛି । ଜରିମାନା ଅନାଦେୟ ଅଧିକ ୪ ମାସ ଜେଲ ଭୋଗିବା ପାଇଁ ଅଦାଲତ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ଅଭିଯୋଗ ଅନୁଯାୟୀ, ଶ୍ରୀ ନାୟକ ଗତ ୨୦୧୫ ମସିହାରେ ତୁଆକୁଲା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଥିବା ବେଳେ ବିଦ୍ୟାଳୟର ନୂତନ ଗୃହ ନିର୍ମାଣ ପାଇଁ ସରକାରୀ ଅନୁଦାନ ଆସିଥିଲା । ଅଭିଯୁକ୍ତ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନ କରି ଏଥିରୁ ୨ ଲକ୍ଷ ୪୧ ହଜାର ୭୨୨ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇଥିଲା । ଏ ନେଇ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ୪୦/୧୫ ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ମାନଙ୍କ ବିରୋଧରେ ତଦନ୍ତ କରାଯାଇଥିଲା । ଆଜି ଏହି ମାମଲାର ଶୁଣାଣି କରି ଭିଜିଲାନ୍ସ ଅଦାଲତ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି । ମାମଲାଟିକୁ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ପ୍ରଭାତ ପଟ୍ଟନାୟକ ପରିଚାଳନା କରୁଥିଲେ ।

# ଦ୍ୱିତୀୟ ଦିବସରେ ମା’ ରାମଚଣ୍ଡୀଙ୍କ ମହୋତ୍ସବ

**ଛତ୍ରପୁର,୯।୨/ଏନ୍‌ଏନ୍‌ଏସ୍:** ଛତ୍ରପୁର ନିକଟରେ ଅବସ୍ଥିତ ପ୍ରସିଦ୍ଧ ଶକ୍ତିପୀଠ ମା’ ରାମଚଣ୍ଡୀ ମନ୍ଦିରର ତୃତୀୟ ବାର୍ଷିକୀ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ସାନଖେମୁଣ୍ଡି ବିଧାୟକ ରମେଶ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଶନିବାର ସନ୍ଧ୍ୟାରେ ଗଞ୍ଜାମ ଜିଲ୍ଲାର ଲୋକନୃତ୍ୟ, ଖୋର୍ଦ୍ଧାର ପାଇକ ଆଖଡ଼ା ନୃତ୍ୟରେ ବାଳିକାମାନେ ବିଭିନ୍ନ ରଣ



ପ୍ରଦର୍ଶନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟ ନାୟକ, ପୂର୍ବତନ ବିଧାୟକ ସୁବାଷ ଚନ୍ଦ୍ର ବେହେରା, ବିଧାୟକ ଏନ୍. ନାରାୟଣ ରେଡ୍ଡୀ, ସମାଜ ସେବୀ ପ୍ରଶାନ୍ତ କର, ଯୁବନେତା ପ୍ରଶାନ୍ତ ପଣ୍ଡା, ଭାଗିରଥି ବେହେରା, ପରିବେଶ ପ୍ରେମୀ ସୁବାଷ ମହାରଣା, ଗଣମାଧ୍ୟମ ବ୍ୟକ୍ତିତ୍ୱ ସୁଧାଂଶୁ ଶେଖର ରାଉତ, ଅସୀତ ପଣ୍ଡା, ଦେବ କୁମାର, ସତୀଶ କୁମାର ଦାସ, ରାଜେନ୍ଦ୍ର କୁମାର ଜେନା ପ୍ରମୁଖ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳନା କମିଟି ସଭାପତି ପ୍ରଶାନ୍ତ ନାୟକ, ଉପଦେଷ୍ଟା ରବୀନ୍ଦ୍ର ନାଥ ପଣ୍ଡା, ମନ୍ଦିର ପୂଜା କମିଟି ସଭାପତି ସିଏଚ ଦୟାନନ୍ଦ ରେଡ୍ଡୀ, ଟ୍ରଷ୍ଟି ମଞ୍ଜୁଳା ପଣ୍ଡା ଓ କାଶୀନାଥ ବ୍ରହ୍ମା, କରପଡ଼ା ସରପଞ୍ଚ ଅଜୟ ନାୟକ, ଉପଦେଷ୍ଟା ମହାରାଜ କୃଷ୍ଣ ଚନ୍ଦ୍ର ନାୟକ, ତ୍ରିପତି ବାଲାଜୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ସଂଯୋଜକ କମଳ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

**ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା**

# ଅତିରିକ୍ତ ଜିଲ୍ଲା ଦୌରାଜଜ୍ କୋର୍ଟ-୩କୁ ମାମଲା ସ୍ଥାନାନ୍ତର

**ବ୍ରହ୍ମପୁର,୯।୨/ଏନ୍‌ଏନ୍‌ଏସ୍:** ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା ଆଜି ବ୍ରହ୍ମପୁର ଜିଲ୍ଲା ଦୌରାଜଜ କୋର୍ଟରୁ ଅତିରିକ୍ତ ଜିଲ୍ଲା ଦୌରାଜର୍ଜ କୋର୍ଟ ତୃତୀୟକୁ ସ୍ଥାନାନ୍ତର ହୋଇଛି । ଆଜି କଡ଼ା ସୁରକ୍ଷା ବଳୟ ମଧ୍ୟରେ ଏହି ମାମଲାରେ ଗିରଫ ହୋଇଥିବା ବିଜେଡ଼ି ନେତା ମଦନ ଦଳେଇଙ୍କୁ ଅସୁସ୍ଥ ଅବସ୍ଥାରେ ମଧ୍ୟ ଏମକେସିଜି ମେଡ଼ିକାଲରୁ ଜିଲ୍ଲା ଦୌରାଜଜ କୋର୍ଟରେ ହାଜର କରାଯାଇଥିଲା । ଏହାସହ ମାମଲାରେ ଜଡ଼ିତ ଅନ୍ୟ ୧୫ ଜଣ ଅଭିଯୁକ୍ତଙ୍କୁ ଭିସି ଯୋଗେ କୋର୍ଟରେ ହାଜର ହୋଇଥିଲେ । ମାମଲା ବର୍ତ୍ତମାନ ଅତିରିକ୍ତ ଜିଲ୍ଲା ଦୌରାଜର୍ଜ କୋର୍ଟ ତୃତୀୟକୁ ସ୍ଥାନାନ୍ତର କରାଯାଇଥିବା ନେଇ ସମସ୍ତ ଅଭିଯୁକ୍ତଙ୍କୁ ଜଣାଇଥିଲେ କୋର୍ଟ । ଏହାପରେ ପୁଣି ମଦନଙ୍କୁ ବ୍ରହ୍ମପୁର ଜେଲକୁ ପଠାଇ ଦିଆଯାଇଥିଲା । ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୭ ତାରିଖକୁ ଧାର୍ଯ୍ୟ ହୋଇଛି । ଏହି ମାମଲାରେ ଅଭିଯୁକ୍ତ ରହିଥିବା ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, କର୍ପୋରେଟର ମଳୟ ବିଷୋୟୀ ଓ ବିଜେଡ଼ି ନେତା ମଦନ ଦଳେଇର ମେଡ଼ିକାଲ ରିପୋର୍ଟ କୋର୍ଟ ମାଗିଛନ୍ତି । ତାହାକୁ ନେଇ ଆସନ୍ତା ୧୭ ତାରିଖରେ ପୁଲିସ ରିପୋର୍ଟ କୋର୍ଟରେ ଦାଖଲ କରିବା ପରେ ତାହାକୁ ଅନୁଧ୍ୟାନ କରିବା ପରେ ସେମାନଙ୍କ ଉତ୍ତମ ଚିକିତ୍ସା ନିମନ୍ତେ ପରବର୍ତ୍ତୀ ନିର୍ଦ୍ଦେଶ କୋର୍ଟ ଦେବାର ସମ୍ଭାବନା ରହିଛି । ଏହି ମାମଲାରେ ଗିରଫ ହୋଇଥିବା ୧୬ ଜଣଙ୍କ ମଧ୍ୟରୁ ୫ ଜଣ ଜାମିନ ପାଇଁ କୋର୍ଟରେ ଆବେଦନ କରିଥିବା ବେଳେ ତାହାର ଶୁଣାଣୀ ମଧ୍ୟ ଆସନ୍ତା ୧୭ ତାରିଖରେ ହେବ ।

# ମାଗଣା କର୍କଟ ରୋଗ ନିରୂପଣ, ସ୍ୱାସ୍ଥ୍ୟ ସଚେତନତା ଶିବିର



**ବ୍ରହ୍ମପୁର,୯।୨/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ କ୍ରାନ୍ତି ଓ କେ.ସି. ହାଇସ୍କୁଲ ଇଂରାଜୀ ମିଡ଼ିୟମ ସ୍କୁଲର ମିଳିତ ସହଯୋଗରେ ଗୋଷାଣୀନୂଆଗାଁ ସ୍ଥିତ କେସି ସ୍କୁଲ ପରିସରରେ ମାଗଣା କର୍କଟ ନିରୂପଣ ଓ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ସଚେତନତା ଶିବିରକୁ କ୍ରାନ୍ତି ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଦେବାନନ୍ଦ ଦାଶ ପରିଚାଳନା କରିଥିଲେ । ଭୁବନେଶ୍ୱରସ୍ଥିତ ଉତ୍କଳ ହସ୍‌ପିଟାଲର କର୍କଟ ରୋଗ ବିଶେଷଜ୍ଞ ଡାକ୍ତର ଦିଲିପ କର, ଆୟୁର୍ବେଦ ବିଶାରଦ ଡାକ୍ତର ସୁରଜିତ ପାଣିଗ୍ରାହୀ, ଶୀତଳାପଲ୍ଲି ସ୍ଥିତ ସମ୍ ହସପିଟାଲ ହେମାଟୋଲଜୀ ବିଶେଷଜ୍ଞ ଡାକ୍ତର ଅସ୍ରତ ବାନୋ, ବ୍ରହ୍ମପୁର ନଗର ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ଆସ୍ଥା, ଦାନ୍ତ ରୋଗ ବିଶେଷଜ୍ଞ ଡାକ୍ତର ସମୀର ରଞ୍ଜନ ପଣ୍ଡା ଓ ରୁବି ଚକ୍ଷୁ ଚିକିତ୍ସାଳୟ ଓ ଲାସିକ ସେଣ୍ଟରର ଟିମ୍ ପ୍ରମୁଖ ଯୋଗଦେଇ ଚିକିତ୍ସା କରିବା ସହ ଉପଯୁକ୍ତ ପରାମର୍ଶ ଦେଇଥିଲେ । ସଚେତନତା ଶିବିରରେ ୨୮୧ ଜଣ ରୋଗୀଙ୍କ ପରୀକ୍ଷା କରାଯିବା ସହ ମାଗଣାରେ ଔଷଧ ବିତରଣ କରାଯାଇଥିଲା । ଶିବିରରେ ଚାରି ଜଣଙ୍କୁ କର୍କଟ ରୋଗ ଥିବାର ଆଶଙ୍କା କରାଯାଇଥିଲା । ମୁମ୍ବାଇସ୍ଥିତ ଜଗନ୍ନାଥ କ୍ୟାନ୍‌ସର୍ ଏଣ୍ଡ ଫାଉଣ୍ଡେସନ ଏହି କର୍କଟ ନିରୂପଣ ଶିବିରକୁ ସହଯୋଗର ହାତ ବଢ଼ାଇଥିଲେ । ଏହି ଅବସରରେ ଜଗନ୍ନାଥ କ୍ୟାନସର ଏଣ୍ଡ ଫାଉଣ୍ଡେସନର ସମାଜସେବୀ କବିତା ମିଶ୍ର, ଗାୟତ୍ରୀ ମହାନ୍ତି, ଚିତ୍ତରଞ୍ଜନ ଦାଶ, ପ୍ରୀତି ରାୟ, ସୁଚିତ୍ରା ଦାଶ, କ୍ରାନ୍ତି ଅନୁଷ୍ଠାନର ନିର୍ମଳା ଦାଶ, ଦେବରାଜ ରାଉତ, ଆଇଏସଆରଡିର ନିର୍ଦ୍ଦେଶକ ସୁଧୀର ସାବତ ଓ ବ୍ରହ୍ମପୁର ଓ୍ୱାନ ଷ୍ଟପ୍ ସେଣ୍ଟରର ଇନ୍‌ଚାର୍ଜ ମହେଶ୍ୱତା ପାଢୀ ପ୍ରମୁଖ ଉପସ୍ଥିତ ରହି ରୋଗୀମାନଙ୍କୁ ଉତ୍ସାହିତ କରିଥିଲେ ।

# କେଏନ୍‌ପୁରରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

**ପୁରୁଷୋତ୍ତମପୁର,୯।୨/ଏନ୍‌ଏନ୍‌ଏସ୍:** ପୁରୁଷୋତ୍ତମପୁର ବ୍ଲକ କେଏନପୁର ପଞ୍ଚାୟତରେ ଆଜି ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ମହିଳା ସରପଞ୍ଚ ରାଜଲକ୍ଷ୍ମୀ ବେହେରା, ସମିତିସଭ୍ୟା ସାରଳା ବେହେରା, ଜିପିଓ ମୀନକେତନ ବେହେରା ଏବଂ ପଞ୍ଚାୟତ ପିଇଓଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ ଅତିଥି ଭାବେ ଛତ୍ରପୁର ପିଡି ଦାୟିତ୍ୱରେ ଥିବା ବିଜୟ କୁମାର ବେହେରା, ବ୍ଲକ ଅଧ୍ୟକ୍ଷା ପିଙ୍କି ବେହେରା, ବ୍ଲକ ବିଡ଼ିଓ ଶରତ ଚନ୍ଦ୍ର ପାତ୍ର ଓ ତହସିଲଦାର ବିନୋଦ କୁମାର ବେହେରା ଯୋଗ ଦେଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପୁରୁଷୋତ୍ତମପୁର ଆଇଆଇସି ରାଜେଶ ନାୟକ, କେ. ଏନପୁର ମହିଳା ସରପଞ୍ଚ ରାଜଲକ୍ଷ୍ମୀ ବେହେରା, ସମିତି ସଭ୍ୟା ସାରଳା ବେହେରା ମଞ୍ଚାସିନ ଥିଲେ । ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ, ଜିଆରଏସ, କିଛି ପଞ୍ଚାୟତର ପିଇଓ, ଯୋଗାଣ ସହାୟକ, କେଏନ୍‌ପୁର ପଞ୍ଚାୟତ କର୍ମଚାରୀ ଉପସ୍ଥିତ ଥିଲେ । ଶିବିରରେ ବିଭିନ୍ନ ସମସ୍ୟା ନେଇ ମୋଟ ୪୦୦ରୁ ଅଧିକ ଅଭିଯୋଗ ଆସିଥିଲା । ବିଶେଷ କରି ରାସନକାର୍ଡ଼ ସଂଯୋଗୀକରଣ, ଆବାସ, ଭତ୍ତା ଭଳି ଅଧିକାଂଶ ଅଭିଯୋଗ ଆସିଥିବା ଜଣାପଡିଛି । କେତେକ ଗ୍ରାମବାସୀ ମୌଳିକ ଅଧିକାରରୁ ବଞ୍ଚିତ ହେଉଥିବା ବେଳେ ପଞ୍ଚାୟତ ଯନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀମାନେ ସହଯୋଗ କରୁନଥିବା ନେଇ ଅଭିଯୋଗ କରିଥିଲେ । ଅଭିଯୋଗ ଶୁଣିବା ପରେ ପିଡି ବିଜୟ କୁମାର ବେହେରା ବିଡ଼ିଓ ଓ ତହସିଲଦାରଙ୍କୁ ଅଭିଯୋଗର ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସମାଜସେବୀ ଏନ୍. ରାମଚନ୍ଦ୍ର ରେଡ଼ୀଙ୍କ ସହ ପଞ୍ଚାୟତର ବିକ୍ରମ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ମହାଶିବରାତ୍ରୀ ଉପଲକ୍ଷେ ଦୀପ ପ୍ରସ୍ତୁତିରେ ବ୍ୟସ୍ତ କୁମ୍ଭକାର



**ବୁଗୁଡ଼ା,୯।୨/ଏନ୍‌ଏନ୍‌ଏସ୍:** ଆଗକୁ ଆସୁଛି ମହାଶିବରାତ୍ରୀ ବା ଜାଗର । ସବୁ ଶିବ ମନ୍ଦିରରେ ଜାଗର ଜାଳିବେ ଶ୍ରଦ୍ଧାଳୁ । ଏଥି ପାଇଁ ବୁଗୁଡ଼ା ଅଞ୍ଚଳର ବହୁ କୁମ୍ଭକାର ପରିବାର ମାଟି ଦୀପ ପ୍ରସ୍ତୁତିରେ ବ୍ୟସ୍ତଥିବା ଦେଖିବାକୁ ମିଳୁଛି । ପୂର୍ବ ପୁରୁଷରୁ ମାଟିରୁ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତିକୁ କୌଳିକ ବୃତ୍ତି ଭାବେ ଆପଣାଇ ନେଇଥିବା କୁମ୍ଭକାରଙ୍କ ବେଉସା ଆଧୁନିକତାର ମାଡ଼ରେ ନହଜି ଅଦ୍ୟାବଧି ବଞ୍ଚି ରହିଛି । ପୂର୍ବରୁ ମାଟି ପାତ୍ରର ଚାହିଦା ଯଥେଷ୍ଟ ଅଧିକ ଥିଲା ଏବଂ ରୋଷେଇ ପାଇଁ ଆବଶ୍ୟକ ମାଟି ପାତ୍ର ଠାରୁ ଆରମ୍ଭ କରି ହାଣ୍ଡି, ମାଠିଆ, ସୁରେଇ ଆଦି ଭଳି ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରି କୁମ୍ଭକାର ପରିବାର ବେଶ୍ ଦୁଇ ପଇସା ରୋଜଗାର କରି କୁଟୁମ୍ବର ଗୁଜରାଣ ମେଣ୍ଟାଇ ପାରୁଥିଲା । ସମୟାନୁକ୍ରମେ ଆଧୁନିକ ମଣିଷର ରୁଚିରେ ମଧ୍ୟ ପରିବର୍ତ୍ତନ ଦେଖା ଦେଇଛି । ଏବେ ରୋଷେଇ ପାଇଁ ସାଧାରଣ ଲୋକେ ମାଟି ପାତ୍ରକୁ ଭୁଲି ବିଭିନ୍ନ ଧାତୁରେ ନିର୍ମିତ ବାସନ କୁସନ ବ୍ୟବହାର କରିବାକୁ ପସନ୍ଦ କଲେଣି । ଏଭଳି ପରିସ୍ଥିତିରେ କୁମ୍ଭକାରଙ୍କ ବୃତ୍ତି ପ୍ରଦାନ ପ୍ରତି ସଙ୍କଟ ସୃଷ୍ଟି ହୋଇଛି । ତଥାପି କୌଳିକ ବୃତ୍ତିକୁ ବଞ୍ଚାଇ ରଖିବା ପାଇଁ ଏବେ ସୁଦ୍ଧା ସଙ୍ଘର୍ଷ ଜାରି ରଖିଛନ୍ତି କୁମ୍ଭକାର ପରିବାର । ବିଶେଷକରି ପର୍ବପର୍ବାଣୀରେ କୁମ୍ଭକାରଙ୍କୁ ସାଧାରଣ ଲୋକେ ମନେ ପକାଇଥାନ୍ତି । ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଏମିତି କିଛି ସାମଗ୍ରୀ ରହିଛି ଯାହାକି ପୂଜା ବ୍ରତ ସକାଶେ ନିହାତି ଜରୁରୀ । ବିଜ୍ଞାନ ଯୁଗରେ ଆଲୋକର ଦୀପ ମିଳୁଥିଲେ ମଧ୍ୟ ଜାଗର ପାଇଁ ମାଟି ଦୀପର ଚାହିଦା ଏବେ ବି ଅତୁଟ ରହିଛି । ବର୍ଷ ତମାମ ବେକାରରେ ରହୁଥିବା କୁମ୍ଭକାର ପରିବାରଙ୍କ ପାଇଁ ଦୀପାବଳି ଓ ମହାଶିବରାତ୍ରୀ ବା ଜାଗର ପର୍ବ ରୋଜଗାର ସୃଷ୍ଟି କରିଥାଏ । ଜାଗର ପର୍ବର ବହୁ ଦିନ ପୂର୍ବରୁ କୁମ୍ଭକାର ପରିବାରର ସମସ୍ତ ସଦସ୍ୟ ଲାଗି ପଡ଼ିଥାନ୍ତି ମାଟି ଦୀପ ପ୍ରସ୍ତୁତିରେ । ତେବେ ମାଟିରେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରିବାକୁ ବୃତ୍ତି ଭାବେ ଆଦରି ନେଇଥିବା କୁମ୍ଭକାର ପରିବାରଙ୍କ ପାଇଁ ସରକାର କୌଣସି ପ୍ରକାର ଯୋଜନା କାର୍ଯ୍ୟକାରୀ କରି ନ ଥିବାରୁ ଏହି ବୃତ୍ତି ଆଗାମୀ ଦିନରେ ଲୋପ ପାଇବା ଆଶଙ୍କାକୁ ଏଡ଼ାଇ ଦେଇ ହେବ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

**ସରକାରୀ ଟେକ୍‌ନିକାଲ୍ ହାଇସ୍କୁଲ୍‌ର ଅବସରପ୍ରାପ୍ତ ଶିକ୍ଷକଙ୍କ ମହାନତା**

# ବିଦ୍ୟାର୍ଥୀଙ୍କୁ ଶିକ୍ଷା ସହାୟତା ଲାଗି ଆର୍ଥିକ ଦାନ

**ଆସିକା,୯।୨/ଏନ୍‌ଏନ୍‌ଏସ୍:** ଆସିକା ବ୍ଲକ ଅନ୍ତର୍ଗତ କଲେଜଛକ ଅଞ୍ଚଳସ୍ଥିତ ସରକାରୀ ଟେକନିକାଲ୍ ହାଇସ୍କୁଲର ଅବସରପ୍ରାପ୍ତ ଛାତ୍ରବତ୍ସଳ ଶିକ୍ଷକ ଶରତ ଚନ୍ଦ୍ର ଖାଡଙ୍ଗାଙ୍କ ମହାନତାକୁ ନେଇ ଏବେ ବିଭିନ୍ନ ମହଲରେ ଚର୍ଚ୍ଚା ବିଷୟ ପାଲଟିଛି । ଅବସରପ୍ରାପ୍ତ ସହକାରୀ ଶିକ୍ଷକ ଶ୍ରୀ ଖାଡଙ୍ଗା ଶିକ୍ଷାନୁଷ୍ଠାନର ନବମ ଓ ଦଶମ ଶ୍ରେଣୀରେ ପ୍ରତ୍ୟେକ ବର୍ଷ ଟପ୍ପର ହେଉଥିବା ବିଦ୍ୟାର୍ଥୀମାନଙ୍କ ମନୋବଳକୁ ବୃଦ୍ଧି କରିବା ଲକ୍ଷ୍ୟରେ ୫୧୧୦୧ ଟଙ୍କା ଦାନ କରିଛନ୍ତି । ଉକ୍ତ ଅର୍ଥକୁ ସ୍ଥାୟୀ ଜମା ଭାବେ ବ୍ୟାଙ୍କରେ ଜମା କରାଯାଇଛି । ଏହି ସ୍ଥାୟୀ ଜମା ଟଙ୍କାରୁ ପ୍ରତ୍ୟେକ ବର୍ଷକୁ ମିଳୁଥିବା ସୁଧରେ ସରକାରୀ ଟେକନିକାଲ୍ ହାଇସ୍କୁଲରେ ନବମ ଓ ଦଶମ ଶ୍ରେଣୀ ପାଠ୍ୟକ୍ରମରେ ଟପ୍ପର ହେଉଥିବା ବିଦ୍ୟାର୍ଥୀମାନଙ୍କୁ ନଗଦ ଆକାରରେ ପ୍ରଦାନ କରିବା ଲାଗି ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିବା ଜଣାପଡିଛି ।



ଆସିକା ସରକାରୀ ଟେକନିକାଲ୍ ହାଇସ୍କୁଲର ଅବସରପ୍ରାପ୍ତ ଛାତ୍ରବତ୍ସଳ ସହକାରୀ ଶିକ୍ଷକ ଶରତ ଚନ୍ଦ୍ର ଖାଡଙ୍ଗା ଗତ ୨୦୦୯ ମସିହା ଡିସେମ୍ବର ମାସରେ ନିଜର କର୍ମମୟ ଜୀବନରୁ ଅବସର ଗ୍ରହଣ କରିଥିଲେ । ସେ ଦୀର୍ଘ ପ୍ରାୟ ୩ ବର୍ଷ ଧରି ବିନା ପାରିଶ୍ରମିକଙ୍କରେ ଅତିଥି ଶିକ୍ଷକ ରୂପେ ନିଯୁକ୍ତି ପାଇ ନିଜର ଶିକ୍ଷାଦାନ ଶୈଳୀକୁ ନିରବିଚ୍ଛିନ୍ନ ଭାବେ ଅବ୍ୟାହତ ରଖିଥିଲେ । ଅବସରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ଖାଡଙ୍ଗା ବାଲିପଦର ନିଟକସ୍ଥ ପ୍ରତାପଧନଞ୍ଜୟପୁର ଗ୍ରାମର ଅବସରପ୍ରାପ୍ତ ବନବିଭାଗର କର୍ମଚାରୀ ସ୍ୱର୍ଗତ ରାଧାକୃଷ୍ଣ ଖାଡଙ୍ଗା ଏବଂ ସ୍ୱର୍ଗତା ହରପ୍ରିୟା ଖାଡଙ୍ଗାଙ୍କ ସୁପୁତ୍ର ଅଟନ୍ତି । ସେ ୧୯୭୩ ମସିହାରେ ଗଜପତି ଜିଲ୍ଲାର ଛେଲିଗଡ ସରକାରୀ ହାଇସ୍କୁଲରେ ଶିକ୍ଷକ ରୂପେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲା ବେଳେ ପରବର୍ତ୍ତୀ ସମୟରେ ଆସିକା ହରିହର ହାଇସ୍କୁଲ, ସୋରଡା ବାଳକ ଓ ବାଳିକା ହାଇସ୍କୁଲ, କବିସୂର୍ଯ୍ୟନଗର ଏସ୍‌ଏମ୍ ହାଇସ୍କୁଲ ଏବଂ ଆସିକା ସରକାରୀ ଟେକନିକାଲ୍ ହାଇସ୍କୁଲରେ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ ସୁଚାରୁ ରୂପେ ସଂପାଦନ କରିଆସିଥିବା ନଜିର୍ ରହିଛି । ଶ୍ରୀ ଖାଡଙ୍ଗାଙ୍କୁ ଶିକ୍ଷାନୁଷ୍ଠାନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମରେ ସମ୍ମାନୀତ କରାଯାଇଥିଲା । ଅବସରପ୍ରାପ୍ତ ଶିକ୍ଷକ ଶ୍ରୀ ଖାଡଙ୍ଗାଙ୍କ ଟେକନିକାଲ୍ ହାଇସ୍କୁଲକୁ ଆର୍ଥିକ ସହୟତାକୁ ନେଇ ନୋଡାଲ୍ ପ୍ରଧାନଶିକ୍ଷକ ନାରାୟଣ ମହାପାତ୍ର, ଶିକ୍ଷାନୁଷ୍ଠାନର ପ୍ରଧାନଶିକ୍ଷୟିତ୍ରୀ ପ୍ରଜ୍ଞା ପରମିତା ପଣ୍ଡା, ସହକାରୀ ଶିକ୍ଷକ ରାମଚନ୍ଦ୍ର ପ୍ରଧାନ, କୈଳାଶ ଗୌଡ, ଲକ୍ଷ୍ମୀ ଜେନା, ଦେବାଶିଷ୍ ପାଣିଗ୍ରାହୀ, ସର୍ମିଷ୍ଠା ସାହୁ, ଗାୟତ୍ରୀ ବେହେରା, ସୁମିତ୍ରା କାର୍ଜି, ରୁଚି ନାହାକ, ଇପ୍ସିତା ମଲିକ, ମିତାଞ୍ଜଳୀ ପଣ୍ଡା, ଭଗବାନ ସ୍ୱାଇଁ, ବଳରାମ ବେହେରା, ରାହୁଲ ପଟ୍ଟନାୟକ, ଶୁଭାଶିଷ ନାହାକ, ସିଦ୍ଧାନ୍ତ ସେଠୀ, କିରାଣୀ ଅନିଲ୍ କୁମାର ଜେନା, କର୍ମଚାରୀ ରବିନ୍ଦ୍ର କୁମାର ସ୍ୱାଇଁ, ବାସୁଦେବ ସ୍ୱାଇଁ, ଜୟଦେବ ରାଉତ ପ୍ରମୁଖ କୃତଜ୍ଞତା ଜଣାଇବା ସହ ସୁସ୍ଥ ଓ ନିରାମୟ ଜୀବନ କାମନା କରିଛନ୍ତି ।

# ଫୁଲବାଣୀ ମଣ୍ଡଳ ଜେଲ୍‌ରେ ସଂସ୍କାର କାର୍ଯ୍ୟକ୍ରମ

**ଫୁଲବାଣୀ,୯।୨/ଏନ୍‌ଏନ୍‌ଏସ୍:** ଅପରାଧ କରିଥିବା ଲୋକଙ୍କୁ ଦଣ୍ଡ ଭୋଗିବା ପାଇଁ ଜେଲରେ ରଖା ଯାଇଥାଏ । ବାହାର ଦୁନିଆରୁ ଅଲଗା ହୋଇ ବନ୍ଦୀ ଜୀବନ କାଟୁଥିବା ଏହି ଲୋକମାନେ ଜେଲରୁ ମୁକୁଳିବା ପରେ କିଭଳି ସାଧାରଣ ମଣିଷ ଭଳି ଜୀବନ ବିତାଇ ପାରିବେ, ଏହାକୁ ଦୃଷ୍ଟିରେ ରଖି ଜେଲ କର୍ତ୍ତୃପକ୍ଷ ଏକ ସଂସ୍କାର କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଜେଲ ଅନ୍ତେବାସୀଙ୍କ ମନରେ ଆଧ୍ୟାତ୍ମିକତା ସୃଷ୍ଟି ପାଇଁ ଏକ ଅଭିନବ ପ୍ରୟାସ କରାଯାଇଛି । ଫୁଲବାଣୀ ମଣ୍ଡଳ କାରାଗାରରେ ଏବେ ୩୩୫ ଜଣ



ଅନ୍ତେବାସୀ ରହୁଛନ୍ତି । ସେମାନଙ୍କ ମଧ୍ୟରେ ୧୮ ଜଣ ମହିଳା ଅଛନ୍ତି । ସୋମବାର ସକାଳେ ସବୁ ଅନ୍ତେବାସୀ ନୂତନ ବସ୍ତ୍ର ପରିଧାନ କରି ଏକ ଗାୟତ୍ରୀ ଯଜ୍ଞରେ ଯୋଗ ଦେଇଥିଲେ । ଗାୟତ୍ରୀ ପରିବାର ପକ୍ଷରୁ ଆୟୋଜିତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଅନ୍ତେବାସୀମାନେ ଯୋଗ ଦେଇ ଭଜନ କୀର୍ତ୍ତନ କରିଥିଲେ । ଏଭଳି ଆଧ୍ୟାତ୍ମିକ ପରିବେଶ ନିଶ୍ଚିତ ଭାବେ ଅନ୍ତେବାସୀଙ୍କୁ ଅପରାଧ ଠାରୁ ଦୂରେଇ ସାମାଜିକ ଜୀବନ ଅତିବାହିତ କରିବା ପାଇଁ ପ୍ରୋତ୍ସାହିତ କରିବ ବୋଲି ଜେଲ କର୍ତ୍ତୃପକ୍ଷ କହିଛନ୍ତି । ଏଭଳି କାର୍ଯ୍ୟକ୍ରମ ପ୍ରତ୍ୟେକ ଜେଲରେ ହେବା ଆବଶ୍ୟକ ବୋଲି ପ୍ରକାଶ କରିଛନ୍ତି ଫୁଲବାଣୀ ଗାୟତ୍ରୀ ପରିବାର ।

# ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ ଘଟଣା, ଶଙ୍କର ଗୌଡ଼ ଗିରଫ

**ରଙ୍ଗେଇଲୁଣ୍ଡା,୯।୨/ଏନ୍‌ଏନ୍‌ଏସ୍:** ଗୋଳନ୍ଥରା ଥାନା କନିଷି ହାଟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗତ ୧୮ ତାରିଖରେ ଜଣେ ଯୁବକଙ୍କୁ ଖଣ୍ଡା ଓ ଲୁହା ରଡ଼ରେ ସଂଘବୋଧ ଆକ୍ରମଣ ଘଟଣରେ ଆଜି ଗୋଳନ୍ଥରା ପୁଲିସ ସମ୍ପୃକ୍ତ ଥିବା ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ବାଘଲଟି ଗ୍ରାମର ଶଙ୍କର ପ୍ରସାଦ ଗୌଡ଼ ଓରଫ ଶଙ୍କର । ପୂର୍ବରୁ ଏହି ଘଟଣାରେ ପୁଲିସ୍ ତିନି ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସୂଚନା ଅନୁସାରେ ଏହି ଥାନା ଅଧିନସ୍ଥ ବାଘଲଟି ଗ୍ରାମର ଭାବଗ୍ରାହୀ ଗୌଡ଼ ସହ ଗ୍ରାମର ଅନ୍ୟ ଗୋଷ୍ଠୀର ସହ ମନ୍ଦିର କମିଟି ଓ ପୂର୍ବ ଶତ୍ରୁତା ଲାଗି ରହିଥିଲା । ଗତ ମାସ ୧୮ ତାରିଖ ଭାବଗ୍ରାହୀ କନିଷି ହାଟ ତୁଲୁ ରୋଡ଼କୁ ପାଇପ କାମ କରିବାକୁ ଯାଉଥିବା ବେଳେ ତୁଲୁ ରାସ୍ତା ନିକଟରେ ସେହି ଗ୍ରାମର ଚାରିରୁ ଉର୍ଦ୍ଧ୍ୱ ଯୁବକ ଭାବଗ୍ରାହୀଙ୍କୁ ଅଟକାଇ ଖଣ୍ଡା ଓ ଲୁହା ରୋଡ଼ ଆକ୍ରମଣ କରି ଲହୁଲୁହାଣ କରିଥିଲେ । ଗୁରୁତର ଭାବଗ୍ରାହୀଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଏନେଇ ଆହତଙ୍କ ବାପା ସନାତନ ଗୌଡ଼ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ



କରିଥିଲେ । ପୁଲିସ ୩୦/୨୬ ପ୍ରକାରେ ହତ୍ୟା ଉଦ୍ୟମ ରୁଜୁ କରିଥିବା ବେଳେ ଆକ୍ରମଣକାରୀ ଯୁବକମାନେ ଫେରାର ହୋଇଯାଇଥିଲା । ଶଙ୍କର ଆନ୍ଧ୍ର ପ୍ରଦେଶ ବିଶାଖାପାଟଣା ଥିବା ପୁଲିସ କୌଣସି ସୂତ୍ରରୁ ଖବର ପାଇଥିଲା । ଗୋଳନ୍ଥରା ଥାନା ଏସ.ଆଇ ସିଲୁ ଧଳ ନେତୃତ୍ୱରେ ଏକ ପୋଲିସ ଟିମ ସେଠାରେ ଚଢ଼ାଉ ଗିରଫ କରିବାରେ ସଫଳ ହୋଇଥିଲେ । ଅନ୍ୟପଟେ ଗିରଫ ଶଙ୍କର ନାଁରେ ବ୍ରହ୍ମପୁର ପୁଲିସ ଜିଲାର ଗୋଳନ୍ଥରା, ବୈଦ୍ୟନାଥପୁର, ବ୍ରହ୍ମପୁର ଟାଉନ, ବ୍ରହ୍ମପୁର ସଦର ଥାନାରେ ୧୩ ଟି ଅପରାଧିକ ମାମଲା ରହିଥିବା ନେଇ ପ୍ରେସ୍ ବିବୃତିରେ ସୂଚନା ଦେଇଛି ପୁଲିସ ।

# ପିଏମ୍‌ଶ୍ରୀ ହରିହର ହାଇସ୍କୁଲ୍‌ର ଦଶମ ଶ୍ରେଣୀ ବିଦ୍ୟାର୍ଥୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଆସିକା,୯।୨/ଏନ୍‌ଏନ୍‌ଏସ୍:** ଆସିକା ସହରର ଶତାୟୁ ପୁରାତନ ପିଏମ୍‌ଶ୍ରୀ ହରିହର ହାଇସ୍କୁଲର ଦଶମ ଶ୍ରେଣୀରେ ଅଧ୍ୟୟନରତ ବିଦ୍ୟାର୍ଥୀମାନଙ୍କୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିବା ଲକ୍ଷ୍ୟ କରାଯାଇଛି । ଆସିକା ପିଏମ୍‌ଶ୍ରୀ ହରିହର ହାଇସ୍କୁଲରେ ଦଶମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ଆସନ୍ତା ୧୯ ତାରିଖରୁ ଆରମ୍ଭ ହେବାକୁ ଥିବା ମାଟ୍ରିକ ପରୀକ୍ଷା ଦେବାକୁ ଥିବା ବେଳେ ଏହି ଅବସରରେ ଶିକ୍ଷାନୁଷ୍ଠାନ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା ଏହି କାର୍ଯ୍ୟକ୍ରମରେ ପିଏମ୍‌ଶ୍ରୀ ହରିହର ହାଇସ୍କୁଲର ପ୍ରଧାନଶିକ୍ଷକ ରମାକାନ୍ତ ମହାନ୍ତି, ସହକାରୀ ଶିକ୍ଷକ ସୁଶାନ୍ତ କୁମାର ପଣ୍ଡା ରଜନୀରାଣୀ ଦାଶ, ରଂଜିତ କୁମାର ପ୍ରଧାନ,



ଅର୍ଚ୍ଚନା ପାଢୀ, ପ୍ରଶାନ୍ତ କୁମାର ନାୟକ, ମମତା କୁମାରୀ ଭଂଜ, ନର୍ମଦା କୁମାରୀ ସ୍ୱାଇଁ, ଚନ୍ଦ୍ରିକା ସୁନା, ଦେବେନ୍ ନାୟକ, ରଶ୍ମିତା କୁମାରୀ ମିଶ୍ର, ଅଜିତ କୁମାର ରଣା, ବଟକୃଷ୍ଣ ଗୌଡ, ମନୋରଂଜନ ପଣ୍ଡା, ସବିତା କୁମାରୀ ତ୍ରିପାଠୀ, ଗାୟତ୍ରୀ ପାତ୍ର, ଜୁଲି ରଥ, ଅନିଲ୍ କୁମାର ବେହେରା ପ୍ରମୁଖ ଯୋଗଦେଇ ମାଟ୍ରିକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ନିଜ ପିତାମାତା ଓ ଗୁରୁଜନଙ୍କ ସ୍ୱପ୍ନକୁ ସାକାର କରିବା ସାଙ୍ଗକୁ ଶିକ୍ଷାନୁଷ୍ଠାନର ସୁନାମ ଓ ଗୌରବକୁ ଅକ୍ଷୁର୍ଣ୍ଣ ରଖିବାକୁ ଆହ୍ୱାନ କରିବା ସାଙ୍ଗକୁ ଉତ୍ତମ ଚରିତ୍ରର ଅଧିକାରୀ ହୋଇ ଉଜ୍ଜଳ ଭବିଷ୍ୟତ ଗଠନ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଦଶମ ଶ୍ରେଣୀର ବିଦ୍ୟାର୍ଥୀ ରାଧାସ୍ନେହା ମହାରଣା ଓ ସ୍ନେହା ନାହାକ ପ୍ରମୁଖ ଶିକ୍ଷାନୁଷ୍ଠାନର ପ୍ରଧାନଶିକ୍ଷକ ରମାକାନ୍ତ ମହାନ୍ତି ଓ ସମସ୍ତ ଶିକ୍ଷକ ଏବଂ ଶିକ୍ଷୟିତ୍ରୀମାନଙ୍କ ମାର୍ଗଦର୍ଶନ ଓ ପ୍ରେରଣା ସାଙ୍ଗକୁ ଅଧ୍ୟୟନ କାଳର ସ୍ମୃତି ଓ ଅନୁଭୂତି ସଦାସର୍ବଦା ଅବିସ୍ମରଣୀୟ ହୋଇରହିବ ବୋଲି ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ପିଏମ୍‌ଶ୍ରୀ ହରିହର ହାଇସ୍କୁଲର ଦଶମ ଶ୍ରେଣୀରେ ଅଧ୍ୟୟନରତ ଥିବା ବିଦ୍ୟାର୍ଥୀ ଓମ୍ ମହାରଣା, ଓମ୍ ନାହାକ, ଜୀବନ ପୋଲାଇ, ପ୍ରଜ୍ଞା ମହାନ୍ତି, ଅମନ ବେହେରା, ନାରାୟଣ ବେହେରା, ସତ୍ୟସାଇ ପଟ୍ଟନାୟକ, ମାମାଲି ବେହେରା, ରୁଦ୍ର ଗୌଡ, ଦେବାଶିଷ ପାତ୍ର, ଶୁଭଶ୍ରୀ ସାହୁ, ପ୍ରାଚୀ ସେଠୀ, ନାରାୟଣ ବେହେରା, ସତ୍ୟମ୍ ପାତ୍ରଙ୍କ ସମେତ ବହୁ ବିଦ୍ୟାର୍ଥୀ ଉପସ୍ଥିତ ଥିବା ଲକ୍ଷ୍ୟ କରାଯାଇଥିଲା ।




### ରାଜ୍ୟ ବିଜେପି କାର୍ଯ୍ୟାଳୟରେ ମିଶ୍ରଣ ପର୍ବ

# ପଦ୍ମ ଧରିଲେ ବିରିଡ଼ି ଓ କୃଷ୍ଣପ୍ରସାଦ ବ୍ଲକ ଅଧ୍ୟକ୍ଷା

**ଭୁବନେଶ୍ୱର,୯।୨/ଏନ୍ଏନ୍ଏସ୍:** ବିଜେଡି ହାତରୁ ଖସିଲା ଜଗତସିଂହପୁର ଜିଲ୍ଲାର ବିରିଡ଼ି ଓ ପୁରୀ ଜିଲ୍ଲାର କୃଷ୍ଣପ୍ରସାଦ ବ୍ଲକ । ରାଜ୍ୟର ଏହି ଦୁଇ ଗୁରୁତ୍ୱପୂର୍ଣ୍ଣ ବ୍ଲକର ଅଧ୍ୟକ୍ଷ ପଦବୀ ହରାଇଲା ବିଜେଡି । ଆଜି ଏହି ଦୁଇ ବ୍ଲକର ଅଧ୍ୟକ୍ଷା ବିଧିବଦ୍ଧ ଭାବେ ବିଜେପିରେ ସାମିଲ ହୋଇଛନ୍ତି । ସୋମବାର ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଆୟୋଜିତ ମିଶ୍ରଣ ପର୍ବରେ ପଦ୍ମ ଧରିଛନ୍ତି କୃଷ୍ଣପ୍ରସାଦ ବ୍ଲକ ଅଧ୍ୟକ୍ଷା ସରୋଜିନୀ ତରାଇ ଓ ବିରିଡ଼ି ବ୍ଲକର ଅଧ୍ୟକ୍ଷା ମମତା ପାତ୍ର । ଉଭୟ ଶତାଧିକ ସମର୍ଥକଙ୍କ ଗହଣରେ ବିଜେଡି ଛାଡ଼ି ବିଜେପିରେ ଯୋଗଦେଇଛନ୍ତି । ଏହି ମିଶ୍ରଣ ଦ୍ୱାରା ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ସମେତ ଜଗତ୍‌ସିଂହପୁର ଜିଲ୍ଲା ଓ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଏବଂ ପୁରୀ ଜିଲ୍ଲାରେ ଦଳୀୟ ସଂଗଠନ ଅଧିକ ସୁଦୃଢ଼ ହୋଇପାରିଛି ବୋଲି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି । ଏହି ଅବସରରେ ପୁରୀ ଜିଲ୍ଲା ବ୍ରହ୍ମଗିରି ବିଧାନସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ପଞ୍ଚାୟତ ସମିତି ସଦସ୍ୟ ବିଜୟ ତରାଇ, ବିଭୁତି ତରାଇ, ଉଲ୍ଲାସ ଚନ୍ଦ୍ର ତରାଇ, ଭାସ୍କର ତରାଇ, ଗୋଲଖ ତରାଇ, ମିଳନ ଦଳେଇ ପ୍ରମୁଖ ଆନୁଷ୍ଠାନିକ ଭାବେ ବିଜେଡି ଛାଡି ବିଜେପିରେ ସାମିଲ ହୋଇଛନ୍ତି ।



ସେହିପରି ଜଗତ୍‌ସିଂହପୁର ଜିଲ୍ଲା ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ଯୁବ ନେତା ତଥା ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଦେବୀ ପ୍ରସାଦ ତ୍ରିପାଠୀ, ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ପ୍ରକାଶ କୁମାର ଦାସ, ପୂର୍ବତନ ଅଧ୍ୟକ୍ଷ ପଦ୍ମନାଭ ଭୋଇ, ଆତ୍ମା କମିଟି ପୂର୍ବତନ ଅଧ୍ୟକ୍ଷ ନୃସିଂହ କୁମାର ଦାସ, ପୂର୍ବତନ ସରପଞ୍ଚ ନେତ୍ରନନ୍ଦ ପାତ୍ର, ୨ନଂ.ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାସ, ସରପଞ୍ଚ ପରୱେଜ ଅହମ୍ମଦ୍, ଲକ୍ଷ୍ମୀପ୍ରିୟା ମାଝୀ, ପୂର୍ବତନ ସରପଞ୍ଚ ଚିରଞ୍ଜିବ ପଟ୍ଟନାୟକ, କାଳନ୍ଦୀ ଚରଣ ବସ୍ତିଆ, ପ୍ରବୋଧ କୁମାର ତ୍ରିପାଠୀ, ସୁଜିତ୍ କୁମାର ଭୋଇ, ପଞ୍ଚାୟତ ଯୁବ ସଭାପତି ସଦାଶିବ ମହାପାତ୍ର, ଅଶୋକ ପଣ୍ଡା, ପାଣି ପଞ୍ଚାୟତ ସମ୍ପାଦକ ରଞ୍ଜିତ ପାତ୍ର, ପୂର୍ବତନ ବ୍ଲକ ସଭାପତି ସିତାଂଶୁ ଶେଖର ରାୟ, ଏସିଏସ୍ ସଭାପତି ନନ୍ଦ କିଶୋର ବସ୍ତିଆ, ଏସିଏସ୍ ନିର୍ଦ୍ଦେଶକ ଭାଗିରଥୀ ବେହେରା, ବିଶ୍ୱମ୍ଭର ମହାପାତ୍ର, ପୂର୍ବତନ ଏସିଏସ୍ ନିର୍ଦ୍ଦେଶକ ବଟକୃଷ୍ଣ ସେଠୀ, ପୂର୍ବତନ ଏସିଏସ୍ ସଭାପତି ପଞ୍ଚାନନ ବେହେରା, ସୁବ୍ରତ କୁମାର ପଟ୍ଟନାୟକ, ସତ୍ୟନାରାୟଣ ତ୍ରିପାଠୀ, ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ରଞ୍ଜିତ ମହାନ୍ତି, ସାମ୍ବାଦିକ ବସନ୍ତ କୁମାର ବେହେରା ପ୍ରମୁଖ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି ।

ରାଜ୍ୟ ସଭାପତି ଶ୍ରୀ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଉତ୍ତରୀୟ ପ୍ରଦାନ କରିବା ସହ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ କରିଛନ୍ତି । ଏହି ଅବସରରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ରାଜ୍ୟ ଉପସଭାପତି ଡ.ଯତୀନ ମହାନ୍ତି, ବିଷ୍ଣୁ ଦାସ, ରାଜ୍ୟ ସମ୍ପାଦକ ସରୋଜ କର, ପୁରୀ ଜିଲ୍ଲା ସଭାପତି ଡ. ଦେବେନ୍ଦ୍ରନାଥ ତରେଇ, ଜଗତ୍‌ସିଂହପୁର ଜିଲ୍ଲା ପ୍ରଭାରୀ ସୁବାସ ଜେନା, ତିର୍ତ୍ତୋଲ ବିଧାନସଭା ପ୍ରାର୍ଥୀ ରାଜକିଶୋର ବେହେରା, ବାଲିକୁଦା-ଏରସମା ପ୍ରାର୍ଥୀ ସତ୍ୟସାରଥି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## 'ବିଜେପି ସାଇକ୍ଲୋନ୍ ଭଳି ଆଗଉଛି'

**ଭୁବନେଶ୍ୱର,୯।୨/ଏନ୍ଏନ୍ଏସ୍:** ବିଜେପି ସାଇକ୍ଲୋନ ଭଳି ଆଗେଇ ଯାଉଛି । ଆମେ ଆଉ ଅଟକିବୁ ନାହିଁ । ଏଇଟା ଥିଲା ଟ୍ରେଲର । ପୂରା ଫିଲ୍ମ ବାକି ଅଛି । କୃଷ୍ଣ ପ୍ରସାଦ ବ୍ଲକ ଚେୟାରମ୍ୟାନ ସରୋଜିନୀ ତରାଇ ଏବଂ ପୂର୍ବତନ ବ୍ଲକ ଚେୟାରମ୍ୟାନ ବିଜୟ ତରାଇଙ୍କ ସମର୍ଥକ ବିଜେପିରେ ସାମିଲ ହେବା ପ୍ରସଙ୍ଗରେ ଏଭଳି କହିଛନ୍ତି ବିଜେପି ବିଧାୟିକା ଉପାସନା ମହାପାତ୍ର । ଏହି ଅବସରରେ ସେ ବିଜେଡିକୁ ଟାର୍ଗେଟ କରିବା ସହ ତେରଛା ବାଣ ମାରିଛନ୍ତି । ବିଜେପିର ଯେମିତି ମିଶ୍ରଣ ଚାଲୁ ରହିଛି, ବିଜେଡିର ସେମିତି ନିଲମ୍ବନ ପ୍ରକ୍ରିୟା ଚାଲୁ ରହିଥିବ ବୋଲି ସେ କହିଛନ୍ତି । ବିଜେଡିରେ ସସପେଣ୍ଡ, ବହିଷ୍କାର କରି କରି ସେ ଦଳରେ ମୁଖିଆଙ୍କୁ ମିଶାଇ ମାତ୍ର ତିନି ଜଣ ରହିବେ । ଜଣେ ତାମିଲନାଡୁରୁ ଆସିଛନ୍ତି । ଆଉ ଜଣେ ଉପକୁଳିଆ ନେତା ଅଛନ୍ତି । ଆଉ ନିଜେ ବିଜେଡିର ମୁଖିଆ । ଗାନ୍ଧୀଜୀଙ୍କ ତିନିଟି ମାଙ୍କଡ଼ ପରି ସେମାନେ ଖରାପ ଦେଖୁ ନଥିଲେ, କହୁ ନ ଥିଲେ, ଖରାପ ଶୁଣୁ ନ ଥିଲେ । ସେହିଭଳି ବିଜେଡି ରାଜ୍ୟର କିଛି ଭଲ ଦେଖିବ ନାହିଁ । ରାଜ୍ୟ ସରକରଙ୍କ ବିଷୟରେ କିଛି ଭଲ ଶୁଣିବ ନାହିଁ । କିଛି ଭଲ କହିବ ନାହିଁ, ଏହି ଧାରାରେ ଚାଲିଛି । ବିଜେପିର ଯେମିତି ମିଶ୍ରଣ ଚାଲୁ ରହିଛି, ବିଜେଡିର ସେମିତି ନିଲମ୍ବନ ପ୍ରକ୍ରିୟା ଚାଲୁ ରହିଥିବ ବୋଲି ଉପାସନା କହିଛନ୍ତି ।



## ସଡ଼କ ଦୁର୍ଘଟଣାରେ ୨ ମୃତ

**ଲଇକେରା,୯।୨/ଏନ୍ଏନ୍ଏସ୍:** ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ ସ୍ଥିତ ଧୂକା ଚୌକଠାରେ ଏକ କାର ଭାରସାମ୍ୟ ହରାଇ ଗଛକୁ ପିଟିବାରୁ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି । ମୃତକ ହେଲେ ପ୍ରମୋଦିନୀ ଚୌଧୁରୀ(୮୦), ସୁଶୀଲ ପଟେଲ( ୭୨) । ସେହିଭଳି ଗାଡ଼ି ଚଳାଉଥିବା କୁବେର ଚୌଧୁରୀ( ୬୩)ଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲଙ୍କୁ ସ୍ଥାନାନ୍ତର କରାଯାଇଛି । ଅନ୍ୟପକ୍ଷରେ ଆସନ୍ତାକାଲି ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ଲଇକେରା ଆଇଆଇସି କୃଷ୍ଣଚନ୍ଦ୍ର ମେହେର ସୂଚନା ଦେଇଛନ୍ତି ।

## ଏଣିକି ପ୍ରତି ଶୁକ୍ରବାର ହସ୍ତତନ୍ତ ଲୁଗା ପିନ୍ଧିବେ ରାଜସ୍ୱ କର୍ମଚାରୀ

**ଭୁବନେଶ୍ୱର,୯।୨/ଏନ୍ଏନ୍ଏସ୍:** ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ କଳା ପ୍ରତି ସମ୍ମାନ ଜଣାଇ ଏଣିକି ପ୍ରତି ଶୁକ୍ରବାର ରାଜସ୍ୱ ବିଭାଗର କର୍ମଚାରୀ ଓ ଅଫିସର ହସ୍ତତନ୍ତ ପୋଷାକ ପିନ୍ଧିବେ । କେବଳ ସେତିକି ନୁହେଁ ଦୁର୍ନୀତି ଓ ନିଶା ସେବନ କଲେ ହେବ କାର୍ଯ୍ୟାନୁଷ୍ଠାନ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏଭଳି ତାଗିଦ୍ କରିଛନ୍ତି ଅରବିନ୍ଦ ପାଢ଼ୀ । ବିଭାଗର ରାଜ୍ୟ ମୁଖ୍ୟାଳୟ, ଜିଲ୍ଲା ଏବଂ ତହସିଲ୍ କାର୍ଯ୍ୟାଳୟରେ କାର୍ଯ୍ୟରତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ପ୍ରେରଣ କରି ଏଭଳି ତାଗିଦ କରିଛନ୍ତି । ସଚ୍ଚୋଟତା, ବୃତ୍ତିଗତ ନିଷ୍ଠା ତଥା ସମ୍ବେଦନଶୀଳତାକୁ ପ୍ରାଥମିକତା ଦେବା ସହ ତ୍ୱରିତ ପ୍ରୟାସ ମାଧ୍ୟମରେ ବ୍ୟବସ୍ଥା ପ୍ରତି ସାଧାରଣ ଲୋକଙ୍କ ବିଶ୍ୱାସବୃଦ୍ଧି କରିବା ନିମନ୍ତେ ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଏଥି ସହିତ ନାଗରିକଙ୍କ ଅଭିଯୋଗର ତ୍ୱରିତ ସମାଧାନ, ଉତ୍ତମ ଶାସନ ପାଇଁ ପ୍ରଯୁକ୍ତିବିଦ୍ୟାର ବ୍ୟବହାର, ଲୋକସେବାରେ ଶିଷ୍ଟାଚାର ଓ ଶୃଙ୍ଖଳାର ପାଳନ, ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମି ସମେତ ସମସ୍ତ ସରକାରୀ ଜମିର ସୁରକ୍ଷା, ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟାପକ ବ୍ୟବହାର ଉପରେ ଶ୍ରୀ ପାଢ଼ୀ ଗୁରୁତ୍ୱ ଦେଇଛନ୍ତି । ସଚ୍ଚୋଟ ଓ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତାକୁ ସମ୍ମାନ ଓ ପୁରସ୍କାର ଦିଆଯିବା ସହ ଦୁର୍ନୀତି ଏବଂ ଏହାର ପୃଷ୍ଠପୋଷକ ତଥା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି । ବିଭିନ୍ନ ସମୟରେ କ୍ଷେତ୍ର ପରିଦର୍ଶନ କରି ଅଚାନକ୍ ଯାଞ୍ଚ କରିବା ସହ ବିଭାଗୀୟ ଅଧିକାରୀ ଏବଂ ସାଧାରଣ ଜନତାଙ୍କ ସହ ସିଧାସଳଖ ଆଲୋଚନା କରି ବାସ୍ତବ ସ୍ଥିତିର ମୂଲ୍ୟାଙ୍କନ କରିବା ନିମନ୍ତେ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ ପାଢୀ ତତ୍ପରତା ପ୍ରକାଶ କରିଛନ୍ତି ।

**ଦୁର୍ନୀତି ଓ ନିଶା ସେବନ କଲେ କାର୍ଯ୍ୟାନୁଷ୍ଠାନ**

## ପୁଣି ନିର୍ବାଚନ ଲଢ଼ିବେ ସୁର !

**ଭୁବନେଶ୍ୱର,୯।୨/ଏନ୍ଏନ୍ଏସ୍:** ପୁଣି ଜଟଣୀରୁ ନିର୍ବାଚନ ଲଢ଼ିବା ନେଇ ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ ସଂକେତ ଦେଇଛନ୍ତି । କଂଗ୍ରେସ ଟିକେଟରୁ ଜଟଣୀରୁ ସେ ଲଢ଼ିବେ ବୋଲି କହିଥିବାବେଳେ ଲୋକ ଚାହିଁଲେ ଲଢ଼ିବି ବୋଲି କହିଛନ୍ତି । ସେ କହିଛନ୍ତି ଲୋକ ଚାହିଁଲେ ଲଢ଼ିବି, ମୁଁ ଛାଡ଼ିଦେଇଥିଲି ବୋଲି ୨୦୨୪ରେ କଂଗ୍ରେସ ଜଟଣୀରେ ହାରିଲା । ଏଥର ଜଟଣୀରେ କଂଗ୍ରେସ ଆସିବ । ଆମ ପାଖରେ ଶକ୍ତି, ସଂଗଠନ, ପଇସା ଅଛି । ଲଢ଼ିବୁ ଆଉ ଜିତିବୁ ବୋଲି ଦମ୍ଭ ଦେଖାଇଛନ୍ତି ସୁର । ୨୦୨୪ ନିର୍ବାଚନ ପୂର୍ବରୁ ଦୁଇ ପୁଅଙ୍କ ପାଇଁ ବାଟ ଛାଡ଼ି ସକ୍ରୀୟ ରାଜନୀତିରୁ ଓହରି ଯାଇଥିଲେ ସୁର । ହେଲେ ଏବେ ପୁଣି ଲଢ଼ିବାକୁ ଅଣ୍ଟା ଭିଡ଼ିଲେଣି । ୨୦୨୯ରେ ଜଟଣୀରେ କଂଗ୍ରେସ ଆସିବ । ଲୋକଙ୍କ ସହ ଆମେ ମିଶୁଛୁ । ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଉଛି ବୋଲି ସୁର କହିଛନ୍ତି । ଅନ୍ୟପଟେ ଗତ ନିର୍ବାଚନରେ ଜଣେ ପୁଅଙ୍କୁ କଂଗ୍ରେସରେ ଆଉ ଜଣଙ୍କୁ ବିଜେଡିରେ ଛାଡି ପ୍ରଚାର ମଇଦାନକୁ ଓହ୍ଲାଥିବା ସୁର ଏକ ପ୍ରକାର ହରଡ଼ଘଣାରେ ପଡ଼ିଥିଲେ । ଅନେକ ସ୍ଥାନରେ ପରିସ୍ଥିତି ଏମିତି ହୋଇଥିଲା ଯେ ତାଙ୍କୁ ହଟହଟା ହେବାକୁ ପଡ଼ିଥିଲା । ଏବେ ପୁଣି ଜଟଣୀ ଉପରେ ଆଖି ପକାଇଛନ୍ତି । ତେବେ ସମୟ କହିବ ତାଙ୍କୁ ଟିକଟ ମିଳୁଛି କି ନାହିଁ ।



## ବଢୁଛି ତାପମାତ୍ରା, କମୁଛି ଶୀତ

**ଭୁବନେଶ୍ୱର,୯।୨/ଏନ୍ଏନ୍ଏସ୍:** ରାଜ୍ୟରେ ଧୀରେ ଧୀରେ କମୁଛି ଶୀତ, ବୃଦ୍ଧି ପାଉଛି ତାପମାତ୍ରା । ବିଶେଷକରି ଆଭ୍ୟନ୍ତରୀଣ ଓଡ଼ିଶାରେ ଦୁଇ ଦିନ ହେବ ଯଦିଓ ଶୀତ କିଛି ମାତ୍ରାରେ ଅନୁଭବ ହେଉଛି ହେଲେ ତାପମାତ୍ରା ବଢ଼ିବା ସହ ଶୀତ ଗାୟବ ହେବ ବୋଲି ପାଣିପାଗ ବିଭାଗ ଆକଳନ କରିଛି । ୧୪ ଟି ସ୍ଥାନରେ ୩୧ ଡିଗ୍ରୀ ଉପରେ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ଆଗକୁ ଆହୁରି ତାପମାତ୍ରା ବଢ଼ିବ ବୋଲି ଅନୁମାନ କରାଯାଉଛି । ଆଗାମୀ ୩ ଦିନ ମଧ୍ୟରେ ୨ ରୁ ୩ ଡିଗ୍ରୀ ବୃଦ୍ଧି ହେବାକୁ ଥିବାବେଳେ ୩୫ ଡିଗ୍ରୀ ଛୁଇଁପାରେ ରାଜ୍ୟର ତାପମାତ୍ରା । ତାପମାତ୍ରା ଧୀରେ ଧୀରେ ବଢ଼ିବା ସହ ରାଜ୍ୟରେ ଅସହ୍ୟ ଖରା ସହ ଗରମ ଓ ଗୁଲୁଗୁଲି ଅନୁଭବ ହେବାର ସମ୍ଭାବନା ରହିଛି । ରାଜ୍ୟରେ ବର୍ତ୍ତମାନ କୌଣସି ପାଣିପାଗ ନିୟାମକ ସକ୍ରିୟ ନଥିବା ବେଳେ ଆଗାମୀ ୭ ଦିନ ଯାଏ ପାଗ ଶୁଖିଲା ରହିବା ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ତାପମାତ୍ରା ବୃଦ୍ଧି ପାଉଥିବା ବେଳେ ଗତ ୨୪ ଘଣ୍ଟାରେ ୬ଟି ସ୍ଥାନରେ ୧୦ ଡିଗ୍ରୀ ତଳେ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ୧୪ ଟି ସ୍ଥାନରେ ୩୧ ଡିଗ୍ରୀ ଉପରେ ତାପମାତ୍ରା ରେକର୍ଡ ହୋଇଛି । ସେହିପରି ଗତ ୨୪ ଘଣ୍ଟାରେ ସର୍ବାଧିକ ତାପମାତ୍ରା ପାରଳାଖେମୁଣ୍ଡିରେ ୩୩.୬ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଛି ବୋଲି ଭୁବନେଶ୍ୱର ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି ।

### ମଣ୍ଡି ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କୁ ନବୀନଙ୍କ ଚିଠି

# ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରୁ ବିଜେପି ସରକାର

**ଭୁବନେଶ୍ୱର,୯।୨/ଏନ୍ଏନ୍ଏସ୍:** ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ମଣ୍ଡିରେ ଚାଷୀଙ୍କ ଦୁର୍ଦ୍ଦଶା ପାଇଁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଛନ୍ତି । ମଣ୍ଡିରେ ଚାଷୀ ହଇରାଣ ଓ ଧାନ ସଂଗ୍ରହ ନେଇ ନିର୍ବାଚନୀ ପ୍ରତିଶ୍ରୁତିକୁ ପାଳନ କରିବା କ୍ଷେତ୍ରରେ ଚରମ ବିଫଳତା ସମ୍ବନ୍ଧରେ ବିରୋଧୀ ଦଳ ନେତା ଚିଠି ଲେଖି ତୁରନ୍ତ ସମାଧାନ ଦାବି କରିଛନ୍ତି । ଚିଠିରେ ବିରୋଧୀ ଦଳ ନେତା ଦର୍ଶାଇଛନ୍ତି, 'ଧାନ ସଂଗ୍ରହ ସମୟରେ ଆମ ରାଜ୍ୟର ଅନ୍ନଦାତା କିପରି ବ୍ୟବସ୍ଥାଗତ ଶୋଷଣ ଓ ତଦଜନିତ କଷଣର ସମ୍ମୁଖୀନ ହେଉଛନ୍ତି, ସେ ସମ୍ପର୍କରେ ଦୁଃଖର ସହ ମୁଁ ଆପଣଙ୍କ ଦୃଷ୍ଟି ଆକର୍ଷଣ କରୁଛି । କୃଷି ହେଉଛି ଓଡ଼ିଶାର ଜୀବନ ରେଖା ତଥାପି ପ୍ରଶାସନିକ ଉଦାସୀନତା ଓ ଲୋକଙ୍କୁ ଦେଇଥିବା ନିର୍ବାଚନ ପ୍ରତିଶ୍ରୁତି ପାଳନରେ ବିଫଳତା ଯୋଗୁଁ ଚଳିତ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆମ ଚାଷୀ ମାନଙ୍କ ପାଇଁ ଏକ ସଂଘର୍ଷମୟ ସ୍ଥିତି ସୃଷ୍ଟି କରିଛି । ୨୦୨୪ ନିର୍ବାଚନ ସମୟରେ ବିଜେପିର ନିର୍ବାଚନୀ ଇସ୍ତାହାରରେ ଧାନର ସର୍ବାଧିକ ସହାୟକ ମୂଲ୍ୟ ବୃଦ୍ଧି ଓ କଟନୀ-ଛଟନୀ ସମ୍ପୂର୍ଣ୍ଣ ବନ୍ଦ କରିବା ସମ୍ପର୍କରେ ଚାଷୀ ଭାଇଭଉଣୀମାନଙ୍କୁ ପ୍ରତିଶ୍ରୁତି ଦିଆ ଯାଇଥିଲା । କିନ୍ତୁ ବାସ୍ତବ ସ୍ଥିତି ହେଉଛି ଯେ ରାଜ୍ୟରେ ଥିବା ମଣ୍ଡି ଗୁଡିକ ଏବେ ନିର୍ଯାତନାର କେନ୍ଦ୍ର ପାଲଟି ଯାଇଛି । ତେଣୁ ମୁଁ ଆପଣଙ୍କର ଜରୁରୀ ହସ୍ତକ୍ଷେପ ଆଶା କରୁଛି ବୋଲି ନବୀନ ଚିଠିରେ ଉଲ୍ଲେଖ କରିଛନ୍ତି । ଅନ୍ୟପକ୍ଷରେ ଚିଠି ମାଧ୍ୟମରେ ନବୀନ କିଛି ପରାମର୍ଶ ମଧ୍ୟ ଦେଇଛନ୍ତି । ତାହା ହେଉଛି କଟାନୀ-ଛଟନୀ ବନ୍ଦ କରିବା ପାଇଁ ତୁରନ୍ତ ମଣ୍ଡି ଗୁଡ଼ିକରେ ସ୍ପେଶାଲ ସ୍କ୍ୱାର୍ଡ ନିୟୋଜିତ କରାଯାଉ ଏବଂ ଦୋଷୀ ମିଲ୍ ମାଲିକ ଓ ସରକାରୀ ଅଫିସରଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ଇନପୁଟ୍ ସବ୍‌ସିଡି ପ୍ରଦାନ ପାଇଁ ରଖାଯାଇଥିବା ଚାଷୀ ପିଛା ସର୍ବାଧିକ ୧୫୦ କ୍ୱିଣ୍ଟାଲ ସିଲିଙ୍ଗ୍ ସର୍ତ୍ତ ତୁରନ୍ତ ପ୍ରତ୍ୟାହାର କରାଯାଉ ଏବଂ ରେଜେଷ୍ଟ୍ରିଭୁକ୍ତ ସବୁ ଚାଷୀଙ୍କ ଠାରୁ ସବୁ ଧାନ କିଣାଯାଉ । ବିଜେପିର ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ସବୁ ଚାଷୀଙ୍କୁ ଧାନ ସଂଗ୍ରହର ୪୮ ଘଣ୍ଟା ମଧ୍ୟରେ ଡିବିଟି ଜରିଆରେ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରାଯାଉ । ୭୨ ଘଣ୍ଟା ମଧ୍ୟରେ ମଣ୍ଡିଗୁଡ଼ିକରେ ଖୋଲାରେ ପଡ଼ିଥିବା ସବୁ ଧାନ ଶତ ପ୍ରତିଶତ ଉଠାଯାଉ । ଏହା ନହେଲେ ଚାଷୀଙ୍କ ଅସନ୍ତୋଷ ଚରମସୀମାରେ ପହଞ୍ଚିବ । ଚାଷୀ ମାନଙ୍କର ଅଭିଯୋଗଗୁଡିକର ସମାଧାନରେ ସରକାରଙ୍କ ବିଫଳତା ସାରା ରାଜ୍ୟରେ ଚାଷୀ ଆନ୍ଦୋଳନକୁ ତୀବ୍ର କରୁଛି । ମୁଁ ଆଶା କରୁଛି ଆପଣଙ୍କ ସରକାର ଉପରୋକ୍ତ ସମସ୍ୟା ଗୁଡିକର ସମାଧାନ ପାଇଁ ପ୍ରାଥମିକତା ଭିତ୍ତିରେ ପଦକ୍ଷେପ ନେବ ଏବଂ ନିର୍ବାଚନ ସମୟରେ ଚାଷୀମାନଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବ ବୋଲି ନବୀନ ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି ।



## 'କହିବାର ଅଧିକାର ନାହିଁ'



**ଭୁବନେଶ୍ୱର,୯।୨/ଏନ୍ଏନ୍ଏସ୍:** ଯେଉଁମାନେ ଧାନ କିଣା ବିଷୟରେ କହୁଛନ୍ତି, ସେମାନଙ୍କର କହିବାର ଅଧିକାର ନାହିଁ । ଧାନ କିଣାରେ ଯେଉଁମାନେ ବିଭ୍ରାଟ କରିଥିଲେ, ସେମାନଙ୍କ ଧାନ କିଣା ବିଷୟରେ କହିବାର ନୈତିକ ଅଧିକାରୀ ନାହିଁ ବୋଲି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କୁ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଚିଠି ପ୍ରସଙ୍ଗରେ ଶ୍ରୀ ସାମଲ ଏହା କହିଛନ୍ତି । ଏହାଛଡ଼ା ଶ୍ରୀ ସାମଲ କହିଛନ୍ତି ଯେ ଧାନ କିଣାକୁ ସହଜ ଓ ସରଳ କରିବା ପାଇଁ ସରକାର ସବୁ ପ୍ରକାର ଉଦ୍ୟମ କରିଛନ୍ତି । ସରକାର ଇନପୁଟ ସବସିଡି ୮୦୦ ଟଙ୍କା କେମିତି ଦେଉଛନ୍ତି ତାହାକୁ ସେମାନେ ସହି ପାରୁନାହାନ୍ତି । ୮୦୦ ଟଙ୍କା ପ୍ରସଙ୍ଗକୁ ବାଟବଣା କରିବା ପାଇଁ ସେମାନେ ଔଷଧ ବିକଳରେ ତାଟିଆ କାମୁଡୁଛନ୍ତିଙ୍ଫ ଧାନ କିଣାକୁ ଷ୍ଟ୍ରିମ ଲାଇନ କରିବାକୁ ସରକାର ସମସ୍ତ ବ୍ୟବସ୍ଥା କରିଛନ୍ତି । ଧାନ କ୍ୱିଣ୍ଟାଲ ୮୦୦ ଟଙ୍କା ଅଧିକ ଦିଆଯାଉଛି, କିନ୍ତୁ ସେମାନେ ୫୦ ଟଙ୍କା ୧୦୦ ଟଙ୍କା ଅଧିକ ଦେଇ ପାରୁନଥିଲେ । ରାଜ୍ୟ ସରକାର କିପରି ବଜେଟରୁ ଅଧିକ ୮୦୦ ଟଙ୍କା ଦେଇପାରୁଛି ତାକୁ ନେଇ, ସେଥିପାଇଁ ସେମାନେ ଅସହିଷ୍ଣୁ ହେଇପଡ଼ିଛନ୍ତି ବୋଲି ଶ୍ରୀ ସାମଲ କହିଛନ୍ତି ।

## 'ନବୀନ କୃଷକର 'କ' ଅକ୍ଷର ବି ଜାଣିନାହାନ୍ତି'



**ଭୁବନେଶ୍ୱର,୯।୨/ଏନ୍ଏନ୍ଏସ୍:** ମୁଖ୍ୟମନ୍ତ୍ରୀଙ୍କୁ ନବୀନଙ୍କ ଚିଠି ପରେ ବିଜେପି ବିଧାୟକ ବାବୁ ସିଂ ପାଲଟା ଜବାବ ଦେଇ କହିଛନ୍ତି ଯେ ଯେଉଁ ବ୍ୟକ୍ତି ୨୪ ବର୍ଷ ରାଜ୍ୟ ଶାସନରେ ରହି ଚାଷୀଙ୍କୁ ୧୦୦ ଟଙ୍କା ସହାୟତା ଦେଇପାରିଲେ ନାହିଁ, ସେ ଆଜି କୃଷକଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦିବା ଲୋକହସା କଥା । ନବୀନ ପଟ୍ଟନାୟକ କୃଷକର 'କ' ଅକ୍ଷର ମଧ୍ୟ ଜାଣିନାହାନ୍ତି । ସେ କେବଳ ରାଜନୈତିକ ଫାଇଦା ପାଇଁ ଏଭଳି ମିଥ୍ୟା ଅଭିଯୋଗ ଆଣୁଛନ୍ତି । ଚାଷୀଙ୍କୁ ନେଇ ବିଜେଡି ରାଜନୀତି ନକରୁ ବୋଲି ବାବୁ ସିଂ ଚେତାବନୀ ଦେଇଛନ୍ତି । ସେହିପରି ମୋହନ ସରକାରଙ୍କ ଦକ୍ଷତାକୁ ପ୍ରଶଂସା କରି ସେ କହିଛନ୍ତି ଯେ ବିଜେପି ସରକାର ଆସିବାର ମାତ୍ର ୨୪ ଘଣ୍ଟା ମଧ୍ୟରେ ଚାଷୀଙ୍କ ପାଇଁ ୮୦୦ ଟଙ୍କାର ଇନ୍‌ପୁଟ ସବ୍‌ସିଡି ପ୍ରଦାନ କରାଯାଇଛି ଚାଷୀଙ୍କ ପାଇଁ ଯଦି କେହି ପ୍ରକୃତରେ ଚିନ୍ତା କରୁଛନ୍ତି ଓ କାମ କରୁଛନ୍ତି ସେ ହେଉଛନ୍ତି କେବଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମଣ୍ଡିରେ ଥିବା ଅବ୍ୟବସ୍ଥା ପାଇଁ ବିଜେଡି ସରକାରଙ୍କ ପୂର୍ବ ବ୍ୟବସ୍ଥା ହିଁ ଦାୟୀ ଓ ଏବେ ସେହି ଅବ୍ୟବସ୍ଥାକୁ ସୁଧାରି ସ୍ୱଚ୍ଛତା ଆଣିବାକୁ ସରକାର ପ୍ରାଥମିକତା ଦେଉଛନ୍ତି ବୋଲି ଶ୍ରୀ ସିଂ କହିଛନ୍ତି ।

### ପୂର୍ତ୍ତ ବିଭାଗର ଉନ୍ନୟନ ପ୍ରକଳ୍ପର ସମୀକ୍ଷା କଲେ ମନ୍ତ୍ରୀ

# ରାଜ୍ୟ ରାଜପଥକୁ ୪ ଲେନ୍ କରିବା ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୯।୨/ଏନ୍ଏନ୍ଏସ୍:** ରାଜ୍ୟର ସବୁକୋଣକୁ ସଂଯୋଗ ହୋଇଥିବା ରାଜ୍ୟ ରାଜପଥଗୁଡ଼ିକୁ ୪ ଲେନ୍ କରିବାର ଆବଶ୍ୟକତା ରହିଛି । ଏହାକୁ ଦୃଷ୍ଟିରେ ରଖି ଏହାର ସର୍ଭେ କାର୍ଯ୍ୟ ଆରମ୍ଭ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବାକୁ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସୋମବାର ଅପରାହ୍ଣରେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ପୂର୍ତ୍ତ ବିଭାଗର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଏଭଳି ନିର୍ଦ୍ଦେଶ ଦେଇଛନ୍ତି ।

ଶ୍ରୀ ହରିଚନ୍ଦନ କହିଛନ୍ତି ଯେ କେବଳ ବଡ଼ ବଡ଼ ସହରର ଉନ୍ନୟନ ଦ୍ୱାରା ରାଜ୍ୟର ସାମଗ୍ରିକ ବିକାଶ ହୋଇପାରିବ ନାହିଁ । ଏଥି ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରତି ସହରକୁ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ିକରଣ କରିବାକୁ ପଡ଼ିବ । ବିଶେଷ କରି, ଭୁବନେଶ୍ୱର ସହର ପରିବର୍ଦ୍ଧିତ ଯୋଜନା ପରି କଟକ ସହର ଆଉଟର ରିଙ୍ଗରୋଡ୍ ନିର୍ମାଣ କରିବା ନେଇ ଯୋଜନା ପ୍ରସ୍ତୁତ ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ । ଏଥି ସହିତ ପଶ୍ଚିମ ଓଡ଼ିଶାରୁ ପୂର୍ବ ଓଡ଼ିଶାକୁ ଯୋଗାଯୋଗ ସୁଦୃଢ଼ିକରଣ ପାଇଁ କଟକ-ସମ୍ବଲପୁର ଜାତୀୟ ରାଜପଥ-୫୫ କୁ ୬ ଲେନ୍ କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା ।



ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ଓବିସିସିର ପରିଚାଳନା ନିର୍ଦ୍ଦେଶକ ଅନୁପମ୍ ସାହାଙ୍କ ଉପସ୍ଥିତିରେ ହୋଇଥିବା ଏହି ବୈଠକରେ ଜୟଦେବ ବିହାର-ନନ୍ଦନକାନନ ରୋଡ୍ ଓ ଲେଫ୍ଟ ପାରାଲାଲ ରୋଡ୍, ପଥରଗାଡ଼ିଆ-ଦାରୁଠେଙ୍ଗ ରାସ୍ତା, ପ୍ରସ୍ତାବିତ କେଲୁଚରଣ-ଫୁଲନଖରା ରୋଡ୍, ପଳାଶୁଣି ଠାରୁ ଗ୍ୟାରେଜ୍ ଛକ, ଆଚାର୍ଯ୍ୟ ବିହାର-କଳିଙ୍ଗ ହସ୍‌ପିଟାଲ୍ ରୋଡ୍, କାଇମାଟିଆ ଛକରୁ ଗୋଠପାଟଣା ରାସ୍ତା, ଗୋହିରିଆରୁ ଛତାବର ଭାୟା-ମଦନପୁର, ଏମ୍ସ ରାସ୍ତା ଆଦିର ନିର୍ମାଣ, ପ୍ରଶସ୍ତିକରଣ ଏବଂ ଆବଶ୍ୟକ ସ୍ଥଳେ ଜମି ଅଧିଗ୍ରହଣ ନେଇ ଆଲୋଚନା ହୋଇଥିଲା । ସେହିପରି ପ୍ରମୁଖ ଜାତୀୟ ରାଜପଥ ଯଥା କୋଣାର୍କ-ପୁରୀ-ସାତପଡ଼ା ରାସ୍ତାର ପ୍ରଶସ୍ତିକରଣ, ପିପିଲି-କୋଣାର୍କ ରାସ୍ତାର ନୂଆ ଆଲାଇନ୍‌ମେଣ୍ଟ, କଟକ-କନ୍ଦରପୁର ଏବଂ କନ୍ଦରପୁର-ବାଲିକୁଦା, ଜୟପୁର ବାଇପାସ୍ ଓ ବଲାଙ୍ଗିର ବାଇପାସ୍ ରାସ୍ତା ନିର୍ମାଣ ନେଇ ମଧ୍ୟ ଆଲୋଚନା ହୋଇଥିଲା । ଏହି ବୈଠକରେ ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଇଂ ଲକ୍ଷ୍ମୀକାନ୍ତ ପାଢ଼ୀ, ଇଆଇସି (ସିଭିଲ୍) ଇଂ ସତ୍ୟବ୍ରତ ବେହେରା, ଇଆଇସି (ରୋଡ୍) ଇଂ ଧ୍ୟାନଚାନ୍ଦ ନାୟକ, ଜାତୀୟ ରାଜପଥ ପ୍ରାଧିକରଣ, ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟର ଅଧିକାରୀଙ୍କ ସମେତ ବିଭାଗୀୟ ଅଧିକାରୀ ଓ ମୁଖ୍ୟଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ୯ ସ୍କୁଲ୍ ସମେତ ପାର୍ଲାମେଣ୍ଟକୁ ବୋମାରେ ଉଡ଼ାଇବାକୁ ଧମକ



**ନୂଆଦିଲ୍ଲୀ, ୯।୧୨/ଏଜେନ୍ସି:** ଦିଲ୍ଲୀ ପୁଲିସ୍‌କୁ ଏକ ଇ-ମେଲ୍ ଯୋଗେ ସୋମବାର ସକାଳୁ ସକାଳୁ ଏକ ଧମକପୂର୍ଣ୍ଣ ମେସେଜ୍ ଆସିଥିଲା। ଏହି ଧମକ ଖଲିସ୍ତାନୀ ନ୍ୟାସନାଲ୍ ଆର୍ମି ନାମରେ ଆସିଛି। ତେବେ ଇ-ମେଲ୍‌ରେ ଉଲ୍ଲେଖ କରାଯାଇଛି ଯେ, "ଖୁବ୍‌ଶୀଘ୍ର ଦିଲ୍ଲୀକୁ ଖଲିସ୍ତାନରେ ପରିଣତ କରିଦିଆଯିବ"। ଏହିକ୍ରମେ ଦିଲ୍ଲୀର ପ୍ରାୟ ୯ ସ୍କୁଲ୍ ସମେତ ସଂସଦ ଭବନକୁ ମଧ୍ୟ ବୋମାରେ ଉଡାଇ ଦିଆଯିବ ବୋଲି ଧମକ ମଧ୍ୟ ଦିଆଯାଇଛି। ତେବେ ଏହି ବୋମା ଆକ୍ରମଣ ଆସନ୍ତା ୧୩ ତାରିଖ ଅପରାହ୍ନ ୧:୧୧ ମିନିଟ୍ ସମୟରେ କରାଯିବ ଏବଂ ଭାରତୀୟ ସଂସଦ ଭିତରେ ବିସ୍ଫୋରଣ ହେବାର ସମଗ୍ର ଭାରତବାସୀ ଦେଖିବେ ବୋଲି ମଧ୍ୟ ମେସେଜ୍‌ରେ ଉଲ୍ଲେଖ କରାଯାଇଛି। ଏତଦ୍‌ବ୍ୟତୀତ ଏହି ମେସେଜ୍‌ରେ ଖଲିସ୍ତାନକୁ ଉଲ୍ଲେଖ କରାଯାଇଥିବା ପ୍ରରୋଚନାମୂଳକ ସ୍ଲୋଗାନ ଯେପରିକି 'ଅଫଜଲ ଗୁରୁ ଉଲ୍ଲେଖ କରିଥିଲେ, 'ଦିଲ୍ଲୀ ଖଲିସ୍ତାନ ହେବ' ଧାଡି ଅନ୍ତର୍ଭୁକ୍ତ ଥିଲା'।

ଅନ୍ୟପକ୍ଷେ ଏପ୍ରକାର ଇ-ମେଲ୍ ମିଳିବା ପରେ ଦିଲ୍ଲୀ ପୁଲିସ୍ କର୍ତ୍ତୃପକ୍ଷ ସୁରକ୍ଷା ସତର୍କତା ଅନ୍ତର୍ଗତ ହାଇ ଆଲର୍ଟ ଜାରି କରିଛନ୍ତି। ସୁରକ୍ଷା କର୍ମୀମାନେ ସନ୍ଦେହଜନକ ସ୍ଥାନ ସହ ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ବ୍ୟାପକ ଖାନ୍ ତଲାସୀ ଚଳାଇଛନ୍ତି। ସେହିପରି ସଂସଦ ଭବନ ପରିସରକୁ ମଧ୍ୟ ତନ୍ନ ତନ୍ନ କରି ଯାଞ୍ଚ୍ କରାଯାଉଛି। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ସ୍କୁଲଗୁଡ଼ିକରେ ଛାତ୍ରଛାତ୍ରୀ ଏବଂ କର୍ମଚାରୀମାନଙ୍କୁ ପରିସର ଛାଡିବାକୁ କୁହାଯାଇଛି। ତେବେ ପୁଲିସ୍ ଅଧିକାରୀମାନେ କହିଛନ୍ତି ଯେ ଯଦିଓ ଏପର୍ଯ୍ୟନ୍ତ କୌଣସି ସନ୍ଦିଗ୍ଧ ବସ୍ତୁ ମିଳିନାହିଁ, କିନ୍ତୁ ମିଳିଥିବା ଇ-ମେଲ୍‌ର ଉତ୍ସ ଖୋଜିବା ପାଇଁ ତଦନ୍ତ ଆରମ୍ଭ ହୋଇଛି। ପ୍ରକାଶ, ସଂସଦ ଭବନ ସହ ବୋମା ଧମକ ମିଳିଥିବା ସ୍କୁଲଗୁଡ଼ିକ ମଧ୍ୟରେ ଲୋରେଟୋ କନଭେଣ୍ଟ ସ୍କୁଲ (ଦିଲ୍ଲୀକ୍ୟାଣ୍ଟ), କେମ୍ବ୍ରିଜ ସ୍କୁଲ (ଶ୍ରୀନିବାସନପୁରୀ), ଭେଙ୍କଟେଶ୍ୱର ସ୍କୁଲ (ରୋହିଣୀ), କେମ୍ବ୍ରିଜ ସ୍କୁଲ (ଏନ୍‌ଏଫ୍‌ସି), ଦି ଇଣ୍ଡିଆନ୍ ସ୍କୁଲ (ସାଦିକ୍ ନଗର), ସିଏମ୍ ସ୍କୁଲ (ରୋହିଣୀ), ଡିଟିଏ ସ୍କୁଲ (ଆଇଏନଏ) ଏବଂ ବାଲ ଭାରତୀ ସ୍କୁଲ (ରୋହିଣୀ) ଆଦି ଅନ୍ତର୍ଭୁକ୍ତ ରହିଛି। ଦିଲ୍ଲୀ ପୁଲିସ୍, ଅଗ୍ନିଶମ ବିଭାଗ ଏବଂ ବୋମା ନିଷ୍କ୍ରିୟକାରୀ ଦଳ କ୍ୟାମ୍ପସ୍‌ଗୁଡ଼ିକରେ ସୁରକ୍ଷା ଯାଞ୍ଚ୍ ଜାରି ରଖିଛନ୍ତି।

### ପଶ୍ଚିମବଙ୍ଗ ଏସ୍‌ଆଇଆର୍ ପ୍ରସଙ୍ଗରେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ

# କୌଣସି ପ୍ରକାର ବାଧା ସୃଷ୍ଟି କରିବାକୁ ଦିଆଯିବନି

➪ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନର ଶେଷ ତାରିଖରେ ଏକ ସପ୍ତାହ ବୃଦ୍ଧି

➪ ଆଇନ୍ ଶୃଙ୍ଖଳା ବଜାୟ ରଖିବା ପଦକ୍ଷେପ ସମ୍ପର୍କରେ ଡିଜିପିଙ୍କୁ କୈଫିୟତ୍



**ନୂଆଦିଲ୍ଲୀ,କୋଲକାତା, ୯।୨/ଏଜେନ୍ସି:** ସୁପ୍ରିମକୋର୍ଟ ସୋମବାର ପଶ୍ଚିମବଙ୍ଗ ଭୋଟର ଲିଷ୍ଟର ସ୍ପେଶାଲ୍ ଇଣ୍ଟେନ୍‌ସିଭ୍ ରିଭିଜନ୍ (ଏସ୍‌ଆଇଆର୍)କୁ ନେଇ ଆଗତ ପିଟିସନ୍‌ଗୁଡ଼ିକ ଉପରେ ଶୁଣାଣି କରିଛନ୍ତି। କୋର୍ଟ କହିଛନ୍ତି ଯେ, ଏହି ପ୍ରକ୍ରିୟାରେ କୌଣସି ପ୍ରକାର ବାଧା ସୃଷ୍ଟି କରିବାକୁ ଦିଆଯିବ ନାହିଁ। ନ୍ୟାୟପାଳିକା ଏସ୍‌ଆଇଆର୍ ପ୍ରକ୍ରିୟାରେ କୌଣସି ପ୍ରକାର ହସ୍ତକ୍ଷେପକୁ ବରଦାସ୍ତ କରିବେ ନାହିଁ। ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲା ଏବଂ ଜଷ୍ଟିସ୍ ଏନ୍‌ଭି ଅଞ୍ଜାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲା ଉପରେ ଶୁଣାଣି କରିବା ସମୟରେ କହିଛନ୍ତି, ଏହି ଏସ୍‌ଆଇଆର୍ ପ୍ରକ୍ରିୟା ସମସ୍ତ ରାଜ୍ୟ ପାଇଁ ପ୍ରଯୁଜ୍ୟ ଏବଂ ଆବଶ୍ୟକ ହେଲେ ନିର୍ଦ୍ଦେଶ ଜାରି କରାଯିବ। ଏହାସହ ସୁପ୍ରିମକୋର୍ଟ ପଶ୍ଚିମବଙ୍ଗ ଏସ୍‌ଆଇଆର୍ ପାଇଁ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନର ଶେଷ ତାରିଖକୁ ମଧ୍ୟ ଫେବୃଆରୀ ୧୪ରୁ ଫେବୃଆରୀ ୨୧ ପର୍ଯ୍ୟନ୍ତ (ଏକ ସପ୍ତାହ) ବୃଦ୍ଧି କରିଛନ୍ତି।

ନିର୍ବାଚନ କମିଶନ (ଇସି) କୋର୍ଟରେ ଏକ ସତ୍ୟପାଠ ଦାଖଲ କରି ଅଭିଯୋଗ କରିଥିଲେ ଯେ କିଛି ଦୁର୍ବୃତ୍ତ ବଙ୍ଗଳାରେ ଏସ୍‌ଆଇଆର୍ ନୋଟିସ୍ ଜାଳି ଦେଇଛନ୍ତି ଏବଂ ଏପର୍ଯ୍ୟନ୍ତ ଏହି ମାମଲାରେ କୌଣସି ଏଫ୍‌ଆଇଆର୍ ମଧ୍ୟ ଦାୟର ହୋଇନାହିଁ। ଇସିଙ୍କ ଏପ୍ରକାର ଅଭିଯୋଗ ଉପରେ ଖଣ୍ଡପୀଠ ରାଜ୍ୟ ପୁଲିସ୍ ଡିଜିଙ୍କ ଠାରୁ କୈଫିୟତ୍ ତଲବ୍ କରିଛନ୍ତି। ରାଜ୍ୟରେ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ନିଆଯାଇଥିବା ପଦକ୍ଷେପ ବିଷୟରେ ସୂଚନା ପ୍ରଦାନ କରିବାକୁ ଡିଜିପିଙ୍କୁ ସୁପ୍ରିମକୋର୍ଟ କହିଛନ୍ତି। ଏସ୍‌ଆଇଆର୍ ବିରୋଧରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସମେତ ରାଜ୍ୟରେ ଅନ୍ୟ କେତେ ଜଣଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଆବେଦନ ଦାୟର ହୋଇଥିଲା। ଫେବୃଆରୀ ୪ରେ ଶୁଣାଣି ସମୟରେ ମୁଖ୍ୟମନ୍ତ୍ରୀ ବାନାର୍ଜୀ କୋର୍ଟରେ ତାଙ୍କର ଯୁକ୍ତି ଉପସ୍ଥାପନ କରିଥିଲେ। ଏହା ସୁପ୍ରିମକୋର୍ଟର ଇତିହାସରେ ପ୍ରଥମ ଥର ପାଇଁ ହୋଇଥିଲା ଯେ କୌଣସି ରାଜ୍ୟର ଜଣେ କାର୍ଯ୍ୟରତ ମୁଖ୍ୟମନ୍ତ୍ରୀ କୋର୍ଟରେ ହାଜର ହୋଇ ତାଙ୍କର ଯୁକ୍ତି ଉପସ୍ଥାପନ କରିଥିଲେ। ସାଧାରଣତଃ, ମୁଖ୍ୟମନ୍ତ୍ରୀଙ୍କ ଓକିଲ କିମ୍ବା ପରାମର୍ଶଦାତା ମାମଲାରେ କୋର୍ଟରେ ହାଜର ହୋଇଥାନ୍ତି। ତେବେ ଏସବୁ ଆବେଦନଗୁଡ଼ିକ ଉପରେ ଶୁଣାଣି ଜାରି ରହିଥିବାବେଳେ ରାଜ୍ୟରେ ଚାଲିଥିବା ଏସ୍‌ଆଇଆର୍‌ରେ କୌଣସି ପ୍ରକାର ବାଧା ସୃଷ୍ଟି କରିବାକୁ ଅନୁମତି ଦେବେନାହିଁ ବୋଲି ସୋମବାର ସୁପ୍ରିମକୋର୍ଟ ମନା କରିବା ରାଜ୍ୟ ସରକାରଙ୍କ ପାଇଁ ବହୁତ ବଡ଼ ଝଟ୍‌କା ସଦୃଶ ହୋଇଥିବା ବେଳେ ଇସିଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି।

### ବିଗିଡ଼ିଲା ସ୍ୱାସ୍ଥ୍ୟାବସ୍ଥା

# ହସ୍ପିଟାଲ୍‌ରେ ଭର୍ତ୍ତିହେଲେ ଶରଦ ପଓ୍ୱାର

**ମୁମ୍ବାଇ, ୯।୨/ଏଜେନ୍ସି:** ଏନ୍‌ସିପି (ଶରଦ ପଓ୍ୱାର) ଅଧ୍ୟକ୍ଷ ଶରଦ ପଓ୍ୱାରଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହୋଇପଡିଛି। ସୁତରାଂ ତାଙ୍କୁ ସୋମବାର ପୁଣେ ସ୍ଥିତ ଘରୋଇ ରୁବି ହଲ୍ କ୍ଲିନିକ୍‌ରେ ଭର୍ତ୍ତି କରାଯାଇଛି। ଶରଦ ପଓ୍ୱାର କିଛି ଦିନ ଧରି ଜ୍ୱର ଓ କାଶରେ ପୀଡିତ ଥିବା ବେଳେ ତାଙ୍କୁ ଆଜି ସକାଳରେ ନିଶ୍ୱାସ ନେବାରେ ଭୀଷଣ କଷ୍ଟ ଅନୁଭବ ହେଉଥିବା ସେ କହିଥିଲେ। ଏହାପରେ ପରିବାର ଲୋକେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଇଛନ୍ତି। ଶରଦଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପ୍ରତି ଖରାପ ରହୁଥିବାରୁ ଗତ କିଛି ମାସ ଧରି ସେ ଅନେକ ସାର୍ବଜନୀନ କାର୍ଯ୍ୟକ୍ରମକୁ ଏଡାଇ ଆସୁଥିବା ଦେଖିବାକୁ ମିଳୁଥିଲା। କିନ୍ତୁ



ପୁତୁରା ଅଜିତ ପଓ୍ୱରଙ୍କ ଆକସ୍ମିକ ମୃତ୍ୟୁପରେ ସେ କିଛି ସମୟ ପାଇଁ ଲୋକଲୋଚନକୁ ଆସିଥିଲେ। ଗତ ସପ୍ତାହରେ, ସେ ଲଗାତାର କିଛି ଦିନ ଧରି ଅନେକ ଲୋକଙ୍କ ସହିତ ସାକ୍ଷାତ କରୁଥିଲେ, ରାଜ୍ୟ ସାରା ନେତା ଏବଂ କର୍ମୀଙ୍କ ସହିତ ଆଲୋଚନା କରୁଥିଲେ। ମୁମ୍ବାଇ, ପୁଣେ ଏବଂ ବାରାମତି ଗସ୍ତ କରୁଥିଲେ। ଦଳୀୟ କର୍ମୀମାନେ ମଧ୍ୟ ତାଙ୍କୁ ନିରନ୍ତର ଦେଖା କରୁଥିଲେ। ଏହାରି ମଧ୍ୟରେ ସେ ଏବେ ଭୀଷଣ ଅସୁସ୍ଥ ହୋଇପଡିଛନ୍ତି। ରିପୋର୍ଟ ଅନୁଯାୟୀ, ଶରଦ ପାଓ୍ୱାରଙ୍କ ସହିତ ତାଙ୍କ ଝିଅ ତଥା ଏନ୍‌ସିପି ସାଂସଦ ସୁପ୍ରିୟା ସୁଲେ ଏବଂ ଜ୍ୱାଇଁ ସଦାନନ୍ଦ ସୁଲେ ଏବେ ହସ୍ପିଟାଲରେ ତାଙ୍କ ପାଖେ ଅଛନ୍ତି। ବର୍ତ୍ତମାନ, ପଓ୍ୱାର ଡାକ୍ତରଙ୍କ ତତ୍ତ୍ୱାବଧାନରେ ଅଛନ୍ତି ଏବଂ ତାଙ୍କର ଚିକିତ୍ସା ଜାରି ରହିଛି। ଅନ୍ୟଏକ ରିପୋର୍ଟ ଅନୁସାରେ ସୋମବାର ଦିନ ବାରାମତି ତାଲୁକାର କାଠେଓ୍ୱାଡିରେ ଦିବଂଗତ ନେତା ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଅଜିତ ପଓ୍ୱାରଙ୍କ ୧୩ ଦିନିଆ ଶ୍ରାଦ୍ଧ ବାର୍ଷିକୀ ପାଳନ କରାଯାଉଥିଲା। ଶରଦ ପଓ୍ୱାର ଓ ତାଙ୍କ ପରିବାରର ଅନ୍ୟ ସଦସ୍ୟମାନେ ଏଥିରେ ଯୋଗଦେବାର କାର୍ଯ୍ୟକ୍ରମ ଥିଲା, କିନ୍ତୁ ସକାଳେ ଶରଦ ପାଓ୍ୱାର ଅସୁସ୍ଥ ହୋଇପଡ଼ିଥିଲେ। ଏହି କାରଣରୁ ସେ କାର୍ଯ୍ୟକ୍ରମରେ ଯୋଗ ଦେଇପାରିନାହାନ୍ତି।

### ନୂଆ ଷ୍ଟ୍ରାଟେଜୀ ପ୍ରସ୍ତୁତ କରୁଛନ୍ତି ବିରୋଧୀ

# ଓମ୍ ବିର୍ଲାଙ୍କ ବିରୋଧରେ ଆଣିବେ ଅନାସ୍ଥା ପ୍ରସ୍ତାବ

**ନୂଆଦିଲ୍ଲୀ, ୯।୨/ଏଜେନ୍ସି:** ବିରୋଧୀ ଦଳଗୁଡ଼ିକ ଏବେ ଏକ ନୂଆ ଷ୍ଟ୍ରାଟେଜୀ ଆପଣାଉଥିବାର ସୂଚନା ମିଳିଛି। ରିପୋର୍ଟ ଅନୁସାରେ କଂଗ୍ରେସ ସମେତ ଅନେକ ବିରୋଧୀ ଦଳଗୁଡ଼ିକ ଏବେ ଏକଜୁଟ୍ ହୋଇ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିବାକୁ ରଣନୀତି ପ୍ରସ୍ତୁତ କରୁଛନ୍ତି। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖର୍ଗେଙ୍କ ବାସଭବନରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏକ ବୈଠକ ପରେ, ସମାଜବାଦୀ ପାର୍ଟି ଏବଂ ଦ୍ରାବିଡ଼ ମୁନେତ୍ର କାଝଗମଙ୍କ ସମର୍ଥନରେ କଂଗ୍ରେସ ସାଂସଦମାନେ ସମ୍ବିଧାନର ଧାରା ୯୪-ସି ଅନୁଯାୟୀ ପ୍ରସ୍ତାବ ଆଗତ କରିବାକୁ ପ୍ରସ୍ତୁତ ହେଉଛନ୍ତି।

ରାଷ୍ଟ୍ରପତିଙ୍କ ଅଭିଭାଷଣ ପାଇଁ ଧନ୍ୟବାଦ ପ୍ରସ୍ତାବ ସମୟରେ ବାଚସ୍ପତି ବିର୍ଲା ରାହୁଲ ଗାନ୍ଧୀଙ୍କୁ କହିବାରୁ ବାରଣ କରିଥିଲେ ଏବଂ ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହୋଇଥିଲେ ବୋଲି ବିରୋଧୀ ଦଳଗୁଡ଼ିକ ଅଭିଯୋଗ କରୁଥିବା ବେଳେ ଏପ୍ରକାର ନୀତି ଆପଣାଇବାକୁ ଯାଉଥିବା କୁହାଯାଉଛି। ଅନ୍ୟପକ୍ଷେ ବରିଷ୍ଠ ବାମପନ୍ଥୀ ସାଂସଦ ଏନ୍‌କେ ପ୍ରେମଚନ୍ଦ୍ରନ ମଧ୍ୟ ଏହି ପଦକ୍ଷେପକୁ ନିଶ୍ଚିତ କରିଛନ୍ତି। ସେ କହିଛନ୍ତି ଯେ ବାଚସ୍ପତି ମହିଳା ସଦସ୍ୟଙ୍କ ବିଷୟରେ ଅପମାନଜନକ ମନ୍ତବ୍ୟ ଦେଇଛନ୍ତି ଏବଂ ଅଧିବେଶନର ଅବଶିଷ୍ଟ ସମୟ ପାଇଁ ୮ ବିରୋଧୀ ସାଂସଦଙ୍କୁ ଅନ୍ୟାୟ ପୂର୍ବକ ନିଲମ୍ବିତ କରିଛନ୍ତି। ନିର୍ଭରଯୋଗ୍ୟ ସୂତ୍ରରୁ ମିଳିଥିବା ସୂଚନାନୁସାରେ ପ୍ରାୟ ସମସ୍ତ ବିରୋଧୀ ଦଳ ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ସହମତି ପ୍ରକାଶ କରିଛନ୍ତି। ଏମାନେ ସମସ୍ତେ ମିଳିତ ଭାବେ ଖୁବଶୀଘ୍ର ଲୋକସଭା ସଚିବଙ୍କୁ ଏସମ୍ପର୍କରେ ନୋଟିସ ଦାଖଲ କରିବାକୁ ପ୍ରସ୍ତୁତ ହେଉଛନ୍ତି।






### ବିରୋଧୀଙ୍କ ହଙ୍ଗାମା ଜାରି ୯ମ କାର୍ଯ୍ୟ ଦିବସ ବି ବିପର୍ଯ୍ୟସ୍ତ

ବଜେଟ୍ ଅଧିବେଶନର ଆଜି ୯ମ କାର୍ଯ୍ୟଦିବସ ଥିବା ବେଳେ ଏହା ମଧ୍ୟ ଗୁରୁତର ପ୍ରଭାବିତ ହୋଇଛି। ସୋମବାର ସଂସଦର ଉଭୟ ଗୃହରେ ମଧ୍ୟ ବିରୋଧୀ ସାଂସଦମାନେ ତୀବ୍ର ହୋହଲ୍ଲା ତଥା ପାଟିତୁଣ୍ଡ ଜାରି ରଖିଥିଲେ। ଲୋକସଭା ବାଚସ୍ପତିଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ତଥା ୩ ଥର ଗୃହକୁ ମୁଲତବୀ ପରେ ପୁନଃ ଆରମ୍ଭ କରିବାକୁ ଚେଷ୍ଟା କରାଯିବା ମଧ୍ୟରେ ପୂର୍ବାହ୍ନ ୨ଟା ପରେ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷିତ କରାଯାଇଛି। ରାଜ୍ୟସଭାରେ ଗୃହକାର୍ଯ୍ୟ ସ୍ୱାଭାବିକ ରହିଥିଲେ ମଧ୍ୟ ବିରୋଧୀ ଦଳର ସାଂସଦମାନେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖର୍ଗେଙ୍କ ସହ ଗୃହ ବାହାରକୁ ଚାଲିଆସିଥିଲେ ଏବଂ ଲୋକସଭାର ନିଜ ସାଂସଦମାନଙ୍କ ସମର୍ଥନରେ ପ୍ରତିବାଦ ପ୍ରଦର୍ଶନ କରିଥିଲେ। ବଜେଟ୍ ଅଧିବେଶନରେ ଶାସକ ଦଳ ଏବଂ ବିରୋଧୀ ଦଳଙ୍କ ମଧ୍ୟରେ ତୀବ୍ର ମୁହାଁମୁହିଁ ପରିସ୍ଥିତି ଦେଖାଦେଇଛି। ଅଧିବେଶନର ୨ୟ ଦିନରେ ହିଁ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଭାରତୀୟ ସ୍ଥଳସେନାର ପୂର୍ବତନ ମୁଖ୍ୟ ଜେନେରାଲ ଏମ୍‌ଏମ୍ ନରଭାଣେଙ୍କ ଅପ୍ରକାଶିତ ଆତ୍ମଜୀବନୀ 'ଫୋର୍ ଷ୍ଟାର୍ସ ଅଫ୍ ଡେଷ୍ଟିନି' ରେ ଉଲ୍ଲେଖ ଗଲୱାନ୍ ତଥା ଡୋକ୍‌ଲାମ୍ ବିବାଦ ସମ୍ପର୍କରେ ଗୃହରେ କହିବାକୁ ଚାହିଁଥିଲେ। କିନ୍ତୁ ତାଙ୍କୁ କହିବାକୁ ସୁଯୋଗ ମିଳିନଥିଲା। ସେବେଠାରୁ ବିରୋଧୀ ଗୃହରେ ବାରମ୍ବାର ହଙ୍ଗାମା ଜାରି ରଖିଆସିଛନ୍ତି। ଏପରିକି ବିରୋଧୀଙ୍କ ଯୋଗୁ ଲୋକସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଧନ୍ୟବାଦ ପ୍ରସ୍ତାବ ଉପରେ ମଧ୍ୟ ଆଲୋଚନା ହୋଇପାରିନଥିଲା। ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ବିନା ହିଁ ଲୋକସଭାରେ ଧନ୍ୟବାଦ ପ୍ରସ୍ତାବ ଗୃହୀତ ହୋଇଥିଲା।

# ଏକାଧିକ ଦ୍ୱିପାକ୍ଷିକ ସହଯୋଗ ପ୍ରସ୍ତାବ ଉପରେ ଭାରତ-ସେଶେଲ୍ସ ସହମତ

**ନୂଆଦିଲ୍ଲୀ, ୯।୨/ଏଜେନ୍ସି:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସେଶେଲ୍ସ ଗଣରାଜ୍ୟର ରାଷ୍ଟ୍ରପତି ଡକ୍ଟର ପାଟ୍ରିକ୍ ହର୍ମିନିଙ୍କ ମଧ୍ୟରେ ନୂଆଦିଲ୍ଲୀ ଠାରେ

### ମୋଦୀ-ହର୍ମିନି ସାକ୍ଷାତକାର



ସାକ୍ଷାତକାର ହୋଇଛି। ଏହି ସମୟରେ, ଦ୍ୱିପାକ୍ଷିକ ସମ୍ପର୍କର ସମସ୍ତ କ୍ଷେତ୍ରକୁ ନେଇ ବ୍ୟାପକ ଏବଂ ଫଳପ୍ରଦ ଆଲୋଚନା ହୋଇଥିବା ସୂଚନା ମିଳିଛି। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଅକ୍ଟୋବର ୨୦୨୫ରେ ଅନୁଷ୍ଠିତ ନିର୍ବାଚନରେ ରାଷ୍ଟ୍ରପତି ହର୍ମିନିଙ୍କ ସଫଳତା ପାଇଁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନିମନ୍ତ୍ରଣ କ୍ରମେ ସେଶେଲ୍ସ ଗଣରାଜ୍ୟର ରାଷ୍ଟ୍ରପତି ଡକ୍ଟର ପାଟ୍ରିକ୍ ହର୍ମିନି ୫ ରୁ ୧୦ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ଭାରତ ଗସ୍ତରେ ଆସିଛନ୍ତି। ରାଷ୍ଟ୍ରପତି ହର୍ମିନିଙ୍କ ଶପଥ ଗ୍ରହଣର ପ୍ରାୟ ୧୦୦ ଦିନ ପରେ ତାଙ୍କର ଏହି ସରକାରୀ ଗସ୍ତ ଭାରତ ଏବଂ ସେଶେଲ୍ସର ଦୀର୍ଘକାଳୀନ ଏବଂ ବହୁମୁଖୀ ଦ୍ୱିପାକ୍ଷିକ ସହଭାଗୀତାକୁ ମଜବୁତ, ବିସ୍ତାର ଏବଂ ଗଭୀର କରିବା ପାଇଁ ମିଳିତ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ସେଶେଲ୍ସ ସ୍ୱାଧୀନତାର ୫୦ତମ ବାର୍ଷିକୀ ଏବଂ ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନର ୫୦ତମ ବାର୍ଷିକୀ ସମୟରେ ହର୍ମିନିଙ୍କ ଏହି ସରକାରୀ ଗସ୍ତ ବିଶେଷ ଗୁରୁତ୍ୱ ବହନ କରୁଛି।

ଏହି ଅବସରରେ ରାଷ୍ଟ୍ରପତି ହର୍ମିନି ଋଣ ସହାୟତା, ଅନୁଦାନ, କ୍ଷମତା ନିର୍ମାଣ ଏବଂ ଉଚ୍ଚ ପ୍ରଭାବଶାଳୀ ସମ୍ପ୍ରଦାୟ ବିକାଶ ପ୍ରକଳ୍ପ (ଏଚ୍‌ଆଇସିଡିପି) ମାଧ୍ୟମରେ ସେଶେଲ୍ସର ବିକାଶ ଓ ସୁରକ୍ଷା ଆବଶ୍ୟକତା ତଥା ଆକାଂକ୍ଷା ପାଇଁ ଭାରତର ଦୀର୍ଘକାଳୀନ ଅଟଳ ସମର୍ଥନ ଓ ସହଯୋଗ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ। ଅନ୍ୟପକ୍ଷେ ଉଭୟ ଦେଶର ଶକ୍ତି ଉପରେ ଆଲୋକପାତ କରି ଏବଂ ଏହି ସମ୍ପର୍କର ଗୁରୁତ୍ୱକୁ ସ୍ୱୀକାର କରି, ଦୁଇ ନେତା ବର୍ଦ୍ଧିତ ସଂଯୋଗୀକରଣ ମାଧ୍ୟମରେ ସ୍ଥିରତା, ଆର୍ଥିକ ଅଭିବୃଦ୍ଧି ଏବଂ ସୁରକ୍ଷା ପାଇଁ ଏକ ମିଳିତ ଦୃଷ୍ଟିକୋଣ (ଏସ୍‌ଇଏସ୍‌ଇଏଲ୍-ସେସେଲ୍)ର ଘୋଷଣା କରିଥିଲେ। ଭାରତ ଏବଂ ସେଶେଲ୍ସକୁ ସଂଯୋଗ କରୁଥିବା ସମୃଦ୍ଧ ଓ ଐତିହାସିକ ଲୋକସମ୍ପର୍କକୁ ମନେ ପକାଇ ଦୁଇ ନେତା ସେଶେଲ୍ସ ଏବଂ ଭାରତର ଲୋକଙ୍କ ସୁରକ୍ଷା, ସମୃଦ୍ଧି ଏବଂ କଲ୍ୟାଣକୁ ପ୍ରୋତ୍ସାହିତ କରିବା ପାଇଁ ଜାତୀୟ ବିକାଶ ପ୍ରାଥମିକତା ଉପରେ ଘନିଷ୍ଠ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେଶେଲ୍ସ ଏବଂ ଭାରତ ମଧ୍ୟରେ ନିୟମିତ ଉଚ୍ଚସ୍ତରୀୟ ରାଜନୈତିକ ବୈଠକ, ଗସ୍ତ ଏବଂ ପରାମର୍ଶର ଗୁରୁତ୍ୱକୁ ନେତାମାନେ ସ୍ୱୀକାର କରିଛନ୍ତି। ଉଭୟ ପକ୍ଷ ନେତୃତ୍ୱ, ମନ୍ତ୍ରୀସ୍ତରୀୟ ଏବଂ ବରିଷ୍ଠ ଅଧିକାରୀ ସ୍ତରରେ ରାଜନୈତିକ ଏବଂ ସାମାଜିକ-ଅର୍ଥନୈତିକ ସମ୍ପର୍କକୁ ଆହୁରି ମଜବୁତ କରିବାକୁ ସହମତ ହୋଇଛନ୍ତି। ଉଭୟ ପକ୍ଷ ଅକ୍ଷୟ ଶକ୍ତି ଏବଂ ଜଳବାୟୁ ଦୀର୍ଘସ୍ଥାୟିତ୍ୱ (ଜଳବାୟୁ ପରିବର୍ତ୍ତନର ପ୍ରଭାବ ଅନୁକୂଳ ପଦକ୍ଷେପ) କ୍ଷେତ୍ରରେ ସହଯୋଗକୁ ଆହୁରି ଗଭୀର କରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି, ଯେଉଁଥିରେ ଅଭିନବ ସ୍ୱଚ୍ଛ ଶକ୍ତି ସମାଧାନ ଅନ୍ତର୍ଭୁକ୍ତ। ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ପାଇଁ ମେଣ୍ଟ (ସିଡିଆରଆଇ)ରେ ସେଶେଲ୍ସ ଯୋଗଦେବା ନେଇ ଦୁଇ ନେତା ସହମତ ହୋଇଥିଲେ।

### ଏକତରଫା ପ୍ରେମର କରୁଣ ପରିଣତି: ଝଡ଼ି ପଡ଼ିଲା ଦୁଇ ନୀରିହ ଜୀବନ

# ସହପାଠିନୀଙ୍କୁ ହତ୍ୟା କରିବା ପରେ ଛାତ୍ରଙ୍କ ଆତ୍ମହତ୍ୟା



**ତରନ ତାରନ୍ (ପଞ୍ଜାବ), ୯।୨/ଏଜେନ୍ସି:** ସୋମବାର ପଞ୍ଜାବର ତରନ ତାରନ୍ ସ୍ଥିତ ଏକ ଆଇନ୍ କଲେଜ୍‌ରୁ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ରିପୋର୍ଟ ଅନୁସାରେ ଏଠାରେ ଜଣେ ଛାତ୍ର, ନିଜ କ୍ଲାସ୍‌ର ଜଣେ ଆଇନ୍ ଛାତ୍ରୀ (ସହପାଠୀ)ଙ୍କୁ ପ୍ରଥମେ ଗୁଳି କରି ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଛି। କ୍ଲାସ୍‌ରୁମ୍ ଭିତରେ ଲାଗିଥିବା ସିସିଟିଭିରେ ସମସ୍ତ ଘଟଣା ରେକର୍ଡ ହୋଇଛି। କ୍ଲାସ୍ ଷ୍ଟାର୍ଟ ହୋଇନଥିବାରୁ ଛାତ୍ରଛାତ୍ରୀମାନେ ବୁଲାବୁଲି କରୁଥିବା ବେଳେ ଜଣେ ଛାତ୍ର କ୍ଲାସ୍‌ରୁମ୍‌କୁ ନିଜ ବ୍ୟାଗ୍ ସହ ପ୍ରବେଶ କରିବା ଏବଂ କ୍ଲାସ୍‌ରୁମ୍‌ରେ ପୂର୍ବରୁ ବସିଥିବା ଦୁଇ ଛାତ୍ରୀଙ୍କ ବେଞ୍ଚ୍ ପାର୍ଶ୍ୱସ୍ଥ ଅନ୍ୟ ଏକ ବେଞ୍ଚରେ ଯାଇ ବସିଥିଲା। ଏହାପରେ ସେ ସେହି ଦୁଇ ଛାତ୍ରୀଙ୍କ ସହ କିଛି ସମୟ କଥାବାର୍ତ୍ତା କରିଥିଲା। ସେମାନଙ୍କ ମଧ୍ୟରେ କୌଣସି କଥାକୁ ନେଇ ଉଚ୍ଚବାଚ ମଧ୍ୟ ହୋଇଥିଲା। ଏହା ପରେ ଛାତ୍ରଜଣକ ହଠାତ୍ ଉତ୍କ୍ଷିପ୍ତ ହୋଇ ନିଜ ବ୍ୟାଗ୍‌ରେ ଲୁଚାଇ ରଖିଥିବା ବନ୍ଧୁକ (ପିସ୍ତଲ) ବାହାର କରି ଦୁଇ ଛାତ୍ରୀଙ୍କ ମଧ୍ୟରୁ ଜଣଙ୍କ ମୁଣ୍ଡରେ ଲଗାଇଥିଲା ଏବଂ ଟ୍ରିଗର ଚାପିଦେଇଥିଲା। ପଏଣ୍ଟ ବ୍ଲାଙ୍କରୁ ଗୁଳିମାଡ଼ ହୋଇଥିବାରୁ ଉକ୍ତ ଛାତ୍ରୀଜଣକ ସେହି ଘଟଣା ସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ଅନ୍ୟପକ୍ଷେ ଛାତ୍ରୀଙ୍କ ମୁଣ୍ଡକୁ ଗୁଳି କରିବାର ନିମିଷକ ମଧ୍ୟରେ ଅଭିଯୁକ୍ତ ଯୁବକଜଣକ ପୁନର୍ବାର ନିଜ ବନ୍ଧୁକରେ ଗୁଳି ଲୋଡ୍ କରିବା ଏବଂ ନିଜକୁ ଗୁଳି କରୁଥିବାର ଏବଂ ଟଳିପଡୁଥିବାର ସିସିଟିଭି ରେକର୍ଡେଡ୍ ଭିଡିଓରେ ସ୍ପଷ୍ଟ ଭାବେ ଦେଖିବାକୁ ମିଳୁଛି।

ମୃତ ଛାତ୍ରୀ ଜଣକ ହେଲେ ସନ୍ଦୀପ କୌର (୨୦), ଆଇନ କଲେଜର ପ୍ରଥମ ବର୍ଷର ଛାତ୍ରୀ। ଅନ୍ୟପକ୍ଷେ ଅଭିଯୁକ୍ତ ଛାତ୍ର ଜଣକ ହେଉଛନ୍ତି ପ୍ରିନ୍ସରାଜ ସିଂହ, ଯିଏକି ସନ୍ଦୀପ୍ କୌରଙ୍କ ସହ ସେହି କଲେଜର ହିଁ ଜଣେ ଛାତ୍ର ଥିଲେ। ପ୍ରିନ୍ସରାଜ ତରନ୍ ତାରନର ସ୍ଥାୟୀ ବାସିନ୍ଦା ବୋଲି ମଧ୍ୟ ଜଣାପଡ଼ିଛି। ଅନ୍ୟପକ୍ଷେ ଅଭିଯୁକ୍ତ ପ୍ରିନ୍ସରାଜକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ସେ ବଞ୍ଚିପାରିନାହିଁ। ଏହି ଘଟଣା ପରେ ମୃତ ଛାତ୍ରୀ ସନ୍ଦୀପ କୌରଙ୍କ ସହ ଘଟଣା ସମୟରେ କ୍ଲାସରୁମ୍‌ରେ ଉପସ୍ଥିତ ଥିବା ଅନ୍ୟ ଛାତ୍ରୀଜଣକ ଭୟଭୀତ ଅବସ୍ଥାରେ ଦୌଡିଯାଇ କଲେଜ କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ। ଏହାପରେ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ଅନ୍ୟପକ୍ଷେ ଏହି ଡବଲ୍ ମର୍ଡର ଘଟଣାରେ ପୁଲିସ୍ ଆଇନ୍ କଲେଜକୁ ସିଲ୍ କରିଛି ଏବଂ ହତ୍ୟା ପଛର ଉଦ୍ଦେଶ୍ୟ ତଦନ୍ତ ଆରମ୍ଭ କରିଛି।

ପୁଲିସ୍ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି ଯେ, ଏସମ୍ପୂର୍ଣ୍ଣ ଘଟଣା ଏକତରଫା ପ୍ରେମଜନିତ। ମୃତ ଅଭିଯୁକ୍ତ ଛାତ୍ରଜଣକ ମୃତ ଛାତ୍ରୀଙ୍କୁ ଏକତରଫା ପ୍ରେମ କରୁଥିବା ବେଳେ ବାରମ୍ବାର ବାଟଘାଟରେ ଅଟକାଇ ବିବାହ କରିବାକୁ ପ୍ରପୋଜ୍ ମଧ୍ୟ କରୁଥିଲା। କିନ୍ତୁ ଏସବୁ ମଧ୍ୟରେ ଛାତ୍ରୀଜଣକ ନିଜ ଘର ଲୋକଙ୍କ ପସନ୍ଦର ପୁଅ ସହ ନିର୍ବନ୍ଧ କରିନେଇଥିଲେ। ଏହାକୁ ନେଇ ଅଭିଯୁକ୍ତ ଯୁବକ ପ୍ରତିଶୋଧପରାୟଣ ହୋଇ ଏପ୍ରକାର କାଣ୍ଡ ଘଟାଇଥିବା ପୁଲିସ୍ ଅନୁମାନ କରୁଛି। ଗତ ଫେବୃଆରୀ ୮ ତାରିଖରେ ଭାଲେଣ୍ଟାଇନ୍ ଡେ'ରେ ଛାତ୍ରୀଜଣଙ୍କୁ ଯୁବକ ଶେଷ ଥର ପାଇଁ ପ୍ରପୋଜ୍ କରିବା ଏବଂ ଛାତ୍ରୀଜଣକ ତାଙ୍କୁ ମନା କରିବାରୁ ଯୁବକଜଣକ ଏହି ଚରମ ପଦକ୍ଷେପ ନେଇଥିବା କୁହାଯାଉଛି। ଅନ୍ୟପକ୍ଷେ ଏହି ଘଟଣାକୁ ନେଇ କଲେଜ କର୍ତ୍ତୃପକ୍ଷଙ୍କ ଉପରେ ମଧ୍ୟ ପ୍ରଶ୍ନ ଉଠିଛି। କଲେଜ ଭିତରକୁ ଜଣେ ଅଣଛାତ୍ର କିପରି ପ୍ରବେଶ କଲା, ସୁରକ୍ଷା ବ୍ୟବସ୍ଥାକୁ କାହିଁକି କଡାକଡି କରାଯାଇନାହିଁ, ଅଭିଯୁକ୍ତ ପାଖରେ ବନ୍ଧୁକ କେଉଁଠୁ ଆସିଲା ଏସବୁ ପ୍ରଶ୍ନ ଉପରେ ମଧ୍ୟ ପୁଲିସ୍ ଛାନ୍‌ବିନ୍ କରୁଛି।

# ଆଜିଠାରୁ ରାଉରକେଲାରେ ପୁରୁଷ ହକି ପ୍ରୋ-ଲିଗ୍ ଚମକିବେ ୫ ଓଡ଼ିଆ ଖେଳାଳି

**ଭୁବନେଶ୍ୱର,୯।୨/ଏନ୍‌ଏନ୍‌ଏସ୍:** ଆସନ୍ତାକାଲି ଠାରୁ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମ୍‌ରେ ଏଫ୍‌ଆଇଏଚ୍ ପୁରୁଷ ହକି ପ୍ରୋ-ଲିଗ୍ ଆରମ୍ଭ ହେବ। ଆସନ୍ତାକାଲି ବେଲ୍‌ଜିୟମ୍ ଓ ଆର୍ଜେଣ୍ଟିନା ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। ଏହାପରେ ଭାରତୀୟ ଟିମ୍ ବୁଧବାର ବେଲ୍‌ଜିୟମ୍ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ୨୪ ଜଣିଆ ଭାରତୀୟ ଟିମ୍‌ରେ ସୁନ୍ଦରଗଡ଼ ଜିଲ୍ଲାର ୫ ଜଣ ଖେଳାଳି ସ୍ଥାନ ପାଇଥିବାରୁ ଏହା ସ୍ଥାନୀୟ ହକିପ୍ରେମୀଙ୍କ ଉତ୍କଣ୍ଠା ଓ ଉତ୍ସାହକୁ ଦ୍ୱିଗୁଣିତ କରିଛି। ଏହି ତାରକା ଖେଳାଳି ହେଉଛନ୍ତି ଅମିତ ରୋହିଦାସ, ଅମନଦୀପ ଲାକ୍ରା, ରୋଶନ କୁଜୁର, ଶୀଳାନନ୍ଦ ଲାକ୍ରା ଓ ନୀଳମ ସଞ୍ଜୀପ ଖେସ୍। ଭାରତୀୟ ଡିଫେନ୍ସ ଲାଇନ୍‌ର ଶକ୍ତିଶାଳୀ ସ୍ତମ୍ଭ ଭାବେ ପରିଚିତ ଅମିତ ରୋହିଦାସ ନିକଟରେ ଶେଷ ହୋଇଥିବା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ରେ ଉନ୍ନତ ପ୍ରଦର୍ଶନ କରିଥିଲେ। ତାଙ୍କ ସହ ଡିଫେନ୍‌ସ ଲାଇନ୍‌ରେ ଯୋଗଦେବେ ଅମନଦୀପ ଲାକ୍ରା। ଏହି ୨୧ ବର୍ଷୀୟ ଡ୍ରାଗ୍-ଫ୍ଲିକର୍ ହକି ଇଣ୍ଡିଆ ଲିଗ୍‌ରେ 'ଶ୍ରେଷ୍ଠ ଖେଳାଳି' ପୁରସ୍କାର ଲାଭ କରିଥିଲେ। ଏହା ବ୍ୟତୀତ ମିଡିଲ୍ ଅର୍ଡର୍‌ରେ ରୋଶନ କୁଜୁରଙ୍କ ବହୁ ପ୍ରତୀକ୍ଷିତ ପଦାର୍ପଣ ଦେଖିବାକୁ ମିଳିବ। ୨୦୨୫ ଜୁନିୟର୍ ବିଶ୍ୱକପ୍‌ରେ ବ୍ରୋଞ୍ଜ୍ ପଦକ ଜିତିଥିବା ଭାରତୀୟ ଟିମ୍ ତଥା ଏଚ୍‌ଆଇଏଲ୍ ଚାମ୍ପିଅନ୍ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଟିମ୍‌ର ସେ ଅବିଚ୍ଛିନ୍ନ ଅଙ୍ଗ ଥିଲେ। ଡିଫେନ୍ସରେ ନିର୍ଭରଯୋଗ୍ୟ ନୀଳମ ସଞ୍ଜୀପ ଖେସ୍ ଓ ଫରୱାର୍ଡ଼ ଲାଇନ୍‌ରେ ଶିଳାନନ୍ଦ ଲାକ୍ରା ଅଛନ୍ତି। ଉଭୟେ ପୂର୍ବରୁ ଅନ୍ତର୍ଜାତୀୟ ସ୍ତରରେ ସେମାନଙ୍କର ଦକ୍ଷତା ପ୍ରମାଣିତ କରିସାରିଛନ୍ତି।




ଅମନଦୀପ ଅମିତ ନୀଳମ ରୋଶନ ଶୀଳାନନ୍ଦ

ଦୁଇଥର ଅଲିମ୍ପିକ୍ ବ୍ରୋଞ୍ଜ୍ ପଦକ ବିଜେତା ଅମିତ ରୋହିଦାସ ଡ୍ରାଗ୍‌ଫ୍ଲିକ୍ ପାଇଁ ଜଣାଶୁଣା ଏବଂ ଭାରତୀୟ ଟିମ୍ର ସବୁଠୁ ଅଭିଜ୍ଞ ଏବଂ ନିର୍ଭରଯୋଗ୍ୟ ଖେଳାଳିଙ୍କ ମଧ୍ୟରୁ ଅନ୍ୟତମ। ୨୦୨୫ ପୁରୁଷ ଏସିଆ କପ୍‌ରେ ଭାରତୀୟ ଟିମ୍‌ର ସ୍ୱର୍ଣ୍ଣ ଏବଂ ସୁଲତାନ୍ ଆଜ୍‌ଲାନ୍ ଶାହ କପ୍‌ରେ ରୌପ୍ୟ ପଦକ ଜିତିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଅନ୍ୟପକ୍ଷରେ ପ୍ରଥମ ଥର ପାଇ ଭାରତୀୟ ଟିମ୍‌ରେ ସାମିଲ ହୋଇଥିବା ୨୧ ବର୍ଷୀୟ ରୋଶନ୍ କୁଜୁର ଚଳିତ ପ୍ରୋ-ଲିଗ୍‌ରେ ସିନିୟର୍ ଅନ୍ତର୍ଜାତୀୟ ପଦାର୍ପଣ କରିବେ। ମିଡ୍‌ଫିଲ୍ଡରେ ଅସାଧାରଣ ଗତି, ଡିଫେନ୍ସି ଲାଇନ୍ ଭେଦ କରିବାର କ୍ଷମତା ତଥା ସୃଜନଶୀଳ ଖେଳ ପାଇଁ ସେ ପରିଚିତ। ଏହାସହ ଚାପମୁକ୍ତ ହୋଇ ଖେଳିବାର କଳା ତାଙ୍କୁ ଅନ୍ୟମାନଙ୍କଠାରୁ ଭିନ୍ନ କରିଛି। ସେହିପରି ଡିଫେଣ୍ଡର ଅମନଦୀପ ଏଚ୍‌ଆଇଏଲ୍ ୨୦୨୫-୨୬ ସିଜିନ୍‌ରେ ଶୀର୍ଷ ଭାରତୀୟ ସ୍କୋରର୍ ଭାବେ ୯ ଗୋଲ୍ ସ୍କୋର୍ କରି ସର୍ବଶ୍ରେଷ୍ଠ ଖେଳାଳି ହୋଇଥିଲେ। ଆଗାମୀ ଟୁର୍ଣ୍ଣାମେଣ୍ଟ ସେମାନେ ବେଲ୍‌ଜିୟମ୍ ଏବଂ ଆର୍ଜେଣ୍ଟିନା ପରି ଶକ୍ତିଶାଳୀ ଟିମ୍ ବିପକ୍ଷରେ ଉନ୍ନତ ପ୍ରଦର୍ଶନ କରିବେ ବୋଲି ଆଶା ରହିଛି।

ନିତିଦିନ NITIDIN



# ସର୍ବଭାରତୀୟ କଳିଙ୍ଗ ପାଇକ ଫୁଟ୍‌ବଲ୍ କପ୍ ଉଦ୍‌ଘାଟିତ

**ଖୋର୍ଦ୍ଧା,୯।୨/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଜିଲ୍ଲାର ଅଗ୍ରଣୀ କ୍ରିଡା ଅନୁଷ୍ଠାନ କ୍ଲବ ମର୍ଣିଙ୍ଗ ଷ୍ଟାର ପକ୍ଷରୁ ଆଜି ସ୍ଥାନୀୟ ଖୋର୍ଦ୍ଧା ଷ୍ଟାଡିୟମ ଠାରେ ଉଦ୍ଘାଟିତ ହୋଇଯାଇଛି ୬ଷ୍ଠ ତମ କଳିଙ୍ଗ ପାଇକ କପ୍। ଅନୁଷ୍ଠାନର ଉପଦେଷ୍ଟା ଡ. ସଞ୍ଜୟ ପଟ୍ଟନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ରୂପେ ପୂର୍ବତନ ବିଧାୟକ ତଥା ଖୋର୍ଦ୍ଧାର ବରିଷ୍ଠ ଫୁଟବଲ ଖେଳାଳି ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଉପସ୍ଥିତ ରହି କ୍ରୀଡ଼ାପ୍ରେମୀମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଖୋର୍ଦ୍ଧାରେ ଆଗାମୀ ଦିନରେ ଫୁଟବଲ ଖେଳର ବିକାଶ ପାଇଁ ସରକାରଙ୍କୁ ଆନୁରୋଧ କରିଥିଲେ। କ୍ଲବର ସଭାପତି ଶୁଭେନ୍ଦ୍ର୍ କୁମାର ସ୍ୱାଇଁ ୪ ଦିନ ଧରି ହେବାକୁ ଥିବା ମ୍ୟାଚ୍ ଗୁଡିକ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁନିସିପାଲିଟି ଅଧ୍ୟକ୍ଷ କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ଖୋର୍ଦ୍ଧା ବ୍ଲକ୍ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ମଡେଲ ମାନସ କୁମାର ମହାପାତ୍ର, ରାଜେଶ ପରିଡା ପ୍ରମୁଖ ଅତିଥି ରୂପେ ଉପସ୍ଥିତ ରହିଥିଲେ। ପ୍ରଥମ ମ୍ୟାଚ ଆଫ୍ରିକାନ-୧୧ ସେଞ୍ଚୁରୀୟାନ, ଜଟଣୀ ବନାମ ଉତ୍କଳ ସ୍ପୋର୍ଟିଙ୍ଗ, ଜଟଣୀ ଓ ଦ୍ୱିତୀୟ ମ୍ୟାଚ ଆୟୋଜକ ଟିମ କ୍ଲବ୍ ମର୍ଣିଙ୍ଗ ଷ୍ଟାର, ଖୋରଧା ବନାମ ଆର୍ଡୋର କ୍ଲବ ଦିଲ୍ଲୀ ମଧ୍ୟରେ ଖେଳା ଯାଇଥିଲା। ଆଫ୍ରିକାନ ଏଲେଭେନ୍ ସେଞ୍ଚୁରୀୟାନ ୩-୧ ଗୋଲରେ ଉତ୍କଳ ସ୍ପୋର୍ଟିଙ୍କୁ ପରାସ୍ତ କରି ବିଜୟ ଲାଭ କରିବା ସହ ସେମିଫାଇନାଲରେ ପ୍ରବେଶ କରିଛି।




## ସତ୍ୟବାଦୀ ମହୋତ୍ସବ ଉଦ୍‌ଯାପିତ

**ସାକ୍ଷୀଗୋପାଳ,୯।୨/ଏନ୍‌ଏନ୍‌ଏସ୍:** ପଞ୍ଚସଖା ମୁକ୍ତାକାଶ ରଙ୍ଗ ମଞ୍ଚରେ ୪ ଦିନ ବ୍ୟାପି ଆୟୋଜିତ ସତ୍ୟବାଦୀ ମହୋତ୍ସବ ରବିବାର ବିଳମ୍ବିତ ରାତିରେ ଉଦଯାପିତ ହୋଇଯାଇଛି। ଉଦଯାପନ ସଂଧ୍ୟାର ଅତିଥି ଭାବରେ ମହୋତ୍ସବ କମିଟି ସଭାପତି ତଥା ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପୂର୍ବତନ ବିଧାୟକ ପ୍ରସାଦ ହରିଚନ୍ଦନ ଓ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର,ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, କମିଟି ସମ୍ପାଦକ ଦୀପକ ଶତପଥୀ ପ୍ରମୁଖ ଯୋଗ ଦେଇ ଆନୁଷ୍ଠାନିକ ଭାବରେ ମହୋତ୍ସବକୁ ଉଦଯାପନୀ ଘୋଷଣା କରିଥିଲେ। ସଭାପତି ଶ୍ରୀ ମିଶ୍ରଙ୍କ ସଭାପତିତ୍ୱରେ ଶେଷ ସଂଧ୍ୟାର ବୈଠକ ଅନୁଷ୍ଠିତ ହୋଇଥିଲା।ଯୋଗଗୁରୁ ପ୍ରଶାନ୍ତ କୁମାର ବିଶ୍ୱାଳଙ୍କ ଛାତ୍ର ଛାତ୍ରୀ ମାନେ ଯୋଗ ପ୍ରଦର୍ଶନ କରିଥିଲେ। ସଂସ୍କୃତି ବିଭାଗ ପକ୍ଷରୁ ଭବାନିପାଟଣାର ପ୍ରତିଭା ଅନୁଷ୍ଠାନର କଳାକାରମାନେ ଅଭିନୟ ଓ ନୃତ୍ୟ ପରିବେଷଣ କରିଥିଲେ। ପରେପରେ ମହୋତ୍ସବ କମିଟି ପକ୍ଷରୁ ବିଦ୍ୟାଳୟ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ଲାଭ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ଦେଇ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ହଲିଉଡ୍ ଗାୟିକା ଅରୁଣିତା ଓ ନିହାଲ ତାଉରୋଙ୍କ ଟିମ୍ ବିଳମ୍ବିତ ରାତି ପର୍ଯ୍ୟନ୍ତ ସିନେ ସଙ୍ଗୀତ ଦର୍ଶକମାନଙ୍କୁ ମୁକ୍ତାକାଶ ରଙ୍ଗମଞ୍ଚରେ ଶୀତୁଆ ରାତିରେ ବାନ୍ଧି ରଖିଥିଲା।

## ରତନପୁର କାଜୁ ଜଙ୍ଗଲରେ ଅଗ୍ନିକାଣ୍ଡ

**ମୁଣ୍ଡମୁହାଣ,୯।୨/ଏନ୍‌ଏନ୍‌ଏସ୍:** ଆଗକୁ ଆସୁଛି ଗ୍ରୀଷ୍ମଋତୁ। ବନାଗ୍ନିକୁ ରୋକିବାକୁ ସଜ ହେବା ପୂର୍ବରୁ ଆଜି ଚନ୍ଦକା ଅଭୟାରଣ୍ୟ ସଂଲଗ୍ନ ଖୋର୍ଦ୍ଧା ରେଞ୍ଜ ଅନ୍ତର୍ଗତ ଗଙ୍ଗପଡା ରତନପୁର କାଜୁ ଜଙ୍ଗଲରେ ଅଗ୍ନିକାଣ୍ଡ ଘଟିଛି। ପ୍ରାୟ ଦୁଇ ଏକର ପରିମିତ ଅଞ୍ଚଳରେ ନିଆଁ ଲାଗିଥିଲା। ସ୍ଥାନୀୟ ଲୋକ, ଖୋର୍ଦ୍ଧା ଓ ଜଟଣୀ ଦମକଳ ବାହୀନି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମିଳିଥିବା ସୂଚନା ଅନୁସାରେ କେହି ଦୁର୍ବୃତ୍ତ ଚନ୍ଦକା ଅଭୟାରଣ୍ୟ ସଂଲଗ୍ନ ଗଙ୍ଗପଡା କାଜୁ ଜଙ୍ଗଲକୁ ଯାଇଥିବା ବେଳେ ଜଙ୍ଗଲ ଭିତରେ ଥିବା ଶୁଖିଲା ଘାସରେ ନିଆଁ ଲଗାଇ ଦେଇଥିଲେ। ପବନ ହେଉଥିବାରୁ ଜଙ୍ଗଲ ଭିତରକୁ ନିଆଁ ବ୍ୟାପିବାରେ ଲାଗିଥିଲା। ପ୍ରାୟ ଦୁଇ ଏକରରୁ ଅଧିକ ଅଞ୍ଚଳକୁ ଅଗ୍ନି ବ୍ୟାପିବାରେ ଲାଗିଥିଲା। ସ୍ଥାନୀୟ ଗଙ୍ଗପଡା ଅଞ୍ଚଳର ବିଜୟ ମହାରଥି, ପ୍ରଦିପ ମହକୁଡ ଓ ସୁରେଶ ମହକୁଡ ଜଙ୍ଗଲରେ ନିଆଁ ଲଗିଥିବା ଦେଖି ଜଟଣୀ ଓ ଖୋର୍ଦ୍ଧା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ପ୍ରାୟ ଦୁଇ ଘଣ୍ଟା କାଳ ଅଗ୍ନିଶମ କର୍ମଚାରୀମାନେ ପରିଶ୍ରମ କରିବା ପରେ ନିଆଁ ଆୟତ୍ତ ହୋଇଥିଲା।

## ଦୀର୍ଘଦିନ ପରେ ଡ୍ରେନ୍ କାର୍ଯ୍ୟ ଆରମ୍ଭ



**କଣ୍ଟିଲୋ,୯।୨/ଏନ୍‌ଏନ୍‌ଏସ୍:** କଣ୍ଟିଲୋ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ପାଣ୍ଡୁ ସାହୁ ପାଟଣା ଯାଇଥିବା ରାସ୍ତାର ବାମ ପାର୍ଶ୍ୱରେ ଦୀର୍ଘବର୍ଷ ହେଲା ପୋତି ହୋଇ ରହିଥିବା ଡ୍ରେନର ଅପରିଷ୍କାର, ପୂତି ଗନ୍ଧମୟ , ବାସନ ଧୁଆ, ଶୌଚ ପାଣି ମୁଖ୍ୟ ରାସ୍ତା ଉପରେ ଲହଡ଼ି ମାରି ପୋକ ଜୋକ ସଲ ବଲ ହୋଇ ଚାଲୁ ଥିବା ଯୋଗୁ ସେହି ପାଣି ମାଡି ବିଭିନ୍ନ ଧର୍ମାନୁଷ୍ଠାନ,ସ୍କୁଲ କଲେଜ, ଯାତାୟାତ କଲା ବେଳେ ବହୁ ଅସୁବିଧା, ହଇରାଣ ଓ ହିନସ୍ଥା ହେବା ସହ ନାକ କାନ ପାଟିରେ ରୁମାଲ ଭିଡ଼ି ଯାଉଥିବାର ନଜିର ଅଛି। ଏ ସମ୍ପର୍କେ ଦୈନିକ 'ନିତିଦିନ'ରେ ଖବର ପ୍ରସାରିତ ହୋଇଥିଲା। ଏହି ଖବରକୁ ଗୁରୁତ୍ୱ ଦେଇ ବହୁ ବିଳମ୍ବରେ ହେଲେ ମଧ୍ୟ ଖଣ୍ଡପଡ଼ା ଆର୍‌ଡି ବିଭାଗ ଗତ ଦୁଇ ଦିନ ହେଲା ଡ୍ରେନରେ ପୋତି ହୋଇ ରହିଥିବା ପଙ୍କ ମାଟିକୁ ଜେସିବି ଦ୍ୱାରା ଖୋଳି ଅପରିଷ୍କାର ଜିନିଷ ବାହାର କରି ଡ୍ରେନ ସଫା ଓ ମରାମତି କରୁଥିବାରୁ ସେହି ଅଞ୍ଚଳରେ ବାସ କରୁଥିବା ଅଧିବାସୀମାନେ ବହୁ ଖୁସି ହେବା ସଙ୍ଗେ ସଙ୍ଗେ 'ନିତିଦିନ' ଖବର କାଗଜ, କଣ୍ଟିଲୋ ପ୍ରତିନିଧି ତଥା କାର୍ଯ୍ୟାଳୟର କର୍ମଚାରୀଙ୍କୁ ଧନ୍ୟବାଦ୍ ଦେବା ସହିତ ପ୍ରଶଂସା କରିଛନ୍ତି।

## ସାଧାରଣ ଧର୍ମଘଟ ପାଇଁ ପ୍ରସ୍ତୁତି

**ଖୋର୍ଦ୍ଧା,୯।୨/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଶ୍ରମିକ ସ୍ୱାର୍ଥ ବିରୋଧୀ ୪ଟି ଶ୍ରମ କୋଡ ବାତିଲ, ଖାଲି ପଡ଼ିଥିବା ସମସ୍ତ ସରକାରୀ ପଦବୀ ପୂରଣ, ସ୍ମାର୍ଟ ମିଟର ବସାଇବା ବନ୍ଦ, ସ୍କିମ୍ ଶ୍ରମିକ ମାନଙ୍କୁ ଶ୍ରମିକର ମାନ୍ୟତା, ପୁରୁଣା ପେନସନ ସ୍କିମ ପ୍ରଚଳନ, କୃଷିଜାତ ଦ୍ରବ୍ୟର ଲାଭ ଜନକ ମୂଲ୍ୟ, ଏମ.ଏନ୍. ରେଗାରେ ବର୍ଷକୁ ୨୦୦ଦିନ କାମର ଗ୍ୟାରେଣ୍ଟି ଇତ୍ୟାଦି ଦାବିରେ ୧୨ ଫେବୃୟାରୀ ଖୋର୍ଦ୍ଧା ଜିଲ୍ଲାରେ ସାଧାରଣ ଧର୍ମଘଟକୁ ସଫଳ କରିବା ପାଇଁ ପ୍ରାଣନାଥ ଭବନଠାରେ ପ୍ରସ୍ତୁତି ବୈଠକ ସି. ଆଇ.ଟି.ୟୁ ନେତା ଅନନ୍ତ ମଙ୍ଗରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏ.ଆଇ. ୟୁ.ଟି.ୟୁ.ସି ଶ୍ରମିକ ନେତା ଅଶୋକ ସାହୁ, କାର୍ତ୍ତିକ ଘଡ଼େଇ, ଶିକ୍ଷକ ନେତା କିଶୋରଚନ୍ଦ୍ର ପରମଗୁରୁ, ସୁରେଶ ବିଶ୍ୱାଳ, କର୍ମଚାରୀ ନେତା ଶଙ୍କର୍ଷଣ ପ୍ରଧାନ, ରତ୍ନାକର ସୁନ୍ଦରାୟ ଉପସ୍ଥିତ ଥିଲେ। ଖୋରଧା ଜିଲ୍ଲାର ସକଳ ସ୍ତରର ଜନସାଧାରଣ ଏହି ଧର୍ମଘଟ ସାମିଲ ହେବାକୁ ଆହ୍ୱାନ କରିଛନ୍ତି।

## ୪ ବାଲି ବୋଝେଇ ହାଇୱା ଜବତ



**ଟାଙ୍ଗୀ,୯।୨/ଏନ୍‌ଏନ୍‌ଏସ୍:** ଟାଙ୍ଗୀ ପୁଲିସ ୪ଟି ବାଲି ବୋଝେଇ ହାଇୱା ଜବତ କରିଥିବା ବେଳେ ଖଣି ବିଭାଗର ଅଧିକାରୀଙ୍କ ଅପାରଗତା ପଦାରେ ପଡ଼ିଛି। ସୂଚନାରୁ ପ୍ରକାଶ ଯେ ରବିବାର ବିଳମ୍ବିତ ରାତିରେ ଟାଙ୍ଗୀ-କପିଳାସ ରାସ୍ତା ଦେଇ ୪ଟି ହାଇୱା ମୁଣ୍ଡଳୀରୁ ବାଲି ବୋଝେଇ କରି ଗଳାବାଟ ଦେଇ ଯାଜପୁର ଯାଉଥିବା ବେଳେ ଟାଙ୍ଗୀ ଥାନା ଅଧିକାରୀ ଡ. ବିକାଶ କୁମାର ସେଠୀ ପୁଲିସ ଟିମ୍ ସହ ଚଢଉ କରି ସଫା ନିକଟରେ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ। ହେଲେ ହାଇୱା ଚାଳକମାନେ କୌଣସି କାଗଜପତ୍ର ନ ଦେଖାଇ ନ ପାରିବାରୁ ଗାଡିଗୁଡ଼ିକୁ ଜବତ କରି ବିଶ୍ୱାଳି ଫାଣ୍ଡିରେ ରଖିବା ସହ ଚାଳକମାନଙ୍କୁ ଆଜି କୋର୍ଟଚାଲାଣ କରାଯାଇଛି। ପରେ ଉକ୍ତ ଗାଡିଗୁଡିକୁ ଖଣି ବିଭାଗକୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ଶ୍ରୀ ସେଠୀ ପ୍ରକାଶ କରିଛନ୍ତି।

## 'ସ୍ମୃତିରେ ସ୍ମୃତିରେ' ପୁସ୍ତକ ଉନ୍ମୋଚିତ

**ଖୋର୍ଦ୍ଧା,୯।୨/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ବ୍ଲକ ଜଟଣୀ ରାମଚନ୍ଦ୍ରପୁରଠାରେ ପଣ୍ଡିତ ରମାକାନ୍ତ ମିଶ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା ଡ. ପ୍ରମୋଦ ଚନ୍ଦ୍ର ଦାଶ ଏବଂ ମଦନ ମୋହନ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପଣ୍ଡିତ ପଦ୍ମନାଭ ତ୍ରିପାଠୀ, ପଣ୍ଡିତ ରମାକାନ୍ତ ରଥ, ସତ୍ୟବାଦୀ ବଳିୟାର ସିଂହ, ସୁଦର୍ଶନ ମହାପାତ୍ର, ବିନାୟକ ରଥ, ପ୍ରତାପ କୁମାର ପ୍ରଧାନ, ସୁରେଶ କୁମାର ମିଶ୍ର, ହରିହର ସାମନ୍ତରାୟ, ଯୁଧିଷ୍ଠିର ପରିଡା, ଖଗେଶ୍ୱର ମାର୍ଥା, ଜବାହାରଲାଲ ସୁବୁଦ୍ଧି, ତ୍ରିଲୋଚନ ମହାପାତ୍ର, ସୀତାକନ୍ତ ଶତପଥି, ଶ୍ୟାମସୁନ୍ଦର ତ୍ରିପାଠୀ, ସୁରେଶ ଚନ୍ଦ୍ର ସ୍ୱାଇଁ, ଡ.ସୁକାନ୍ତି ମହାପାତ୍ର, ଆଦୀନାରାୟଣ ଖଣ୍ଟୁଆଳ, ପଦ୍ମନାଭ ପାଣିଗ୍ରାହୀ, ବ୍ରଜବନ୍ଧୁ ନାୟକ, ସତ୍ୟବାଦୀ ସାହୁ, ସୁରେଶ ଚନ୍ଦ୍ର ରଥ, ଶରତ ଚନ୍ଦ୍ର ଦାଶ, ଅମିତା ସାମଲ, କାଦମ୍ବିନୀ ସ୍ୱାଇଁଙ୍କ ସହ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୨୦୦ ରୁ ଅଧିକ ପାଲାକାର, ସାହିତ୍ୟିକମାନେ ଭାଗ ନେଇ ମହାନ୍ ଆତ୍ମାର ସ୍ମୃତି ଚାରଣ କରିଥିଲେ। ରମାକାନ୍ତ ମିଶ୍ର ଥିଲେ ଜଣେ ଅସାଧାରଣ ଜ୍ଞାନର ଅଧିକାରୀ, ସଂସ୍କୃତ ଭାଷାରେ ବିଦ୍ୱାନ, ଓଡ଼ିଆ ସାହିତ୍ୟରେ ଦକ୍ଷ, ଉତ୍ତମ ଶିକ୍ଷକ, ଓଡ଼ିଶାର ଜଣେ ଉଚ୍ଚ କୋଟୀର ପାଲା ଗାୟକ ଓ ସଂଗଠକ। ବିଭିନ୍ନ ସାଂସ୍କୃତିକ ଓ ସାହିତ୍ୟ ଅନୁଷ୍ଠାନରେ ସକ୍ରିୟ ଜଡ଼ିତ ଥିଲେ। ଆମରି ସତ୍ୟ ବିକାଶ ପରିଷଦ, ଜଟଣୀ ପୁସ୍ତକ ମେଳା, ଜଟଣୀ ସାହିତ୍ୟ ସଂସଦ, ସମ୍ବାଦ ସାହିତ୍ୟ ଘର , ହରିପୁର ଗ୍ରାମବାସୀ ଆଜି ସେ ମହାନ୍ ବ୍ୟକ୍ତିତ୍ୱଙ୍କୁ ମନେ ପକାଉଛି। ଶିଷ୍ୟ ଶରତ ଚନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

### ପ୍ରଥମ ଚଣାହଟ୍ଟା ପ୍ରିମିୟର୍ ଲିଗ୍ କ୍ରିକେଟ୍ ଉଦ୍‌ଯାପିତ

## ସାଇ ମହାବୀର ଜାଗୁଆର୍ସ ଚାମ୍ପିଅନ୍



**ବାଲିପାଟଣା,୯।୨/ଏନ୍‌ଏନ୍‌ଏସ୍:** ବାଲିପାଟଣା ବ୍ଲକ ପମ୍ପାଲୋ ପଞ୍ଚାୟତ ଚଣାହଟ୍ଟା ପିପୁଲ୍ସ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ରେ ଗୁରୁବାର ଠାରୁ ଚାଲିଥିବା ପ୍ରଥମ ଚଣାହଟ୍ଟା ପ୍ରିମୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ରେ ତାରିଣୀ ୱାରୀୟର୍ସ କୁ ୩୬ ରନ ରେ ପରାସ୍ତ କରି ସାଇ ମହାବୀରଜାଗୁଆର୍ସ ଚାମ୍ପିଅନ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିଳ୍ପପତି ରମାକାନ୍ତ ପଣ୍ଡା, ଯୁବ ସମାଜସେବୀ ସତ୍ୟନାରାୟଣ ଛାଟଇ, ଚଣାହଟ୍ଟା ହାଇସ୍କୁଲ ପ୍ରଧାନ ଶିକ୍ଷୟତ୍ରୀ ଜ୍ୟୋସ୍ନାରାଣୀ ଦାଶ, ସରପଞ୍ଚ ବାହାନ ଭୋଇ, ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା, ସାମ୍ବାଦିକ ରମେଶ ଚନ୍ଦ୍ର ରଥ, ମାନସ କୁମାର ପଣ୍ଡା, ସତ୍ୟଜିତ ରାୟ, ଅମୁଲ୍ୟ ପ୍ରଧାନ, ବସନ୍ତ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ। ଟୁର୍ନାମେଣ୍ଟରେ ଭୁବାସିନୀ ବ୍ଲାଷ୍ଟରସ୍,ସାଇ ମହାବୀର ଜାଗୁଆର୍ସ, ବାବା ସିଦ୍ଧେଶ୍ୱର ସ୍କାଏ ହିଟରସ୍, ନୀଳକଣ୍ଠ ବୁଲସ, ତାରିଣୀ ୱାରୀୟର୍ସ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ରେ ତାରିଣୀ ୱାରିୟର୍ସ ଟସ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଏସ୍ ଏମ୍ ଜାଗୁଆର୍ସ ପ୍ରଥମେ ବ୍ୟାଟିଂ କରି ୧୦ ଓଭର ରେ ୧ ଉଇକେଟ ହରାଇ ୨୧୪ ରନର ବିଶାଳ ସ୍କୋର କରିଥିଲା। ଏସ୍ ଏମ୍ ଜାଗୁଆର୍ସ ର ଓପନର ଅମିତ ତ୍ରିପାଠୀ ୩୬ ବଲ ଖେଳି ୧୨୩ ରନ ବ୍ୟକ୍ତିଗତ ସ୍କୋର କରିଥିଲେ। ୧୫ ଛକା ଏବଂ ୬ ଟି ୪ ମାରିଥିଲେ। ଅମିତ କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଛି। ତାରିଣୀ ୱାରୀୟର୍ସ ନିର୍ଦ୍ଧାରିତ ଓଭରରେ ୪ ଉଇକେଟ ହରାଇ ୧୭୮ ରନ କରିବାକୁ ସକ୍ଷମ ହୋଇଥିଲା। ସୁକାନ୍ତ କୁମାର ଦାଶ, ପ୍ରିୟଞ୍ଜନ ସ୍ୱାଇଁ, ଧୀରେନ୍ଦ୍ର କୁମାର ସାହାଣୀ, ସନମୁନ ରାଉତରାୟ, ସୌମ୍ୟ ରଞ୍ଜନ ମହାନ୍ତି ଅଂଶ ଗ୍ରହଣ କରିଥିବା ଦଳ ଗୁଡିକର ନେତୃତ୍ୱ ନେଇଥିଲେ। ଫାଇନାଲ ମ୍ୟାଚରେ ଜଗନ୍ନାଥ ସାହୁ ଏବଂ ସୌଭାଗ୍ୟ ବସ୍ତିଆ ଖେଳ ପରିଚାଳନା କରିଥିଲେ।

## ମହାବିଦ୍ୟାଳୟରେ ଶିକ୍ଷାବିଭାଗର ରାଜ୍ୟସ୍ତରୀୟ ଆଲୋଚନାଚକ୍ର

**ବଲଙ୍ଗା,୯।୨/ଏନ୍‌ଏନ୍‌ଏସ୍:** ବଲଙ୍ଗା ମହାବିଦ୍ୟାଳୟର ଶିକ୍ଷା ବିଭାଗ ଦ୍ୱାରା ଦିନିକିଆ ରାଜ୍ୟ ସ୍ତରୀୟ ଆଲୋଚନା ଚକ୍ର ଅଧ୍ୟକ୍ଷ ପ୍ରଭାତ କୁମାର ସାହୁଙ୍କ ସଭାପତିତ୍ୱରେ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। ବିକଶିତ ଭାରତ ୨୦୪୭ ପାଇଁ ଉଚ୍ଚଶିକ୍ଷା କ୍ଷେତ୍ରରେ ନୂତନ ଜାତୀୟ ଶିକ୍ଷାନୀତି ଏକ ଶୀର୍ଷକ ସମ୍ବଳିତ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ ଭୁବନେଶ୍ୱର ସ୍ଥିତ କ୍ଷତ୍ରୀୟ ଶିକ୍ଷା ସଂସ୍ଥାନର ପ୍ରାକ୍ତନ ଶିକ୍ଷା ବିଭାଗୀୟ ମୁଖ୍ୟ ପ୍ରଫେସର ଭୂଜେନ୍ଦ୍ରନାଥ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିଲେ ଖଣ୍ଡପଡ଼ା ପଠାଣି ସାମନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷା ସ୍ୱଚ୍ଛସଲୀଳା ମହାପାତ୍ର ଓ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଥିଲେ ପିପିଲି ମହାବିଦ୍ୟାଳୟର ଶିକ୍ଷା ବିଭାଗର ମୁଖ୍ୟ ମିନାକ୍ଷୀ ମିଶ୍ର, ସ୍ଥାନୀୟ ଷ୍ଟେଟବ୍ୟାଙ୍କର ପ୍ରବନ୍ଧକ ତୁଷାରକାନ୍ତ ଦାସ, ଅତିଥି ପରିଚୟ ପ୍ରଦାନ କରିଥିଲେ ସ୍ଥାନୀୟ ମହାବିଦ୍ୟାଳୟର ଶିକ୍ଷା ବିଭାଗର ମୁଖ୍ୟ ଡଃ ପ୍ରଦୋଷ କୁମାର ପତି। ଶୀର୍ଷକର ପ୍ରମୁଖ ତଥ୍ୟ ଉପରେ ଆଲୋକପାତ କରିଥିଲେ ବିଭାଗର ଅଧ୍ୟାପିକା ଡଃ ସସ୍ମିତା ସାହୁ। ଆଲୋଚନା ଚକ୍ରରେ ଗୋପିନାଥ ଦେବ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପିପିଲି ମହାବିଦ୍ୟାଳୟ, ପି ଏନ୍ ମହାବିଦ୍ୟାଳୟ ବୋଲଗଡ, ବ୍ରହ୍ମପୁର ସି ଟି କଲେଜ, ଜ୍ଞାନଦେବୀ ସ୍ନାତକ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକାମାନେ ଯୋଗଦେଇ ଥିଲେ ଓ ତାଙ୍କର ସନ୍ଦର୍ଭ ଆଧାରିତ ଅଲେଖ ଉପସ୍ଥାପନ କରିଥିଲେ। ମହାବିଦ୍ୟାଳୟର ଛାତ୍ରୀ ସୁଭାଷିନୀ ମିଶ୍ର, ସୁକନ୍ୟା ମାଝୀ, ଲିଜା ଭୋଇ, ଶୁଭସ୍ମିତା ସାହୁ, ଅମିତା ଛାଟୋଇ, ଲିପିକା ବେହେରା, ଅଧ୍ୟାପିକା ବିସ୍ମିତା ନାୟକ ସେମାନଙ୍କର ଆଲେଖ୍ୟ ଉପସ୍ଥାପନ କରିଥିଲେ। ରାଜ୍ୟର ଓ ରାଜ୍ୟ ବାହାରର ଗବେଷଣା ଆଧାରିତ ୮୧ଟି ଆଲେଖକୁ ନେଇ ପ୍ରସ୍ତୁତି ସ୍ମରଣିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଶିକ୍ଷା ବିଭାଗର ଅଧ୍ୟାପକ ନୀଳକଣ୍ଠ ମିଶ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଧ୍ୟାପକ ବଳଭଦ୍ର ରଥ, ବ୍ରଜବନ୍ଧୁ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## କର୍କଟ ରୋଗ ନିରୂପଣ, ପରାମର୍ଶ ଓ ସଚେତନତା




**କଣ୍ଟାପଡ଼ା,୯।୨/ଏନ୍‌ଏନ୍‌ଏସ୍:** କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ବାଗଲପୁର ଗ୍ରାମପଞ୍ଚାୟତ ଅଧିନକୁଅଁରପୁର ଗ୍ରାମରେଆଜି ବିଶ୍ୱକର୍କଟ ଦିବସ ଉପଲକ୍ଷ ଦିବ୍ୟାଙ୍ଗ ଅନୁଷ୍ଠାନ ତରଫରୁ ଏକ କର୍କଟ ରୋଗ ନିରୁପଣ ପରାମର୍ଶ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କର୍କଟ ରୋଗ ନିବାରଣ ମାସ ପାଳନ ଅବସରରେ କଟକସ୍ଥିତ ପଣ୍ଡା କ୍ୟାନସର ମେଡ଼ିକାଲର ସହଯୋଗରେ ଡଃ ସ୍ମିତି ଦାସ ଓ ମହେନ୍ଦ୍ର କୁମାର ନାୟକ ଓ ଦିବ୍ୟାଙ୍ଗ ସାମାଜିକ ସଂସ୍ଥାନର ସମ୍ପାଦିକା ବାରିଦ ପ୍ରଭା ମହାନ୍ତିଙ୍କ ଉପସ୍ଥିତିରେ ୫୦ରୁ ଉର୍ଦ୍ଧ୍ୱ ମହିଳା ଓ ଓଡିଶା ସ୍କିଲ ଡେଭେଲପ୍‌ମେଣ୍ଟରେ ଅଧ୍ୟୟନରତ ନର୍ସିଂ ଛାତ୍ରୀମାନେ ଉପସ୍ଥିତ ରହି ପରାମର୍ଶ ଓ ସଚେତନତା କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ସେଠାରେ ଉପସ୍ଥିତ ଥିବା ୧୦ ଜଣ ମହିଳାଙ୍କଠାରେ କର୍କଟ ରୋଗର ଲକ୍ଷଣ ପରିଲିକ୍ଷିତ ହୋଇଥିଲା। ଦିବ୍ୟାଙ୍ଗ ଅନୁଷ୍ଠାନ ପକ୍ଷରୁ ସମସ୍ତ ପ୍ରକାର ପରାମର୍ଶ ଓ ଡାକ୍ତରୀ ସୁବିଧା ଯୋଗାଇଦେବା ନିମିତ୍ତ ପ୍ରତିଶ୍ରୁତି ଦିଆଯାଇଥିଲା। ଦିବ୍ୟାଙ୍ଗ ଅନୁଷ୍ଠାନର ପ୍ରତିଷ୍ଠାତା ସଭ୍ୟ ଲିଙ୍ଗରାଜ ମହାନ୍ତି, ରଂଜନା ବେହେରା, ସରୋଜିନୀ ଆଚାର୍ଯ୍ୟ, ପ୍ରଦ୍ୟୁମ୍ନ କୁମାର ଆଚାର୍ଯ୍ୟ, ଶୁଭଲକ୍ଷ୍ମୀ ଆଚାର୍ଯ୍ୟ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ବାର୍ଷିକ ଅଷ୍ଟପ୍ରହରୀ ନାମଯଜ୍ଞ ଉଦ୍‌ଯାପିତ

**ବୟାଳିଶମୌଜା,୯।୨/ଏନ୍‌ଏନ୍‌ଏସ୍:** କଟକ ସଦର ବ୍ଲକ୍ ଅନ୍ତର୍ଗତ ବୟାଳିଶ ମୌଜା ସ୍ଥିତ କୂଳକଳପଡା ଗ୍ରାମ ଭାଗବତ ଟୁଙ୍ଗି ପ୍ରାଙ୍ଗଣରେ ବାର୍ଷିକ ଅଷ୍ଟ ପ୍ରହରୀ ନାମଯଜ୍ଞ ଓ ନଗର କୀର୍ତ୍ତନ ମହୋତ୍ସବ ଗତ ଶୁକ୍ରବାର ଠାରୁ ରବିବାର ତିନିଦିନ ଧରି ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ନିମନ୍ତ୍ରିତ ଭାବେ ଚୌଦ୍ୱାର, ବିଦ୍ୟାଧରପୁର, ନହରପଦା, ବରାଳ ଓ ବିଡାନାସୀ ସଂକୀର୍ତନ ମଣ୍ଡଳ ଅଷ୍ଟପ୍ରହରୀ ନାମ ଯଜ୍ଞରେ ଯୋଗଦାନ କରିଥିଲେ। ଅଧିବାସ ଓ ନଗରକୀର୍ତ୍ତନରେ ତିର୍ତ୍ତୋଲର ଶଙ୍କର୍ଷଣ ପରିଡାଙ୍କ ସଂକୀର୍ତ୍ତନ ମଣ୍ଡଳୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱ ରଞ୍ଜନ ପରିଡା, ସଂଜୀବ କୁମାର ବିଶ୍ୱାଳ, ପ୍ରଦୀପ କୁମାର ବିଶ୍ୱାଳ, ଗୌତମ ଚରଣ ପରିଡା, ଗୋପାଳ ପରିଡା, ଗଣେଶ୍ୱର ପରିଡା, ଦୀପକ ପରିଡା, ଅଶୋକ ବିଶ୍ୱାଳ, ସମ୍ପିତ ବିଶ୍ୱାଳ, ବିଶ୍ୱକେତନ ବିଶ୍ୱାଳ, ସମ୍ପିତ ପରିଡା, ନିରୋଜ ନାୟକ, ରାଜେଶ ବିଶ୍ୱାଳ, କୃପାସିନ୍ଧୁ ବିଶ୍ୱାଳ, ତପନ ପରିଡା, ଅମରେଶ ବିଶ୍ୱାଳ, ବିକାଶ ପରିଡା, ରସାନନ୍ଦ ପରିଡା, ସ୍ୱର୍ଣ୍ଣ ସାନୁ ଭୋଳ, ରବୀନ୍ଦ୍ର ପରିଡା, ରୁଦ୍ର ନାରାୟଣ ପରିଡା, ମନୋଜ ପରିଡା, କିଶୋର ପରିଡା, ସତ୍ୟବ୍ରତ ପରିଡା, ପ୍ରହଲ୍ଲାଦ ବିଶ୍ୱାଳ ଓ ଶରତ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଗ୍ରାମ ଯୁବକ ମାନେ ପରିଚାଳନା କରିଥିବା ବେଳେ ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରିଥିଲେ।

## ଦୁଇ ବାଲି ବୋଝେଇ ହାଇୱା, ଜେସିବି ଜବତ

**କୋଣାର୍କ,୯।୨/ଏନ୍‌ଏନ୍‌ଏସ୍:** ଗତ ଶୁକ୍ରବାର ପୂର୍ବାହ୍ନରେ ରାମଚଣ୍ଡୀ ପୋଲିସ ପକ୍ଷରୁ ବଡ଼ଗାଁରେ ଚୋରା ଚାଲାଣ ହେଉଥିବା ଦୁଇଟି ବାଲି ବୋଝେଇ ହାଇୱା ଟ୍ରକ ସହ ଗୋଟିଏ ଜେସିବି ମେସିନ୍‌କୁ ଜବତ କରିଥିବା ଜଣାପଡିଛି।

ଖବର ମୁତାବକ କୋଣାର୍କ ପୁରୀ ବେଳାମାର୍ଗ ମୁଖ୍ୟରାସ୍ତା ନିକଟ ବଡ଼ ଗାଁ ପଞ୍ଚାୟତ ବଡ଼ ଗାଁ ଗ୍ରାମରେ ସରକାରୀ ଜମିରୁ ଦୁଇଟି ହାଇୱା ଟ୍ରକ ସାହାଯ୍ୟରେ ଜେସିବି ମାଧ୍ୟମରେ ବାଲି ଖୋଳି ଚୋରା ଚାଲାଣ ହେଉଥିବା ବିଶେଷ ସୂତ୍ରରୁ ରାମଚଣ୍ଡୀ ପୋଲିସ ଖବର ପାଇ ତୁରନ୍ତ ରାମଚଣ୍ଡୀ ଥାନା ଅଧିକାରୀ ବିଚିତ୍ରାନନ୍ଦ ପରିଡାଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ବାଲି ବୋଝେଇ ହୋଇଥିବା ଅବସ୍ଥାରେ ହାଇୱା ଟ୍ରକ୍ ଦୁଇଟି ସହ ଏକ ଜେସିବିକୁ ଜବତ କରିଥିଲେ। ଘଟଣାସ୍ଥଳରୁ ଜଣେ ହାଇୱା ଟ୍ରକ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ଅନ୍ୟ ଦୁଇଜଣ ଚାଳକଙ୍କୁ ପୋଲିସ ଥାନାକୁ ଆଣି ଅଟକ ରଖିଛନ୍ତି। ରାମଚଣ୍ଡୀ ପୋଲିସ ପକ୍ଷରୁ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚାଲିଥିବା ରାମଚଣ୍ଡୀ ଥାନା ଅଧିକାରୀ ଶ୍ରୀ ପରିଡା ସୂଚନା ଦେଇଛନ୍ତି।

## ନିଖିଳ ଉତ୍କଳ କଂସାରୀ ସମାଜର ପ୍ରସ୍ତୁତି ବୈଠକ

**ପୁରୀ,୯।୨/ଏନ୍‌ଏନ୍‌ଏସ୍:** ଦୀର୍ଘ ୬ ବର୍ଷର ନିରବତା ପରେ ପ୍ରଭୁ ନାରାୟଣ ମହାପାତ୍ରଙ୍କ ଆବାହକତ୍ୱରେ ଅଲ ଓଡିଶା ନିଖିଳ ଉତ୍କଳ କଂସାରୀ ସମାଜର ୬୦ରୁ ଉର୍ଦ୍ଧ୍ୱ ବରିଷ୍ଠ ସଦସ୍ୟ ମାନଙ୍କ ଏକ ପ୍ରସ୍ତୁତି ବୈଠକ ପୁରୀ ଶ୍ରୀକ୍ଷେତ୍ର ଏଚ୍‌ଆର୍ ଲଜ ଠାରେ କାର୍ଯ୍ୟକାରୀ ସଭାପତି ଅଞ୍ଚଳ କୁମାର ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୨୦୧୯ ମସିହାରେ ଗଠିତ ଏହି ସଂଘ ସମ୍ପାଦକଙ୍କ ଅବହେଳାରୁ ୨୦୨୫ ପର୍ଯ୍ୟନ୍ତ ଆଦୌ କୌଣସି ବୈଠକ ହୋଇପାରି ନଥିବା ଯୋଗୁ ଆଜିର ଉପସ୍ଥିତ ସଦସ୍ୟମାନେ ଘୋର ଉଦ୍ ?ବେଗ ପ୍ରକାଶ କରିବା ସହିତ ହଜାର ହଜାର କାରିଗର ଓ ଅଣ କାରିଗର ତଥା ବରିଷ୍ଠ ଜାତି ଭାଇ ମାନଙ୍କର ବିକାଶ ଓ ଉନ୍ନତି ଦିଗ ରେ ବାଧା ସୃଷ୍ଟି ହୋଇଥିବା ବର୍ଣ୍ଣନା କରିଥିଲେ।

ସମୟାନୁସାରେ ସରକାରଙ୍କ ତରଫରୁ ପ୍ରତ୍ୟେକ କାରିଗର ମାନଙ୍କୁ ମିଳୁଥିବା ପ୍ରୋତ୍ସାହନରୁ ମଧ୍ୟ କଂସାରୀ କାରିଗର ମାନେ ବଞ୍ଚିତ ହେଉଥ ?ିବା ଅଭିଯୋଗ କରିଛନ୍ତି। ଆଜିର ସଭାରେ ପ୍ରଭୁ ମହାପାତ୍ର, ସୁରେଶ କୁମାର ସାହୁ, ସୁରଦେବ ସାହୁ, ମଦନ ମୋହନ ଦାସ, ଦଣ୍ଡପାଣି ସାହୁ, ମୃତ୍ୟୁଞ୍ଜୟ ସାହୁ, ଶ୍ରୀପତି ମହାରଣା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ସଂଘ ରେଜିଷ୍ଟ୍ରେସନ୍ ପାଇଁ ୧୧ଜଣିଆ କମିଟି ସଦସ୍ୟ ଚୟନ କରିଛନ୍ତି। ସଂଘ ଗୃହ ପାଇଁ ଭୁବନେଶ୍ୱରରେ ଅଞ୍ଚଳ କୁମାର ମହାରଣା ଘର ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଗୋଟିଏ ମାସ ମଧ୍ୟରେ ରେଜିଷ୍ଟ୍ରେସନ କରିବା ପାଇଁ ପ୍ରତ୍ୟେକ କାଗଜାତ ବିବରଣୀମାନ ପ୍ରସ୍ତୁତ କରିବା ଏବଂ ପ୍ରତ୍ୟେକ ଦିଗରୁ ଯାଞ୍ଚ କରି କାର୍ଯ୍ୟ କରିବା ପାଇଁ ଆଜିକାର ସଭା ସୁରେଶ କୁମାର ସାହୁଙ୍କ ନେତୃତ୍ୱରେ ଚାରି ଜଣିଆ ଟିମ୍ କରି ଦାୟିତ୍ୱ ଅର୍ପଣ କରିଥିଲେ।

## ଶ୍ରୀ ଶ୍ରୀ ଐଶାନେଶ୍ୱରଙ୍କ ଜାଗର ଯାତ୍ରା ନୀତିନିର୍ଘଣ୍ଟ

**କୋଣାର୍କ,୯।୨/ଏନ୍‌ଏନ୍‌ଏସ୍:** କୋଣାର୍କ କାକଟପୁର ମୁଖ୍ୟ ରାସ୍ତା ଆଦର୍ଶ ସ୍କୁଲ ନିକଟରେ ଅବସ୍ଥିତ ଅର୍କକ୍ଷେତ୍ର କୋଣାର୍କର ଅନ୍ୟ ଏକ ପ୍ରସିଦ୍ଧ ଶୈବ ପୀଠ ବାବା ଶ୍ରୀ ଶ୍ରୀ ଐଶାନେଶ୍ୱରଙ୍କ ମନ୍ଦିରରେ ପ୍ରତିବର୍ଷ ପରି ଚଳିତ ବର୍ଷ ଜାଗର ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହେବ। ଏନେଇ ସେବାୟତ ଙ୍କ ପକ୍ଷରୁ ନୀତିନିର୍ଘଟ ଓ ପ୍ରସ୍ତୁତି ବୈଠକ ମନ୍ଦିରର ବରିଷ୍ଠ ସେବାୟତ ରବୀନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଆଲୋକ ପଣ୍ଡା, ଲିଙ୍ଗରାଜ ପଣ୍ଡା, ସୁବାଷ ପଣ୍ଡା ଙ୍କ ସମେତ ସମସ୍ତ ସେବାୟତଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତିନିଷ୍ପତି କ୍ରମେ ଜାଗର ଯାତ୍ରା ଉପଲକ୍ଷେ ଭୋର ୪ଟାରେ ପ୍ରଥମେ ଦ୍ୱାରଫିଟା ନୀତି ସମ୍ପାଦନ ହେବାପରେ ମନ୍ଦିର ଶୋଧ, ଭିତର ଓ ବାହାରେ ଜଳ ସିଞ୍ଚନ, ଏହା ପରେ ମଙ୍ଗଳ ଆଳତି, ମଇଲମ ସରିବା ପରେ ବିଭିନ୍ନ ପ୍ରକାର ବିଶେଷ ଦ୍ରବ୍ୟର ମିଶ୍ରଣରେ ପ୍ରସ୍ତୁତ ସୁବାସିତ ଜଳ ରେ ସ୍ନାନ ନୀତି ଶେଷ ହେବାପରେ ପ୍ରଭୁଙ୍କୁ ନୂତନ ବସ୍ତ୍ର ପରିଧାନ, ଚନ୍ଦନ ଲାଗି, ମା' ପାର୍ବତୀଙ୍କୁ ସିନ୍ଦୁର ଲାଗି ଶେଷ ହେବାପରେ ପରେ ପ୍ରାତଃ ୫ ଟାରେ ଭଗବାନଙ୍କୁ ବାଳ ଭୋଗ ଲାଗି କରିବେ ସେବାୟତ। ସକାଳ ପ୍ରାୟ ୫. ୧୫ ରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇ ଦିନ ତମାମ ଦର୍ଶନ ଜାରି ରହିବ। ସନ୍ଧ୍ୟାଦର୍ଶନ ପରେ ଭିତର ଶୋଧ ଶେଷ କରାଯାଇ ଅନ୍ନ ଧୂପ ଲାଗି ବେଢା କାକର ଭୋଗ ନୀତିକାନ୍ତି ଶେଷ ହୋଇଥାଏ। ସେବାୟତମାନେ ପ୍ରଭୁଙ୍କୁ ବିମାନ ବିଜେ କରାଇ ୩ ଘେରା ବେଢା ପରିକ୍ରମା କରିବା ପରେ ରାତି ୧୨ଟା ୫ ଗତେ ରାତି ୩ଟା ୨୯ ମଧ୍ୟରେ ମହାଦୀପ ଉଠିବା ନେଇ ପଞ୍ଜିକା ଅନୁଯାୟୀ ଧାର୍ଯ୍ୟ ହୋଇଛି। ଏହି ଅବସରରେ ଜାଗର ଦୀପ ଜାଳିବା ସହ ମହାଦୀପ ଦର୍ଶନ ପାଇଁ ଆସିଥିବାକୁ ଥିବା ହଜାର ହଜାର ଭକ୍ତ ମାନଙ୍କ ପାଇଁ ମନ୍ଦିର କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା ଆୟୋଜନ ହୋଇଛି। ଏହି ଅବସରରେ ପ୍ରତିବର୍ଷ ପରି ଚଳିତ ବର୍ଷ ୩ ରାତି ଧରି ସାଂସ୍କୃତିକ ପାଲା କାର୍ଯ୍ୟକ୍ରମର ଆୟୋଜନ ହେବ।

## ନିର୍ମାଲ୍ୟ ନର୍ସିଂହୋମ୍‌ର ୪ର୍ଥ ବାର୍ଷିକ ଉତ୍ସବ

**ଚାରିଛକ,୯।୨/ଏନ୍‌ଏନ୍‌ଏସ୍:** ଚରିଛକସ୍ଥିତ ନିର୍ମାଲ୍ୟ ନର୍ସିଂ ହୋମ ର ଚତୁର୍ଥ ବାର୍ଷିକ ଉତ୍ସବ ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଚାରିଛକ୍ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିତ୍ସାଧିକାରୀ ଡ଼ା ପ୍ରଶାନ୍ତ କୁମାର ସାମନ୍ତରାୟ, ଛଣିଜଙ୍ଗ ଗ୍ରାମ ପଞ୍ଚାୟତ ସରପଞ୍ଚ ଅଜୟ କୁମାର ପରିଡ଼ା, ବରିଷ୍ଠ ଆଇନଜୀବୀ ଜୟଦେବ ମିଶ୍ର, ଚାରିଛକ୍ ପ୍ରେସକ୍ଲବ ସଭାପତି ପ୍ରଫୁଲ୍ଲ କୁମାର କର,କାର୍ଯ୍ୟକାରୀ ସଭାପତି ଶିଶିର କୁମାର ସ୍ୱାଇଁ, ବଜାର କମିଟି ସଭାପତି ସନ୍ତୋଷ କୁମାର ପରିଡ଼ା, ଡ଼ା କୈଳାଶ ଚନ୍ଦ୍ର ଦାଶ, ଡ଼ା ପୁଲକ୍ ରଞ୍ଜନ ପଣ୍ଡା,ସମାଜସେବୀ ଗୋବିନ୍ଦ ଚନ୍ଦ୍ର ସାହୁ, ଚାରିଛକ୍ ଥାନା ଏସଆଇ କୃଷ୍ଣ ଚନ୍ଦ୍ର ପୃଷ୍ଟି ପ୍ରମୁଖ ଯୋଗଦେଇ ଡାକ୍ତର ଓ କର୍ମଚାରୀମାନଙ୍କ ସେବା ମନୋଭାବ ପାଇଁ ଏଠାରେ ଅନେକ ରୋଗୀ ଉତ୍ତମ ସେବା ପାଇଁ ପାରୁଛନ୍ତି। ଏହି ଅବସରରେ ଆଜି ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ଏଥିରେ ୩୦ରୁ ଉର୍ଦ୍ଧ୍ୱ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ନର୍ସିଂହୋମ୍ ଏମ୍‌ଡି ବିଶ୍ୱଜିତ୍ ମହାନ୍ତି ଓ ଛବି ରାୟ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ନିରଞ୍ଜନ ପଳତା ମଞ୍ଚ ପରିଚାଳନା କରିଥିଲେ। ବିଶ୍ୱନାଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ନର୍ସିଂ ହୋମର ସମସ୍ତ ଡ଼ାକ୍ତର ଓ କର୍ମଚାରୀମାନେ ଉପସ୍ଥିତଥିଲେ।

**ନିତି ଭାରତୀ**

ପ୍ରଥମ ବିଜୟ ପରେ ବିଶ୍ରାମ ନିଅନାହିଁ, କାରଣ ଦ୍ୱିତୀୟ ବାଜିରେ ତୁମେ ଯଦି ହାରିଯିବ, ତା'ହେଲେ ଭାଗ୍ୟ ବଳରୁ ତୁମେ ବିଜୟ ଲାଭ କରିଥିଲ ବୋଲି କହିବାକୁ ଅନେକ ଲୋକ ଚାହିଁ ବସିଥାନ୍ତି। - ଡକ୍ଟର ଏପିଜେ ଅବ୍ଦୁଲ୍ କଲାମ୍



NITIDIN
ନିତିଦିନ
ମଙ୍ଗଳବାର, ୧୦ ଫେବୃଆରୀ ୨୦୨୬

# ଡାଭୋସ୍ ସମ୍ମିଳନୀର ଏପାଖ ସେପାଖ



ବିମଳ ଷଡ଼ଙ୍ଗୀ

୨୦୨୬ ମସିହା ଜାନୁଆରୀ ୧୯ରୁ ୨୩ ତାରିଖରେ ସୁଇଜରଲ୍ୟାଣ୍ଡର ଡାଭୋସରେ ଅନୁଷ୍ଠିତ ବିଶ୍ୱ ଅର୍ଥନୈତିକ ଫୋରମର ବାର୍ଷିକ ସମ୍ମିଳନୀର ୫୬ତମ ସଂସ୍କରଣର ସ୍ଲୋଗାନ ଥିଲା 'ଆଲୋଚନା ମାଧ୍ୟମରେ ସମାଧାନର ବାତାବରଣ'। କେତେକ ଆର୍ଥିକ ସଂସ୍କାର ଯୋଜନା ସହିତ ମୁଖ୍ୟତଃ ପାଞ୍ଚଟି ବିଷୟରେ ଆଲୋଚନା କେନ୍ଦ୍ରିତ ଥିଲା ଯଥା, ବିବାଦାସ୍ପଦ ବିଶ୍ୱରେ ସହଯୋଗର ବାତାବରଣ ସୃଷ୍ଟି, ଦେଶମାନଙ୍କ ଅର୍ଥନୈତିକ ଆକାଂକ୍ଷା ପାଇଁ କେନ୍ଦ୍ରୀୟ ଦୃଷ୍ଟିକୋଣ, ସାଧାରଣ ଜନତାଙ୍କ ଶିକ୍ଷା, କୌଶଳ, କାର୍ଯ୍ୟ ଓ ସୁଯୋଗ ବୃଦ୍ଧି ପାଇଁ ଉଚିତ ମନୁଷ୍ୟ ସଂସାଧନ ନିର୍ମାଣ। କୃତ୍ରିମ ବୁଦ୍ଧିମତ୍ତାର ପ୍ରଭାବ, ପୃଥିବୀ ଓ ପରିବେଶ ମଧ୍ୟରେ ସନ୍ତୁଳନ ରକ୍ଷା ପାଇଁ ନୀତି ପ୍ରସ୍ତୁତି କରିବା। ଡାଭୋସ ବାହାରେ ବିଶ୍ୱର ଭିନ୍ନ ରୂପ ଥିବା ସତ୍ତ୍ୱେ ସମ୍ମିଳନୀ ମଞ୍ଚରେ ବିଭିନ୍ନ ରାଜନୈତିକ ଦଳର ନେତା ,ବିଶ୍ୱ ଅର୍ଥ ସଂଗଠନ, ବିଶ୍ୱ ବ୍ୟାଙ୍କ, ବଡ଼ ବଡ଼ ବ୍ୟାଙ୍କ ଓ କର୍ପୋରେଟ୍ ମୁଖ୍ୟମାନେ ଶ୍ରୋତାମାନଙ୍କୁ ଆଶ୍ୱାସନା ମାଧ୍ୟମରେ ଦର୍ଶାଇ ଥିଲେ ଯେ ବିଶ୍ୱରେ ଆର୍ଥିକ ମାନ୍ଦାବସ୍ଥା ଆସିବ ନାହିଁ, ମୁଦ୍ରାସ୍ଫୀତି ଧୀରେ ଧୀରେ କମୁଛି, ବିଶ୍ୱ ଅର୍ଥନୀତି ଧୀରେ ଧୀରେ ସ୍ଥିର ଅବସ୍ଥାକୁ ଗତିଶୀଳ ହେଉଛି। ମାତ୍ର ଗରିବ ଓ ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ଆଜି ମଧ୍ୟ ଉଚ୍ଚ ଋଣ, ବେକାରୀ, ସୁଷମ ଖାଦ୍ୟ ଅଭାବ ଓ ଖାଦ୍ୟ ସୁରକ୍ଷା ଓ ଇନ୍ଧନ ମୂଲ୍ୟ ବୃଦ୍ଧି ସହିତ ଜଳବାୟୁ ପରିବର୍ତ୍ତନ ଜନିତ ପ୍ରାକୃତିକ ଦୁର୍ବିପାକ ସହିତ ସଂଘର୍ଷ କରୁଛନ୍ତି। ଡାଭୋସର ଆଲୋଚନା ଦେଖିଲେ ମନେହୁଏ, ବିଶ୍ୱ ଅର୍ଥନୀତି ସ୍ଥିର, କିନ୍ତୁ ସେଇ ସ୍ଥିରତା କେବଳ ଧନୀ ଦେଶ ପାଇଁ ପ୍ରଯୁଜ୍ୟ ଓ ଅନ୍ୟ ଦେଶଗୁଡ଼ିକ ମିଥ୍ୟା ପ୍ରଚାର, ପ୍ରବଞ୍ଚନାପୂର୍ଣ୍ଣ ପ୍ରତିଶ୍ରୁତି ମାଧ୍ୟମରେ ସୀମିତ।

ଡାଭୋସ ଆଲୋଚନାରେ ଚଳିତ ଶତାବ୍ଦୀର ଅନ୍ତଃରାଷ୍ଟ୍ରୀୟ ଯୁଦ୍ଧ ବିଭୀଷିକା ଯଥା ୟୁକ୍ରେନ ଓ ଋଷ ଯୁଦ୍ଧ, ମଧ୍ୟପ୍ରାଚ୍ୟର ସମସ୍ୟା, ଇସ୍ରାଏଲ, ଲେବାନନ ଓ ଗାଜାର ଯୁଦ୍ଧ, ଆମେରିକାର ଭେନେଜୁଏଲା ଆକ୍ରମଣ, ବଡ଼ ଶକ୍ତିମାନଙ୍କ ମଧ୍ୟରେ ଅବିଶ୍ୱାସ, ମଞ୍ଚରେ ଶାନ୍ତି ଆଲୋଚନା ଓ କୂଟନୈତିକ ସମାଧାନ ଆଦିର ଆଲୋଚନା ହୋଇଥିଲେ ମଧ୍ୟ ନିରବ ସତ୍ୟ ହେଉଛି, ଯୁଦ୍ଧ ଯେତେବେଳେ ଲାଭଜନକ ବ୍ୟବସାୟ ହୋଇଯାଏ, ସେତେବେଳେ ଶାନ୍ତି କେବଳ ଭାଷଣରେ ଆବଦ୍ଧ ହୋଇଥାଏ। ଡାଭୋସ ମଞ୍ଚରେ ଅସ୍ତ୍ର ଶିଳ୍ପର ପ୍ରତିନିଧିମାନେ ଭାଗ ନେଇଥିଲେ, ଯାହା ସ୍ୱୟଂ ଗୋଟିଏ ବିରୋଧାଭାସର ବାର୍ତ୍ତାବହ ଥିଲା। ଡାଭୋସରେ ଜଳବାୟୁ ପରିବର୍ତ୍ତନ ଉପରେ ଗଭୀର ଆଲୋଚନା ହୋଇଥିଲା ଯଥା ନେଟ୍ ଜିରୋ ଅଙ୍ଗାରକ ନିର୍ଗମନ, ସବୁଜ ବଳୟ ସୃଷ୍ଟି, ଅଣପାରମ୍ପରିକ ଶକ୍ତି, ଜଳବାୟୁ ସୁରକ୍ଷା ନିମିତ୍ତ ଅର୍ଥ ଇତ୍ୟାଦି ଇତ୍ୟାଦି। କିନ୍ତୁ ପ୍ରଶ୍ନ ହେଉଛି ଯେଉଁ ଦେଶ ଓ କମ୍ପାନୀ ସବୁଠାରୁ ଅଧିକ ଅଙ୍ଗାରକ ନିର୍ଗମନ କରିଛନ୍ତି, ସେମାନେ ଏହି ସମ୍ମିଳନୀ ମାଧ୍ୟମରେ ନିଜର ଉତ୍ତରଦାୟିତ୍ୱ ଗ୍ରହଣ କରି ନଥିଲେ। ଡାଭୋସରେ ସବୁଜ ଅର୍ଥନୀତିର ଆଲୋଚନା ସ୍ୱାଗତଯୋଗ୍ୟ ଥିଲା, ମାତ୍ର ପ୍ରକୃତ ସତ୍ୟ ସବୁଜ ପଲିସି ଅନେକ ସମୟରେ ସବୁଜ ବ୍ୟବସାୟରେ ପରିଣତ ହୋଇ ଯାଉଛି, ଯେଉଁଠାରେ ପରିବେଶ ସୁରକ୍ଷାର କୌଣସି ବାସ୍ତବତା ନଥିଲା। ଡାଭୋସର ସବୁଠାରୁ ଆକର୍ଷଣୀୟ ଓ ଭୟଜନକ ବିଷୟ କୃତ୍ରିମ ବୁଦ୍ଧିମତ୍ତାରୁ ଉତ୍ପାଦକତା ବୃଦ୍ଧି ମାତ୍ର ତଦ୍ୱାରା ଚାକିରି କମିବାର ବାସ୍ତବତା ବିଭିନ୍ନ ଗଣତନ୍ତ୍ରକୁ ପ୍ରଭାବିତ କରିବ, ଯାହାର କୌଣସି ନିଷ୍କର୍ଷ ବଦଳରେ କେବଳ ବାକ୍ୟରେ ସୀମିତ ରହିଥିଲା। କୃତ୍ରିମ ବୁଦ୍ଧିମତ୍ତାରୁ ସବୁଠାରୁ ଅଧିକ ଲାଭ କରୁଥିବା କମ୍ପାନୀର ମୁଖ୍ୟମାନେ ଡାଭୋସରେ କୃତ୍ରିମ ବୁଦ୍ଧିମତ୍ତାର ନିୟନ୍ତ୍ରଣ କଥା ଆଲୋଚନା କରୁଥିଲେ, ତେଣୁ ବାସ୍ତବତା ଲୋକମାନଙ୍କ ଭଲ ପାଇଁ ନଥିଲା କେବଳ ଥିଲା ସେମାନଙ୍କର ଭଲ ବ୍ୟବସାୟ ପାଇଁ ଏକ ଭିତ୍ତିଭୂମି ନିର୍ମାଣ, ଯାହା ଫଳରେ କୃତ୍ରିମ ବୁଦ୍ଧିମତ୍ତାକୁ ନିୟନ୍ତ୍ରଣ କରିବା ନିୟମାବଳୀ ଉପରେ ଏକମତ ନିଷ୍ପତ୍ତି ଡାଭୋସ ଦେଇପାରି ନଥିଲା।

ଡାଭୋସରେ ସାଧାରଣ ଜନତାଙ୍କ ଶିକ୍ଷା, କୌଶଳ ବିକାଶ, କାର୍ଯ୍ୟ ଓ ସୁଯୋଗ ବୃଦ୍ଧି ପାଇଁ ଉଚିତ ସହିତ ମନୁଷ୍ୟ ସଂସାଧନ ନିର୍ମାଣ ବିଷୟ ଆଲୋଚିତ ହୋଇଥିଲା। ମାତ୍ର ଭାରତ ଭଳି ବୃହତ୍ ଜନସଂଖ୍ୟାବିଶିଷ୍ଟ ଦେଶରେ କୌଶଳ ବିକାଶ ପାଇଁ କୋଟି କୋଟି ଅର୍ଥ ବ୍ୟୟ ହୋଇଥିଲେ ମଧ୍ୟ ବାସ୍ତବ ସଫଳତା ହାର ଅତ୍ୟନ୍ତ ନଗଣ୍ୟ। ତେଣୁ ସେଠାରେ ପଦ୍ଧତିର ସୁଧାରୀକରଣ ବିଷୟରେ ଆଲୋଚିତ ହୋଇ ନଥିଲା। ନାସକମ୍‌ର ତଥ୍ୟ ଆଧାରରେ ବୈଷୟିକ ଓ ସାଧାରଣ ଶିକ୍ଷାର ଘରୋଇକରଣ ଆଜି ଭାରତକୁ ୮୫ ଶତକଡ଼ା ଅକ୍ଷମ ଯୁବ ଶକ୍ତିର ସମ୍ଭାର ଭାବରେ ପରିଚିତ କରିଛି। ଜାଲ ଶିକ୍ଷକ, ଜାଲ ଭିତ୍ତିଭୂମି ଆଧାରରେ ଓ ସରକାରୀ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କ ସୁପାରିସ ବଳରେ ଆଜି ରାଜ୍ୟ ଓ ଦେଶର ଘରୋଇ ବୈଷୟିକ ଅନୁଷ୍ଠାନଗୁଡ଼ିକ ଯୁବ ବର୍ଗଙ୍କୁ ଅକ୍ଷମ କରି ସରକାରଙ୍କ ନାକ ତଳେ କେବଳ ପ୍ରମାଣପତ୍ର ବିକି ଚାଲିଛନ୍ତି। ସେହିପରି ପ୍ରାଥମିକ ଶିକ୍ଷା ଘରୋଇ ଶିକ୍ଷା ବେପାରର ଆଉ ଗୋଟିଏ କଳା ଛାଇରେ ଆଚ୍ଛାଦିତ, ଯାହା କାରଣରୁ ଶିକ୍ଷା ଆଜି ଭାରତରେ ଅଧିକାର ବଦଳରେ ଏକ ପଣ୍ୟ ଭାବରେ ପରିଚିତ, ଏପରି ସମସ୍ୟାର ସମାଧାନ ଆଲୋଚନା ମଧ୍ୟ ହୋଇ ନଥିଲା।

ଡାଭୋସରେ ଦାରିଦ୍ର୍ୟ, ଅସମତା, ଗ୍ଲୋବାଲ ସାଉଥ୍‌ର ସମସ୍ୟା ଉପରେ ପ୍ୟାନେଲ୍ ପ୍ରସ୍ତୁତ ହୋଇଥିଲା, କିନ୍ତୁ ଗରିବ ଦେଶଙ୍କ ସ୍ୱର ଦୁର୍ବଳ ଭାବରେ ପ୍ରତିଫଳିତ ହୋଇଥିବା ସ୍ଥଳେ ଧନୀ ଦେଶ ସମସ୍ତ ନିଷ୍ପତ୍ତି ନେଇଥିଲେ। ଏହାକୁ ଦୃଷ୍ଟିରେ ରଖି ଅନେକ ବୁଦ୍ଧିଜୀବୀ ଡାଭୋସ ଆଲୋଚନାକୁ କେବଳ ଧନୀଙ୍କ ସମସ୍ୟା ଧନୀଙ୍କ ଦ୍ୱାରା ଆଲୋଚିତ ମଞ୍ଚ ଭାବରେ ଉପସ୍ଥାପିତ କରିଥିଲେ। ଭାରତ ଡାଭୋସରେ ନିଜକୁ ଦ୍ରୁତ ବିକାଶଶୀଳ ଅର୍ଥନୀତି, ନିବେଶର ଗନ୍ତବ୍ୟ ସ୍ଥଳ, ଡିଜିଟାଲ ଭିତ୍ତିଭୂମିର ମଡେଲ ଭାବେ ଉପସ୍ଥାପିତ କରିଥିଲା, ଯାହାକୁ କେବଳ ତା'ର ଏକ ଶକ୍ତିଶାଳୀ ଛବି ଭାବରେ ଦର୍ଶାଯାଇପାରେ। ମାତ୍ର ଡାଭୋସରେ ହୋଇଥବା ଘୋଷଣାରେ ଭାରତର ଗ୍ରାମ, ଶ୍ରମିକ ଓ ବେକାରୀ ଯୁବକଙ୍କ ଜୀବନରେ କେତେ ପରିବର୍ତ୍ତନ ଆଣିବାକୁ ସକ୍ଷମ ହୋଇଥିଲା, ତାହା ଆଜି ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି, ଯାହାକୁ ଅନେକ ବିଜ୍ଞ ବ୍ୟକ୍ତି ସଙ୍କଟର ଦର୍ପଣ ଭାବରେ ଉପସ୍ଥାପିତ କରିଛନ୍ତି।

ଡାଭୋସ ଆଲୋଚନା ଆମକୁ ଏକ ସତ୍ୟ ଦେଖାଇବାରେ ସଫଳ ହୋଇଛି। ତାହା ହେଉଛି, ବିଶ୍ୱ ସମସ୍ୟା ଉପରେ ଭାଷଣବାଜିରେ ବିଶ୍ୱ ନେତୃତ୍ୱ ସକ୍ଷମ, କିନ୍ତୁ ସେହି ସମସ୍ୟାର ମୂଳ କାରଣକୁ ଛୁଇଁବାରେ ସେମାନେ ଏବେ ବି ଦୁର୍ବଳ। ଡାଭୋସରେ ଭାରତୀୟ ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ରୀୟ ମନ୍ତ୍ରୀଙ୍କ ସାଧାରଣ ଦଳ ସହିତ ଗଣମାଧ୍ୟମ ପ୍ରତିନିଧିଙ୍କ ଏକ ପରିଚିତ ଦଳ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରେ ଅନେକ ଏହି ଯାତ୍ରାକୁ ଏକ ଆରାମଦାୟକ ବିଦେଶ ଭ୍ରମଣ ଭାବରେ ଦେଖୁଥିବାର ଅନୁମାନ କରାଯାଉଥିଲା, ସେମାନେ ମୁମ୍ବାଇ କିମ୍ବା ଦିଲ୍ଲୀର ବିଭିନ୍ନ ଟିଭି ଷ୍ଟୁଡିଓରେ ବସି ଚା' ପିଉଥିଲେ। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ୍ କହିଥିଲେ ଯେ ତାଙ୍କ ସରକାର ସବୁଜ ଶକ୍ତି, ଡାଟା ସେଣ୍ଟର ଏବଂ ସେମିକଣ୍ଡକ୍ଟର ଉପରେ ଧ୍ୟାନ ଦେଇ ୩୦ ଲକ୍ଷ କୋଟି ଟଙ୍କାର ୧୯ଟି ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ମାତ୍ର ପ୍ରକୃତ ସତ୍ୟ ହେଉଛି, ପ୍ରତି ବର୍ଷ ଭାରତ ଏବଂ ରାଜ୍ୟଗୁଡ଼ିକରେ ହଜାର ହଜାର ବୁଝାମଣାପତ୍ର ସ୍ୱାକ୍ଷରିତ ହୁଏ, ମାତ୍ର ତା'ର ୬%ରୁ ୧୦% କାର୍ଯ୍ୟକାରୀ ହୋଇଥିବାର ଦେଖିବାକୁ ମିଳେ। ୨୦୧୪ ମସିହାରୁ ୨୦୨୫ ମସିହା ମଧ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାର ରାଜକୋଷରୁ ୪୦ ହଜାର କୋଟିରୁ ଅଧିକ ଅର୍ଥ କେବଳ ଏମଓୟୁ କରିବାରେ ଖର୍ଚ୍ଚ କରିଥିଲେ, ମାତ୍ର ତା'ର ସୁଫଳ ଆଜି ପର୍ଯ୍ୟନ୍ତ ମିଳିନାହିଁ ବା ତା'ର ଉତ୍ତରଦାୟୀ କେହି ମିଳିବେ ନାହିଁ। ୨୦୦୦ରୁ ୨୦୨୫ ମସିହା ମଧ୍ୟରେ ଓଡ଼ିଶାରେ ହଜାର ହଜାର ଏମ୍‌ଓୟୁ ହୋଇଥିଲା, ଏବେ ବି ହୋଇ ଚାଲିଛି, ମାତ୍ର ସେଥି ମଧ୍ୟରୁ କେବଳ ୬% କାର୍ଯ୍ୟକ୍ଷମ ଏମ୍‌ଓୟୁ, ଯାହା ଆମ ଶାସନ ବ୍ୟବସ୍ଥାର ଅପର ଦିଗକୁ ସୂଚାଇ ଥାଏ। ଡାଭୋସ ଉଭୟ ରାଜନୈତିକ ଏବଂ ଆର୍ଥିକ କ୍ଷେତ୍ରରେ ଭାରତର ଯନ୍ତ୍ରଣାଦାୟକ ସ୍ଥିତିକୁ ପ୍ରକାଶ କରିଥିଲା, ଯାହାକୁ ହାର୍ଭାର୍ଡର ଅର୍ଥନୀତି ପ୍ରଫେସର ତଥା ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିର ପୂର୍ବତନ ଉପ-ପରିଚାଳନା ନିର୍ଦ୍ଦେଶକ ଗୋପିନାଥ ସ୍ପଷ୍ଟ କରିଥିଲେ। ଅଧିବେଶନ ମଡେରେଟର ତାଙ୍କୁ ପଚାରି ଥିଲେ ଯେ ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଲଗା ଯାଇଥିବା ବାଣିଜ୍ୟ ଶୁଳ୍କ ସହିତ ଭାରତ କିପରି ମୁକାବିଲା କରିବ ଏବଂ ଗୋପିନାଥ କହିଥିଲେ ଯେ ଭାରତରେ ବାୟୁ ପ୍ରଦୂଷଣର ପ୍ରଭାବ, ଗୁରୁତର ଅର୍ଥନୈତିକ ଏବଂ ସ୍ୱାସ୍ଥ୍ୟ, ଶିକ୍ଷା ବିପଦ, ବେକାରୀ ଆଦି ସମସ୍ୟା ଟ୍ରମ୍ପଙ୍କ ଶୁଳ୍କ ଅପେକ୍ଷା ଅଧିକ ସକ୍ରିୟ। ତାଙ୍କ ମତରେ, ଭାରତରେ ହେଉଥିବା ସମସ୍ତ ମୃତ୍ୟୁର ପ୍ରାୟ ୧୮ପ୍ରତିଶତ ପାଇଁ କେବଳ ପ୍ରଦୂଷଣ ଦାୟୀ। ତାଙ୍କ ମତରେ, ଦୈନିକ ହାରାହାରି ୪,୬୦୦ରୁ ଅଧିକ ମୃତ୍ୟୁର ଆର୍ଥିକ କ୍ଷତି, ସ୍ୱାସ୍ଥ୍ୟ ବିଲ୍ ଏବଂ ଉତ୍ପାଦନ କ୍ଷମତା ହ୍ରାସ ପାଇଁ ଅର୍ଥର ପରିମାଣ ୱାଶିଂଟନ୍ ଶୁଳ୍କ ଦ୍ୱାରା ହେବାକୁ ଥିବା ଯେ କୌଣସି କ୍ଷତିଠାରୁ ଅଧିକ। ଏହି ପରିପ୍ରେକ୍ଷୀରେ ରାଜଧାନୀ ଦିଲ୍ଲୀର ଉଦାହରଣ ଦେଇ ସେ କହିଥିଲେ ଯେ ଦିଲ୍ଲୀରେ ବହୁତ ରାଜନୈତିକ ଶକ୍ତି ବାସ କରୁଥିବା ସମୟରେ ସେଠାକାର ପ୍ରଦୂଷିତ ବାୟୁକୁ ସ୍ୱଚ୍ଛ କରିବାକୁ ସେମାନେ ଅକ୍ଷମ। ଆମେ ସର୍ବଦା ବ୍ୟବସାୟର ଉନ୍ନତି ବିଷୟରେ କଥା ହେଉଛୁ, ମାତ୍ର ଭାରତୀୟ ସହରଗୁଡ଼ିକ ଚିରସ୍ଥାୟୀ ଖରାପ ଅର୍ଥନୀତିର ଉତ୍ସ। ଏହି କାରଣରୁ ଯେତେବେଳେ ଭାରତୀୟ ନେତା ଏବଂ ବ୍ୟବସାୟୀମାନେ 'ଭାରତୀୟ ଅର୍ଥନୀତିର ସ୍ଥିରତା' ବିଷୟରେ କଥା ହୁଅନ୍ତି, ଏହା ଗୋଟିଏ 'ଲକର ରୁମ୍ ଭିତରେ ପେପ୍ ଟକ୍ ପରି ଶୁଭେ'। ଡାଭୋସ କିମ୍ବା ଦିଲ୍ଲୀରେ କେହି ଟ୍ରମ୍ପଙ୍କ ଶୁଳ୍କ ଏବଂ ଏଚ-୧ବି ଭିସା ପ୍ରତିବନ୍ଧକ ବିଷୟରେ ଗୋଟିଏ ଶବ୍ଦ ଉଚ୍ଚାରଣ କରି ନାହାନ୍ତି। ଗତ କିଛି ମାସ ମଧ୍ୟରେ ଭାରତରେ ଗୋଟିଏ ନୂତନ ଧାରା ଦେଖା ଦେଇଛି, ଯେଉଁଥିରେ ପ୍ରଯୁକ୍ତିବିଦ୍ୟାରେ ପାରଙ୍ଗମ ଭାରତୀୟ ବଂଶଜ ଆମେରିକାରୁ ଭାରତକୁ ଫେରିବା ସଂଖ୍ୟା ପ୍ରାୟ ଦୁଇ-ପଞ୍ଚମାଂଶ ବୃଦ୍ଧି ପାଇଛି। ଭାରତରେ ପୂର୍ବରୁ ବ୍ରେନ୍ ଡ୍ରେନ୍ ସମସ୍ୟା ଥିଲା, କିନ୍ତୁ ଏବେ ବ୍ରେନ୍ ଗେନ୍ ଏକ ସମସ୍ୟା ଭାବରେ ଉଭା ହୋଇଛି। ସରକାରଙ୍କ ପାଖରେ ପ୍ରତ୍ୟାବର୍ତ୍ତନ କରୁଥିବା ପିଲାଙ୍କୁ ଥଇଥାନ କରିବା ପାଇଁ କୌଣସି ନୀତି ନାହିଁ ବା କୌଣସି ବିରୋଧୀ ଦଳର ସଦସ୍ୟ ସାଧାରଣ ମଞ୍ଚରେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇ ନଥାନ୍ତି, କାରଣ ଏଭଳି ସମସ୍ୟା କାହାର ଦୃଷ୍ଟିକୁ ସହଜରେ ଆସେ ନାହିଁ। କିନ୍ତୁ ପ୍ରଶ୍ନ ହେଉଛି, ଭାରତ ସହିତ ସମଗ୍ର ବିଶ୍ୱ ଯେତେବେଳେ ଯୁଦ୍ଧ, ଆର୍ଥିକ ମାନ୍ଦାବସ୍ଥା, ଜଳବାୟୁ ସଙ୍କଟ, ବେକାରୀ ଓ କୃତ୍ରିମ ବୁଦ୍ଧିମତ୍ତା ଆଦି ଭୟରେ ଜର୍ଜରିତ, ଡାଭୋସ ସେହି ସଙ୍କଟ ସମାଧାନର ମାର୍ଗ ଦର୍ଶାଇ ଥିଲା ନା କେବଳ ଶବ୍ଦର ମଞ୍ଚ ହୋଇ ଅବସର ବିନୋଦନର ଗୋଟିଏ ସ୍ଥାନ ଭାବରେ ରହିଗଲା, ତାହା ଆଜି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।■




ମୋ: ୯୪୩୭୧୨୩୮୯୨

# ଆମେରିକା ସହ କାରବାର

ଭାରତ-ଯୁକ୍ତରାଷ୍ଟ୍ର ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ଚୁକ୍ତି, ଯାହାକୁ ସବୁ ଚୁକ୍ତିର ପିତା ବୋଲି କୁହାଯାଉଛି ଏବଂ ଆମେରିକୀୟ ସାମଗ୍ରୀଗୁଡ଼ିକ ପାଇଁ ଦେଶରେ ବ୍ୟବସାୟିକ ପ୍ରତିବନ୍ଧକଗୁଡ଼ିକୁ ନିମ୍ନ କରିବାକୁ ଯାଉଛି, ତାହା ଦ୍ୱିପାକ୍ଷିକ ବ୍ୟବସାୟିକ ସମ୍ପର୍କ କ୍ଷେତ୍ରରେ ଏକ କୌଶଳପୂର୍ଣ୍ଣ କୀଳକ ଭାବରେ ଉଭା ହେବାକୁ ଦର୍ଶାଉଛି। ଗତ ଦୁଇ ଦଶନ୍ଧି ଭଳି, ଯେତେବେଳେ କି ଭାରତ-ଆମେରିକା ସମ୍ପର୍କ କୌଶଳପୂର୍ଣ୍ଣ ବିଚାରଗୁଡ଼ିକ ଉପରେ ପର୍ଯ୍ୟବସିତ ଥିଲା, ସେଭଳି ନ ହୋଇ ଏହି ଚୁକ୍ତି ଏକ 'ଦିଆ-ଏବଂ-ନିଆ' ମଡେଲ ଉପରେ ଆଧାରିତ ହେବାକୁ ଯାଉଛି, ଯାହା ଭାରତୀୟ ନିର୍ମାଣ ସାମଗ୍ରୀଗୁଡ଼ିକର ରପ୍ତାନୀର ପୁନରୁଦ୍ଧାର ପାଇଁ ଶକ୍ତି ଏବଂ କୃଷିଜାତ ରିହାତିଗୁଡ଼ିକର ବ୍ୟବସାୟ କରିବ। ଏହି କାରବାରଜନିତ ଚୁକ୍ତି ଅନୁସାରେ ଭାରତ ଏହାର ଉତ୍ପାଦଗୁଡ଼ିକ ପାଇଁ ଆମେରିକାର ପାରସ୍ପରିକ ବ୍ୟବହାର ପ୍ରଦର୍ଶନ ବଦଳରେ ଆମେରିକାର ଉତ୍ପାଦଗୁଡ଼ିକ ପାଇଁ ପ୍ରବେଶ ପ୍ରତିବନ୍ଧକକୁ କମାଇବାର ପ୍ରତିଶ୍ରୁତି ପ୍ରଦାନ କରିଛି। ଏହା ବୟନ ଶିଳ୍ପ, ପୋଷାକ, ଚମଡ଼ାଜାତ ପଦାର୍ଥ, ଯୋତା ଏବଂ କାରିଗରୀ ଉତ୍ପାଦଗୁଡ଼ିକ ଭଳି ଶ୍ରମିକ-ଆଧାରିତ ଉଦ୍ୟୋଗଗୁଡ଼ିକ ପାଇଁ ଲାଭଦାୟକ ହେବାର ସମ୍ଭାବନା ଥିବା ବେଳେ ଏହି ଚୁକ୍ତି ହାଇ-ଟେକ୍ ଇଞ୍ଜିନିୟରିଂ ଉଦ୍ୟୋଗଗୁଡ଼ିକରେ ଏକ ବଡ଼ ଧରଣର ପୁନର୍ଗଠନ ଆବଶ୍ୟକ କରିବ। ଯେଉଁ କମ୍ପାନୀମାନେ ଶ୍ରମିକ-ଆଧାରିତ ଉଦ୍ୟୋଗଗୁଡ଼ିକରେ କାର୍ଯ୍ୟ କରୁଛନ୍ତି, ସେମାନେ ଅଧିକ ଲାଭବାନ୍ ହେବେ। ଏହି ଚୁକ୍ତି ସେମାନଙ୍କ ପାଇଁ ୩୦ ଟ୍ରିଲିଅନ୍ ଆମେରିକୀୟ ଅର୍ଥନୀତିକୁ ଉନ୍ମୋଚିତ କରିଛି। ନିକଟରେ ଶେଷ ହୋଇଥିବା ୟୁରୋପୀୟ ରାଷ୍ଟ୍ରସଂଘ (ଇୟୁ) ଚୁକ୍ତି ସହିତ ମିଶାଇ ଦେଖିଲେ, ସେମାନେ ସେମାନଙ୍କର ସେବା ଯୋଗାଇବା ନିମନ୍ତେ ୫୦ ଟ୍ରିଲିଅନ୍‌ର ବଜାର ପାଇବାକୁ ଯାଉଛନ୍ତି, ଯାହା ସେମାନଙ୍କ ପାଇଁ ଏକ ବିରାଟ ସୁଯୋଗ କହିଲେ ଅତ୍ୟୁକ୍ତି ହେବନାହିଁ। ଯେ ପର୍ଯ୍ୟନ୍ତ ରୋବୋଟିକ୍ସ କ୍ଷେତ୍ରରେ ନୂତନ ଉଦ୍ଭାବନଗୁଡ଼ିକ ଶ୍ରମିକ ଆବଶ୍ୟକତାକୁ ଅଧିକ ହ୍ରାସ କରିନାହିଁ, ଏହି ଚୁକ୍ତି ଭାରତୀୟ କମ୍ପାନୀମାନଙ୍କୁ ସମ୍ପ୍ରସାରଣ ଏବଂ ଅଧିକ ଲୋକ ନିଯୁକ୍ତ କରିବାରେ ସାହାଯ୍ୟ କରିବ- ଯାହା ଏକ ବିପୁଳ ସଂଖ୍ୟକ ଯୁବ ଜନସଂଖ୍ୟାଙ୍କ ଅଧିକାରୀ ଦେଶଟିଏ ପାଇଁ ଏକ ସକାରାତ୍ମକ ସୂଚନା।

ଭାରତୀୟ ହାଇ-ଟେକ୍ ଏବଂ ଔଦ୍ୟୋଗିକ କମ୍ପାନୀଗୁଡ଼ିକ, ଯେଉଁମାନେ ସରକାରୀ ବ୍ୟବସାୟିକ ପ୍ରତିବନ୍ଧକର ସୁରକ୍ଷା ଅଧୀନରେ ଘରୋଇ ବଜାରକୁ ସେବା ଯୋଗାଇ ଖୁସି ଥିଲେ, ସେମାନଙ୍କୁ ଏଣିକି ଆମେରିକା ଓ ୟୁରୋପୀୟ ନିର୍ମାତାମାନଙ୍କ ଦୌରାତ୍ମ୍ୟର ସାମ୍ନା କରିବାକୁ ପଡ଼ିବ। ଏହି ପ୍ରତିଯୋଗିତା ଭାରତୀୟ କମ୍ପାନୀମାନଙ୍କୁ ଏହି ତିନିଗୋଟି ବିକଳ୍ପ ମଧ୍ୟରେ ଯେ କୌଣସି ଗୋଟିଏକୁ ବାଛିବାକୁ ବାଧ କରିବ- ପ୍ରତିଯୋଗିତାମୂଳକ ହେବା, ଗୁଣାତ୍ମକ ମାନ ଉନ୍ନତ କରିବା ଏବଂ ସେମାନଙ୍କ ସାମଗ୍ରୀର ବଜାରକୁ ସମ୍ପ୍ରସାରିତ କରିବା, କିମ୍ବା ପାଶ୍ଚାତ୍ୟ ଔଦ୍ୟୋଗିକ ବଡ଼ କମ୍ପାନୀମାନଙ୍କ ସହିତ ସହଯୋଗ କରିବା ନଚେତ୍ ବ୍ୟବସାୟରୁ ବାହାରି ଯିବା। ଭାରତ ଏହାର ବଜାରକୁ ଆମେରିକା ଏବଂ ୟୁରୋପ୍ ପାଇଁ ଖୋଲିବା ପରେ ଏହା ନରେନ୍ଦ୍ର ମୋଦୀ ସରକାରଙ୍କ ମେକ୍-ଇନ୍-ଇଣ୍ଡିଆ କାର୍ଯ୍ୟକ୍ରମ ପାଇଁ ଏକ ବଡ଼ ଆଘାତ ସୃଷ୍ଟି ହେବ, କାରଣ ଏହି ଅବସ୍ଥାରେ ହାଇ-ଟେକ୍ କ୍ଷେତ୍ରଗୁଡ଼ିକରେ ଭାରତୀୟ ଉତ୍ପାଦଗୁଡ଼ିକ ଗୁଣାତ୍ମକ ମାନ ଏବଂ ମୂଲ୍ୟ ଦୃଷ୍ଟିରୁ ପାଶ୍ଚାତ୍ୟ ଉତ୍ପାଦଗୁଡ଼ିକ ସହିତ ତାଳ ଦେଇ ପାରିବ ନାହିଁ। ତେଣୁ, ଆଗାମୀ ଦଶନ୍ଧି ଭିତରେ ଅନ୍ତତଃ ଭାରତ ଆତ୍ମ-ନିର୍ଭର ହୋଇ ପାରିବ ନାହିଁ। ଭାରତ-ଆମେରିକା ଚୁକ୍ତି ଔଦ୍ୟୋଗିକ କୌଶଳର ଏକ ସମ୍ପୂର୍ଣ୍ଣ ପରିବର୍ତ୍ତନକୁ ସୂଚାଉଛି, ଯାହାକୁ ଭାରତ ବଡ଼ ବଡ଼ ଉଦ୍ୟୋଗ ଏବଂ ଶ୍ରେଷ୍ଠ ପ୍ରଯୁକ୍ତିଗୁଡ଼ିକ ଉପରେ ଧ୍ୟାନ କେନ୍ଦ୍ରିତ କରି ସ୍ୱାଧୀନତା ଲାଭ ପରଠାରୁ ଅନୁସରଣ କରି ଆସୁଛି। ଶ୍ରମିକ-ଆଧାରିତ ବ୍ୟବସାୟଗୁଡ଼ିକ ପାଇଁ ବଜାର ପହଞ୍ଚ ନିମନ୍ତେ ମେକ୍-ଇନ୍-ଇଣ୍ଡିଆ କାର୍ଯ୍ୟକ୍ରମକୁ ପାଶ୍ଚାତ୍ୟ କମ୍ପାନୀମାନଙ୍କ ସହିତ ସହଯୋଗ କରିବାକୁ ହସ୍ତାନ୍ତରିତ କରି ଭାରତ ପୂର୍ବ ଏସୀୟ ମଡେଲକୁ ଗ୍ରହଣ କରି ନେଇଛି। ଭାରତ ଭଳି ନ ହୋଇ ଦକ୍ଷିଣ ପୂର୍ବ ଦେଶ ସମୂହ ଏବଂ ଚୀନ୍ କର୍ମନିଯୁକ୍ତି ସୃଷ୍ଟି ଉପରେ ଧ୍ୟାନ କେନ୍ଦ୍ରିତ କଲେ ଏବଂ ଏହାଦ୍ୱାରା ସୃଷ୍ଟି ହୋଇଥିବା ଧନକୁ ପାଶ୍ଚାତ୍ୟ କମ୍ପାନୀମାନଙ୍କ ପାଇଁ ଶତ୍ରୁ ଭଳି ପ୍ରତୀୟମାନ ହେଉଥିବା କମ୍ପାନୀଗୁଡ଼ିକ ନିର୍ମାଣ କରିବା ଉପରେ ଗୁରୁତ୍ୱ ଦେଲେ।

ପ୍ରାରମ୍ଭିକ ଚାହିଦାଗୁଡ଼ିକ ବିପରୀତ ପକ୍ଷରେ ଡୋନାଲ୍ଡ ଟ୍ରମ୍ପ୍ ପ୍ରଶାସନ ମାନବୀୟ ଉପଭୋଗ (କଞ୍ଜମ୍ପସନ୍) ପାଇଁ ଆମେରିକୀୟ କୃଷିଜାତ ପଦାର୍ଥଗୁଡ଼ିକର ବ୍ୟବହାର କରିବାରେ ନରେନ୍ଦ୍ର ମୋଦୀ ସରକାରଙ୍କର ରହିଥିବା ସୀମିତତାଗୁଡ଼ିକୁ ବୁଝି ପାରିଥିବା ମନେହୁଏ। ଆମେରିକୀୟ ଆକ୍ରମଣରୁ କୃଷକମାନଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ ଆମେରିକା ବିଶାଳକାୟ ପଶୁ ଖାଦ୍ୟ ବଜାରକୁ ଖୋଲିବା ନିମନ୍ତେ ସହମତ ହୋଇଥିବା ମନେହୁଏ। ଦୁଇ ଦଶନ୍ଧି ପୂର୍ବେ ଏହି ଚୁକ୍ତିକୁ ଏହାର ସାମ୍ପ୍ରତିକ ରୂପରେ କୌଣସି ଭାରତୀୟ ସରକାର ସମ୍ପନ୍ନ କରିବାକୁ ଚାହିଁ ନଥାନ୍ତେ। ତେବେ ବର୍ତ୍ତମାନ ଭାରତୀୟ ଅର୍ଥନୀତି ପରିପକ୍ୱ ହୋଇଛି ଏବଂ ଏହା ଉପ-ସାହାରା ଦେଶମାନଙ୍କ ଭଳି ଲଲିପପ୍ ଦାବି କରି ପାରିବ ନାହିଁ। ଆମେରିକା ଏବଂ ୟୁରୋପ୍ ସହିତ ଭାରତର ଚୁକ୍ତି ସମ୍ପାଦନ କରିବା ଦୀର୍ଘ ଦିନ ଧରି ବକେୟା ରହିଥିବା ଦୁଇଗୋଟି କାର୍ଯ୍ୟ ସମ୍ପନ୍ନ ହେବା ଦିଗରେ ପଥ କଢ଼ାଇ ନେବ- ଲୋକମାନଙ୍କ ପାଇଁ ଚାକିରି ସଂଖ୍ୟା ବୃଦ୍ଧି କରିବା ଏବଂ ଭାରତୀୟ କମ୍ପାନୀମାନଙ୍କୁ ବିଶ୍ୱସ୍ତରୀୟ ହେବା ପାଇଁ ବାଧ କରିବା। ସମୟ ଉପଗତ ହୋଇଛି, ଭାରତୀୟ କମ୍ପାନୀମାନେ ଦେଖାଇ ଦେବା ଉଚିତ ଯେ ସେମାନେ କାହା ପାଇଁ ଦ୍ୱିତୀୟ ସ୍ତରୀୟ କମ୍ପାନୀ ନୁହନ୍ତି।■

# ତପସ୍ୱୀ ବାଳକ ନଚିକେତା

ପୂର୍ବ କାଳରେ ବାଜଶ୍ରବା ନାମକ ଜଣେ ଋଷି ଥିଲେ। ସେ କଠୋର ତପସ୍ୟା କରିଥିଲେ। ସେ ଥରେ ବିଶ୍ୱଜିତ୍ ଯଜ୍ଞର ଆୟୋଜନ କଲେ। ବିଶ୍ୱଜିତ୍ ଯଜ୍ଞରେ ସର୍ବସ୍ୱ ଦାନ କରିବାକୁ ପଡ଼ିଥାଏ। ତେଣୁ ବାଜଶ୍ରବା ନିଜର ସମସ୍ତ ଧନ ସମ୍ପତ୍ତି ଦାନ କରୁଥିଲେ। ଧନ ପାଇବା ଆଶାରେ ବହୁ ପୁରୋହିତ ତାଙ୍କ ଦରବାରରେ ଭିଡ଼ ଲଗାଇ ଥାଆନ୍ତି। ଦାନ ଦେବା ପରେ ଦକ୍ଷିଣା ଦେବାର ବିଧି ଥାଏ। ତେବେ ବାଜଶ୍ରବା ଋଷି ଦକ୍ଷିଣା ରୂପେ ବୃଦ୍ଧ ଗାଈମାନଙ୍କୁ ପ୍ରଦାନ କଲେ। ଏହା ତାଙ୍କର ପୁଅ ନଚିକେତାର ଆଖିରେ ପଡ଼ିଲା। ସେ ଚିନ୍ତା କଲେ- 'ଯୋଉ ଦାନ ଅନ୍ୟର ଉପକାରରେ ଆସେନାହିଁ, ସେ ଦାନ ଦେଇ କେହି ଦାତା ହୁଅନ୍ତିନି କିମ୍ବା ସେ ଦାନର ଫଳ ମଧ୍ୟ କିଛି ମିଳେନାହିଁ।' ତେଣୁ ବାପାଙ୍କର ଏ କାର୍ଯ୍ୟରେ ନଚିକେତାଙ୍କ ମନ ଦୁଃଖ ହେଲା। ସେ ବାପାଙ୍କୁ ପଚାରିଲେ- 'ବାପା ! ଆପଣ ମୋତେ କାହାକୁ ଦେଲେ ?' ବାଜଶ୍ରବା ଜାଣି ପାରିଲେ ଯେ ନଚିକେତା ତାଙ୍କ ଦାନରେ ଅସନ୍ତୁଷ୍ଟ ଅଛି। ତେଣୁ ନଚିକେତାଙ୍କ କଥାରେ ଋଷି ଉତ୍ତର ଦେଲେନି। ନିରବ ରହିଲେ। ନଚିକେତା ପୁଣି ସେହି ପ୍ରଶ୍ନ କଲେ। ଏଥର ମଧ୍ୟ ଋଷି ବାଜଶ୍ରବା ନିରବ ରହିଲେ। ନଚିକେତା ବାପାଙ୍କୁ ତୃତୀୟ ଥର ସେହି ପ୍ରଶ୍ନ ପଚାରିଲେ। ବାଜଶ୍ରବା ରାଗିଯାଇ କହିଲେ- 'ତୋତେ ଯମକୁ ଦେଲି।' ତତ୍‌କ୍ଷଣାତ୍ ନଚିକେତା ଉଠିଲେ। ପୁତ୍ର ହିସାବରେ ବାପାଙ୍କ ଧର୍ମ କାମରେ ଲାଗିବେ ବୋଲି ବହୁତ ଖୁସି ଥିଲେ। ବାପା, ମାଆଙ୍କ ମମତାକୁ ଛିଣ୍ଡେଇ ଯମଦେବଙ୍କ ପାଖକୁ ଯିବା ପାଇଁ ପ୍ରସ୍ତୁତ ହେଲେ। ପିତାଙ୍କଠାରୁ ବିଦାୟ ମାଗିଲେ। ଋଷି ବାଜଶ୍ରବାଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିଲା। ନଚିକେତା ଯମଙ୍କ ପାଖକୁ କେମିତି ଯିବ ? ହେଲେ କ୍ରୋଧରେ କହିଥିବା କଥା ଭାବି ଭାବି ଋଷି ବହୁତ ଦୁଃଖିତ ହେଲେ। ଅନୁତାପ କଲେ। ପୁଅକୁ ଯେତେ ବୁଝାଇଲେ ମଧ୍ୟ ନଚିକେତା କିନ୍ତୁ ନଛୋଡ଼ବନ୍ଧା ଥିଲେ। ନିଜ କର୍ତ୍ତବ୍ୟ ପାଳନରେ ଅଟଳ ଥିଲେ। ବରଂ ବାପାଙ୍କୁ ବୁଝେଇ ଦେଲେ- 'ବାପା ! ଆପଣ ନିଜ କର୍ତ୍ତବ୍ୟ ପାଳନ କରନ୍ତୁ। ଆଉ ମୋତେ ପଥଚ୍ୟୁତ କରନ୍ତୁ ନାହିଁ। ଆପଣଙ୍କ କଥା ଅନ୍ୟଥା ହେଲେ ଆପଣଙ୍କ ଯଶରେ କଳଙ୍କ ଲାଗିବ। ଋଷି କୁଳ ନିନ୍ଦିତ ହେବେ। ପିତାଙ୍କ ମୁଖରୁ ବାହାରି ଥିବା କଥା କ'ଣ କେବେ ଅନ୍ୟଥା ହୁଏ ? ଆପଣଙ୍କ ଉପଦେଶ ନିଶ୍ଚିତ ଭାବରେ ମୋର ମଙ୍ଗଳ ନିମନ୍ତେ ଉଦ୍ଦିଷ୍ଟ।'



ନଚିକେତା ବିଦାୟ ନେଲେ। ତପସ୍ୟା ଆରମ୍ଭ କଲେ। ତିନିଦିନ ମଧ୍ୟରେ ଯମଙ୍କ ସହିତ ସାକ୍ଷାତ ହେଲା। ଯମ ଦେଖିଲେ କୋମଳମତି ବାଳକ ତପସ୍ୟାରତ। ତପସ୍ୟାର କାରଣ ଜାଣିବାକୁ ଚାହିଁଲେ ଯମରାଜ। ବର ମାଗିବାକୁ କହିଲେ। ନଚିକେତା ବିନୟତାର ସହିତ କହିଲେ- 'ମର୍ତ୍ତ୍ୟମଣ୍ଡଳରେ ମୋତେ ମୃତ୍ୟୁ ସମ୍ପର୍କରେ ଜ୍ଞାନ ଦିଅନ୍ତୁ।' ଯମ ଭାବିଲେ ଏ ତ ବାଳକ। ମୃତ୍ୟୁ ସମ୍ପର୍କରେ କ'ଣ ଜାଣିବ ? ତେଣୁ ନଚିକେତାଙ୍କୁ ରାଜ୍ୟ, ସୁଖ, ସମ୍ପଦ, ବୈଭବ, ରମଣୀ ଇତ୍ୟାଦି ପ୍ରଦାନ କରିବାକୁ ରାଜି ହୋଇଗଲେ। ନଚିକେତା କିନ୍ତୁ ମୃତ୍ୟୁ ବିଦ୍ୟା ହାସଲ ଉଦ୍ଦେଶ୍ୟରେ ଅଟଳ ଥିଲେ। ପୁଣି ଯମରାଜା ତାଙ୍କୁ ଆୟୁଷ ପ୍ରଦାନ କରିବାକୁ ଇଚ୍ଛାକଲେ। ତଥାପି ନଚିକେତା ନିଜ ଜିଦ୍‌ରେ ଅଟଳ ଥିଲେ। କହିଲେ- 'ଆପଣ ଯମ ଦେବତା। କାଳର ଅନ୍ୟ ଏକ ରୂପ। ଯାହା ମୋତେ ଯାଚୁଛନ୍ତି, ସେସବୁକୁ ପୁଣି କାଳ ହୋଇ ଆପଣ ହରଣ କରିନେବେ। ତେଣୁ ଏସବୁ ପାର୍ଥିବ ପଦାର୍ଥରେ ମୁଁ ଅଶାୟୀ ନୁହେଁ। ମୋତେ ମୃତ୍ୟୁ ସମ୍ବନ୍ଧରେ ଜ୍ଞାନ ପ୍ରଦାନ କରନ୍ତୁ।' ଯମ ଦେବତା ଖୁସିରେ ଏ ଜ୍ଞାନ ପ୍ରଦାନ କଲେ।

ସଂସାରରେ ରହିଲେ ମଧ୍ୟ ଆମକୁ ଦିନେ ନା ଦିନେ ବିଦାୟ ନେବାକୁ ହେବ। ତେଣୁ ଉପନିଷଦରେ ଋଷିମାନେ ମୃତ୍ୟୁ ଚିନ୍ତାକୁ ଗୁରୁତ୍ୱ ଦେଇ ସଠିକ୍ ମାର୍ଗରେ ଚାଲିବାକୁ ଆମକୁ ବାରମ୍ବାର ଚେତନା ଦେଇଛନ୍ତି। ତା'ମାନେ ନୁହେଁ ଯେ ମୃତ୍ୟୁ ଚିନ୍ତାକରି ପଙ୍ଗୁ ପରି ବସି ପଡ଼ିବା। ମୃତ୍ୟୁ ଚିନ୍ତା ଅନ୍ୟାୟ ଅନୀତି କରିବାରେ ବାଧା ଦିଏ। ■

# ଲିଭ୍-ଇନ୍ ନୁହେଁ, ବିବାହ



ପ୍ରଣତି ଆଚାର୍ଯ୍ୟ ମିଶ୍ର

ସମ୍ପ୍ରତି ମାଡ୍ରାସ ହାଇକୋର୍ଟ ଲିଭ୍-ଇନ୍ ସମ୍ପର୍କର ପ୍ରଚଳନ ଉପରେ ଚିନ୍ତା ବ୍ୟକ୍ତ କରି କହିଛନ୍ତି, ଏପରି ସମ୍ପର୍କରେ ଥିବା ମହିଳାମାନଙ୍କୁ ପତ୍ନୀର ମାନ୍ୟତା ଦେଇ ସୁରକ୍ଷା ଦିଆଯିବା ଉଚିତ। କୋର୍ଟ ଏହା ମଧ୍ୟ କହିଛନ୍ତି ଯେ ଲିଭ୍-ଇନ୍ ସମ୍ପର୍କ ସମାଜ ପାଇଁ ଏକ ସାଂସ୍କୃତିକ ଆଘାତ ସତ୍ତ୍ୱେ ବହୁ ପରିମାଣରେ ଘଟୁଛି। ଝିଅମାନେ ନିଜକୁ ଆଧୁନିକ ମନେ କରି ଲିଭ୍-ଇନ୍ ସମ୍ପର୍କରେ ରହିବାକୁ ନିଷ୍ପତ୍ତି ନିଅନ୍ତି। କିଛି ଦିନ ଉପରାନ୍ତେ ଅନୁଭବ କରନ୍ତି ଯେ ଏହି ସମ୍ପର୍କ ବିବାହ ପରି ସୁରକ୍ଷା ପ୍ରଦାନ କରେ ନାହିଁ। ଅନେକ କୋର୍ଟ ନିରନ୍ତର ଚେତାବନୀ ଦେଇ କହିଛନ୍ତି, ଲିଭ୍-ଇନ୍ ସମ୍ପର୍କ ପୁରୁଷଙ୍କ ତୁଳନାରେ ମହିଳାମାନଙ୍କ ପାଇଁ ସାମାଜିକ ଭାବେ ଅଧିକ କ୍ଷତିକାରକ। ଆଜି ଯୁବକମାନଙ୍କ ପାଇଁ ଆଧୁନିକ ହେବାର ଅର୍ଥ, ପାଶ୍ଚାତ୍ୟ ସଂସ୍କୃତିକୁ ଗ୍ରହଣ କରିନେବା। ଏହି ମାନସିକତା ସେମାନଙ୍କୁ ଏପରି ସ୍ଥିତିକୁ ଠେଲିଦିଏ, ଯେଉଁଠାରୁ ଖସି ଯିବାର ପ୍ରତ୍ୟେକ ପ୍ରୟାସ ନିରର୍ଥକ। ଅଗଷ୍ଟ ୨୦୨୩ ରେ ଆହ୍ଲାବାଦ ହାଇକୋର୍ଟ ଅଦନାନ ବନାମ ଉତ୍ତରପ୍ରଦେଶ ରାଜ୍ୟ ଏବଂ ଅନ୍ୟାନ୍ୟ ମାମଲାରେ ଅବଲୋକନ କରିଥିଲେ ଯେ ଅଧିକାଂଶ ଲିଭ୍-ଇନ୍ ଦମ୍ପତି ଭାଙ୍ଗି ପଡ଼ନ୍ତି ଏବଂ ମହିଳାମାନେ ସମାଜରେ ଅନେକ କଷ୍ଟର ସମ୍ମୁଖୀନ ହେଉଛନ୍ତି। ସାମାଜିକ ବାସନ୍ଦଠାରୁ ଆରମ୍ଭ କରି ଅଶାଳୀନ ସାର୍ବଜନୀନ ମନ୍ତବ୍ୟ ପର୍ଯ୍ୟନ୍ତ ଲିଭ୍-ଇନ୍ ସମ୍ପର୍କ ପରେ ମହିଳାଙ୍କ କଷ୍ଟ ଅବର୍ଣ୍ଣନୀୟ। ଯୁବ ପିଢ଼ି ଲିଭ୍-ଇନ୍ ସମ୍ପର୍କରେ ପାଶ୍ଚାତ୍ୟ ସଂସ୍କୃତିକୁ ଅନୁକରଣ କରୁଛନ୍ତି, କିନ୍ତୁ ଆଜି ମଧ୍ୟ ସମାଜରେ ପୁରୁଷ ଏବଂ ମହିଳାଙ୍କର ଭିନ୍ନ ନୈତିକ ମାନଦଣ୍ଡ ରହିଛି- ଏହା ସ୍ୱୀକାର୍ଯ୍ୟ। ୧୧ଟି ୟୁରୋପୀୟ ଦେଶର ଲିଭ୍-ଇନ୍ ସମ୍ପର୍କ ଉପରେ ଆଧାରିତ ଗବେଷଣା ସଂସ୍ଥା (ବ୍ରାଏନା ପେରେଲି-ହାରିସ୍) ଦ୍ୱାରା ଏହା ପ୍ରମାଣିତ ହୋଇଛି ଯେ ଲିଭ୍-ଇନ୍ ସମ୍ପର୍କରେ ମହିଳାମାନେ ପୁରୁଷମାନଙ୍କ ତୁଳନାରେ ଅଧିକ ନକାରାତ୍ମକ ଦୃଷ୍ଟିକୋଣ, ଚରିତ୍ର ସନ୍ଦେହ ଏବଂ ସାମାଜିକ ସମାଲୋଚନାର ସମ୍ମୁଖୀନ ହୁଅନ୍ତି।

ଗବେଷଣା ଏହା ମଧ୍ୟ ସୂଚାଇଛି ଯେ ପାରମ୍ପରିକ ଏବଂ ନୈତିକ ମୂଲ୍ୟବୋଧର ପରିବାରରେ ଲିଭ୍-ଇନ୍ ସମ୍ପର୍କରେ ଥିବା ମହିଳା ନିଜକୁ ପ୍ରତିଷ୍ଠିତ କରିବା କିମ୍ବା ପରେ ଏକ ସମ୍ମାନଜନକ ଜୀବନରେ ପୁନଃପ୍ରବେଶ କରିବା କଷ୍ଟକର ହୋଇପଡ଼େ। ଗବେଷକମାନେ ସ୍ପଷ୍ଟ ଭାବରେ ଏହି ଅସମାନ ଏବଂ ସାମାଜିକ ଆଚରଣକୁ ଲିଙ୍ଗଗତ କଳଙ୍କ ବୋଲି କହିଛନ୍ତି। ଗବେଷଣା କୁହେ, ଲିଭ୍-ଇନ୍ ସମ୍ପର୍କ ମହିଳାମାନଙ୍କ ପାଇଁ କେବଳ ଏକ ବ୍ୟକ୍ତିଗତ ପସନ୍ଦ ହୋଇ ରହେନାହିଁ; ଏହା ଏକ ସାମାଜିକ ବିପଦ ପାଲଟେ।

ଅନେକ ଅଧ୍ୟୟନ କୁହେ, ଏହି ସମ୍ପର୍କ କେବେ ବି ବିବାହ ପ୍ରତିଷ୍ଠାନର ବିକଳ୍ପ ହୋଇ ପାରିବ ନାହିଁ। ମନସ୍ତତ୍ତ୍ୱବିତ୍ ସ୍କଟ୍ ଏମ୍ ଷ୍ଟାନଲି ତାଙ୍କ 'ସ୍ଲାଇଡିଂ ବନାମ ଡିସାଇଡିଂ ଥିଓରୀ'ରେ ବ୍ୟାଖ୍ୟା କରିଛନ୍ତି ଯେ ଲିଭ୍-ଇନ୍ ସମ୍ପର୍କରେ ଥିବା ଯୁବକମାନେ ପ୍ରାୟତଃ ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତି ନାହିଁ। ଯୌବନର ଜୋସ୍‌ରେ ଜୀବନର ବଡ଼ ନିଷ୍ପତ୍ତି ନେଇଥାନ୍ତି। ଏହି ସମ୍ପର୍କରେ ପ୍ରେମ ଥାଏ, କିନ୍ତୁ ପ୍ରତିବଦ୍ଧତାର ଅଭାବ ରହିଥାଏ। ଏହା ଆଗକୁ ଅସୁରକ୍ଷା, ମାନସିକ ଚାପ ଏବଂ ସମ୍ପର୍କରେ ଅସ୍ଥିରତା ଆଡ଼କୁ ନେଇଯାଏ। ଷ୍ଟାନଲିଙ୍କ ଗବେଷଣା ସୂଚାଇଛି ଯେ ଲିଭ୍-ଇନ୍ ସମ୍ପର୍କ ଭାଙ୍ଗିବା ଦ୍ୱାରା ଡିପ୍ରେସନ୍, ଆତ୍ମସମ୍ମାନ ଏବଂ ଭବିଷ୍ୟତ ସମ୍ପର୍କ ଉପରେ ନକାରାତ୍ମକ ପ୍ରଭାବ ପଡ଼ିପାରେ। ଷ୍ଟାନଲି କୁହନ୍ତି, ଲିଭ୍-ଇନ୍ ସମ୍ପର୍କ ଆକର୍ଷଣୀୟ ମନେହୁଏ, କିନ୍ତୁ ବାସ୍ତବରେ ଏହା ଉଚ୍ଚ ବିପଦପୂର୍ଣ୍ଣ, ନକାରାତ୍ମକ ପରିଣାମ ଆଣେ। ଅଦନାନ ବନାମ ଉତ୍ତରପ୍ରଦେଶ ରାଜ୍ୟ ଏବଂ ଅନ୍ୟାନ୍ୟ ମାମଲାରେ ଆହ୍ଲାବାଦ ହାଇକୋର୍ଟଙ୍କ ମନ୍ତବ୍ୟ ଷ୍ଟାନଲିଙ୍କ ମତକୁ ସତ୍ୟ ବୋଲି ପ୍ରମାଣ କରେ। ଲିଭ୍-ଇନ୍ ସମ୍ପର୍କ କେବେ ବି ବିବାହ ସଂସ୍ଥା ପ୍ରଦାନ କରୁଥିବା ସୁରକ୍ଷା, ସାମାଜିକ ସ୍ୱୀକୃତି, ପ୍ରଗତି ଏବଂ ସ୍ଥିରତା ପ୍ରଦାନ କରି ପାରିବ ନାହିଁ। ଭାରତୀୟ ସମାଜ ସାମ୍ନାରେ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେଉଛି ପାଶ୍ଚାତ୍ୟ ସଂସ୍କୃତି ଏବଂ ବଲିଉଡ ଦ୍ୱାରା ପ୍ରତିଷ୍ଠିତ ସଂସ୍କୃତିର ଅନୁସରଣ। ଏହି ପରିପ୍ରେକ୍ଷୀରେ ଆହ୍ଲାବାଦ ହାଇକୋର୍ଟ କହିଛନ୍ତି, ଆମ ଦେଶରେ ବିବାହ ସଂସ୍ଥାକୁ ନଷ୍ଟ କରିବା, ସମାଜକୁ ଅସ୍ଥିର କରିବା ଏବଂ ଦେଶର ପ୍ରଗତିକୁ ବାଧା ଦେବା ପାଇଁ ଏକ ରୀତିମତ ଯୋଜନା ରହିଛି। ଚଳଚ୍ଚିତ୍ର ଏବଂ ଟିଭି ଧାରାବାହିକ ପ୍ରସାରଣ ବିବାହ ପ୍ରତିଷ୍ଠାନକୁ ନଷ୍ଟ କରୁଛି। ଏଥିରେ ବିବାହିତ ସାଥୀଙ୍କ ପ୍ରତି ବିଶ୍ୱାସଘାତକତା ଏବଂ ମୁକ୍ତ ଲିଭ୍-ଇନ୍ ସମ୍ପର୍କକୁ ଏକ ପ୍ରଗତିଶୀଳ ସମାଜର ଲକ୍ଷଣ ଭାବରେ ଚିତ୍ରଣ କରାଯାଉଛି। ଯୁବ ପିଢ଼ି ଏପରି ଦୃଶ୍ୟ ପ୍ରତି ଆକର୍ଷିତ ହେଉଛନ୍ତି, କାରଣ ସେମାନେ ଦୀର୍ଘକାଳୀନ ପରିଣାମ ବିଷୟରେ ଅଜ୍ଞ। ଗୋଟିଏ ସମ୍ପର୍କରୁ ଅନ୍ୟ ସମ୍ପର୍କକୁ ଡେଇଁବା କୌଣସି ପ୍ରକାରେ ଏକ ସନ୍ତୋଷଜନକ ଜୀବନ ନୁହେଁ। ବିବାହ ଜଣେ ବ୍ୟକ୍ତିଙ୍କ ଜୀବନକୁ ଯେଉଁ ସୁରକ୍ଷା ଏବଂ ସ୍ଥିରତା ପ୍ରଦାନ କରେ, ତାହା ଲିଭ୍-ଇନ୍ ସମ୍ପର୍କରେ ଆଶା କରାଯାଏ ନାହିଁ। ଲିଭ୍-ଇନ୍ ସମର୍ଥକମାନେ ଏକ ରିସର୍ଚ୍ଚ 'Cohabitation, Dissolution and Psychological Distress Among Young Adults' ଅଧ୍ୟୟନ କରିବା ଉଚିତ।

କୌଣସି ସମ୍ପର୍କ କେବଳ ପସନ୍ଦ ଉପରେ ନୁହେଁ, ବର୍ଗ ପରସ୍ପର ପ୍ରତି ସମ୍ମାନ ଏବଂ ଦାୟିତ୍ୱବୋଧ ଉପରେ ତିଷ୍ଠିଥାଏ। ଲିଭ୍-ଇନ୍‌ରେ ରହିବା ପୂର୍ବରୁ ଏହାର ଦୀର୍ଘକାଳୀନ ପରିଣାମ ବିଷୟରେ ଚିନ୍ତା କରିବା ଆବଶ୍ୟକ। ଯେ କୌଣସି ସମ୍ପର୍କ ଗଢ଼ିବା ସହଜ, କିନ୍ତୁ ତାକୁ ବଜାୟ ରଖିବା ଏକ କଳା।■




ନୟାଗଡ଼,
ମୋ: ୯୪୩୭୬୪୨୯୪୭

ନିତିଦିନ NITIDIN



# ବିଜେପିରେ ସାମିଲ ହେଲେ ବିଜେଡି କର୍ମୀ

**ଧର୍ମଶାଳା,୯।୨/ଏନ୍‌ଏନ୍‌ଏସ୍:** ଧର୍ମଶାଳା ନିର୍ବାଚନମଣ୍ଡଳୀରେ ଭୁଶୁଡୁଛି ବିଜେଡି ଗଡ଼। ବିଗତ ଦିନମାନଙ୍କରେ ବିଜେଡିର ବହୁ ଆଗଧାଡିର କର୍ମୀ ଓ ଜନପ୍ରତିନିଧିମାନେ ବିଜେଡି ଛାଡି ବିଜେପିରେ ସାମିଲ ହୋଇଥିବା ବେଳେ ଆଜି ଧର୍ମଶାଳା ନିର୍ବାଚନମଣ୍ଡଳୀର ୫ଟି ଜିଲ୍ଲା ପରିଷଦ ଜୋନ୍ ତଥା ୫୪ଟି ପଞ୍ଚାୟତରୁ ଶହ ଶହ ସଂଖ୍ୟାରେ କର୍ମୀ ବିଜେଡି ଛାଡି ଆଜି ବିଜେପିରେ ସାମିଲ ହୋଇଛନ୍ତି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ଧର୍ମଶାଳାରେ ବିଜେଡି ତାର ସତ୍ତା ହରାଇବ ବୋଲି ଆକଳନ କରାଯାଉଛି। ଧର୍ମଶାଳାରେ ବିଜେଡି କର୍ମୀମାନେ ନେତାଙ୍କ ଉପରେ ଆସ୍ଥା ହରାଉଥିବାରୁ ସେମାନେ ଦଳ ଛାଡ଼ି ବିଜେପିରେ ସାମିଲ ହେଉଥିବା ଦେଖିବାକୁ ମିଳିଛି।

ଆଜି ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୁମାରୀ ସ୍ଥିତ ବିଜେପି ସମ୍ମିଳନୀ ଗୃହରେ ଆୟୋଜିତ ମିଶ୍ରଣ ପର୍ବରେ ଅତିଥି ଭାବେ ବିଧାୟକ ହିମାଂଶୁ ଶେଖର ସାହୁ, ବିଜେପି



ଜିଲ୍ଲା ସଭାପତି ଦେବଯାନୀ ପ୍ରଧାନ, ଯାଜପୁର ପୂର୍ବତନ ସାଂସଦ ରୀତା ତରେଇ, ପୂର୍ବତନ ଜିଲ୍ଲା ସଭାପତି ଗୌତମ ରାୟ, ବରି ବିଜେପି ନେତା ଉମେଶ ଜେନା, ଧର୍ମଶାଳା ବ୍ଲକ ଅଧକ୍ଷା ସୁଚିସ୍ମିତା ସାହୁ, ରସୁଲପୁର ବ୍ଲକ ଅଧକ୍ଷ ଅରୁଣ କୁମାର ରାଉତ, ଜେନାପୁର ବଜେପି ମଣ୍ଡଳ ସଭାପତି ଶ୍ରୀବତ୍ସ ଧିର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଆଜି ଧର୍ମଶାଳା ନିର୍ବାଚନମଣ୍ଡଳୀର ୫ଟି ଜିଲ୍ଲାପରିଷଦ ଜୋନ୍‌ରୁ ହଜାରେରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ପ୍ରତି ଆସ୍ଥା ପ୍ରକଟ କରି ଦଳ ପରିତ୍ୟାଗ କରି ବିଜେପିରେ ବିଦ୍ଧିବଦ୍ଧ ଭାବେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ରାଜ୍ୟ ବିଜୁ ଛାତ୍ର ଜନତା ଦଳର ବରିଷ୍ଠ ଉପସଭାପତି ସୌମ୍ୟ ପ୍ରକାଶ ବିଶ୍ୱାଳ, ପୂର୍ବତନ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଡ. ପ୍ରିୟନାଥ ମହାପାତ୍ର , ଜିଲ୍ଲା ବିଜେଡି ସମ୍ପାଦକ ହୃଷିକେଶ ସାମଲ, ପ୍ରସନ୍ନ ବରାଳ, ବିଜୟ କୁମାର କୁମାର ବରାଳ, ସବ୍ୟସାଚୀ ବେହେରା, ଉମାକାନ୍ତ ବାରିକ, ପୁଷ୍ପଲତା ବାରିକ, ଧର୍ମେନ୍ଦ୍ର ସାମଲ, ବାରବାଟୀ ପଞ୍ଚାୟତ ବିଜେଡି ସଭାପତି ପ୍ରଶାନ୍ତ ସାହୁ, କଦମପାଳ ପଞ୍ଚାୟତର ସମିତି ସଭ୍ୟ ପ୍ରମୁଖ ଶହ ଶହ କର୍ମୀ ବିଜେଡି ଛାଡ଼ି ଆଜି ବିଧିବଦ୍ଧ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ଦଳରେ ସାମିଲ ହୋଇଥିବା କର୍ମୀମାନଙ୍କୁ ଅତିଥିମାନେ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ।

## ଇନ୍ଦ୍ରମଣି ରାଉତଙ୍କୁ ଶ୍ରଦ୍ଧାଞ୍ଜଳି



**କେନ୍ଦ୍ରାପଡ଼ା,୯।୨/ଏନ୍‌ଏନ୍‌ଏସ୍:** ପୂର୍ବତନ ବିଧାୟକ ଇନ୍ଦ୍ରମଣି ରାଉତଙ୍କର ବିଂଶ ଶ୍ରାଦ୍ଧବାର୍ଷିକୀ ସ୍ଥାନୀୟ ଅମର ଉଦ୍ୟାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରତିଭା ପୂଜା ସଂସଦ ଆୟୋଜନ କରିଥିଲାବେଳେ ସଂସଦର ସଭାପତି ପ୍ରଦୀପ ମହାନ୍ତି ସଭାପତିତ୍ୱ କରିଥିଲେ। ଅତିଥି ଭାବେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେଉରା, ଅଲେଖ କୁମାର ଜେନା, ଜିଲ୍ଲା ପରିଷଦର ସଭାନେତ୍ରୀ ଲିଲିତା ଦାସ, ଜିଲ୍ଲା ବିଜେଡି ସଭାପତି ଶିବ ପ୍ରସାଦ ବଳ, ସିପିଏମ୍ ନେତା ତଥା ଆଇନଜୀବୀ ଆଶିଷ ସେନାପତି ପ୍ରମୁଖ ଯୋଗଦାନ କରି ବିଦାୟୀ ଆତ୍ମାଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ ସହ ତାଙ୍କ ବିଧାୟକ ସମୟରେ ଖାଲି କେନ୍ଦ୍ରାପଡ଼ା ନୁହେଁ ସମଗ୍ର ଜିଲ୍ଲାରେ କିଭଳି ଭାବେ ସାମୂହିକ କାମ ସବୁ କରିଥିଲେ ତାହା ବର୍ଣ୍ଣନା କରିଥିଲେ। ପ୍ରାରମ୍ଭରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା ପରେ ଗରଦପୁରର ବଟକୃଷ୍ଣ ପାଢ଼ୀ ତାଙ୍କ ଉପରେ ଏକ କବିତା ପାଠ କରିଥିଲେ। ସଂଯୋଜକ ମୁକ୍ତାର ଖାଁ ଧନ୍ୟବାଦ ଦେଇଥିଲେ। ପ୍ରଫୁଲ୍ଲ ଦାସ ସ୍ୱାଗତ ଭାଷଣ ଓ ଧନ୍ୟବାଦ୍ ଦେଇଥିଲେ। ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣରୁ ତାଙ୍କୁ ଭଲ ପାଉଥିବା ବ୍ୟକ୍ତି ବିଶେଷ ଏହି କାର୍ଯ୍ୟରେ ଯୋଗଦାନ କରି ତାଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ତାଙ୍କ ସ୍ମୃତିରେ ଯୁବ ଶିକ୍ଷାବିତ୍ ଅମ୍ରିନ୍ ସାହଦତ୍‌କୁ ଚଳିତ ବର୍ଷ ସ୍ୱର୍ଗତ୍ ଇନ୍ଦ୍ରମଣି ରାଉତ ସ୍ମାରକୀ ସମ୍ମାନ -୨୦୨୬ ପ୍ରଦାନ କରାଯାଇଥିଲା। ଗରାପୁରସ୍ଥିତ ରିସ୍ୱା ଆଶ୍ରମରେ ପିଲାମାନଙ୍କୁ ପ୍ରସାଦ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଜେଡିର ଯୁବନେତା ରାଜେଶ ପଣ୍ଡା, ପ୍ରଦୀପ୍ତ ମହାନ୍ତି, ଆଲୋକ ସାହୁ, କମଳାକାନ୍ତ ବେହେରା, ନାରାୟଣ ସାହୁ, ଗୋଲଖ ପଢିଆରୀ, ଶରତ କୁମାର ବେଉରା, ରମାକାନ୍ତ ଦାସ, ସାମ୍ବାଦିକ ପରେଶ ଦାସ ଏବଂ ଚିତ୍ତରଞ୍ଜନ ଦାସ, କବି ଅବନ୍ତୀ ବେହେରା, ଆଡ୍‌ଭୋକେଟ୍ ଅକ୍ଷୟ କୁମାର ମହାନ୍ତି, ଜଗତ୍‌ଜୀବନ ରାଉତରାୟ, ଆଦିକନ୍ଦ ବରାଳ, ସମାଜସେବୀ ଦେବେନ୍ଦ୍ର ଦାସ (ମଣ୍ଟୁ), ସହର କଂଗ୍ରେସ ସଭାପତି ଦିଲ୍ଲୀପ ପ୍ରଧାନ, ଅଧ୍ୟାପକ ଅଜୟ ସାମଲ, ବୈଷ୍ଣବ ପ୍ରଧାନ, ରଣଧୀର ଜେନା, ଶୈଳବାଳା ସାମଲ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ୍ ରାଉତଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଡେରାବିଶ ଉଚ୍ଚବିଦ୍ୟାଳୟରେ ବିଜ୍ଞାନ ମେଳା



**ଗାନ୍ଧୋଳ,୯।୨/ଏନ୍‌ଏନ୍‌ଏସ୍:** ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ଡେରାବିଶ ଉଚ୍ଚବିଦ୍ୟାଳୟ ପରିସରରେ ଅଗସ୍ତ୍ୟା ଇଣ୍ଟରନାସ୍‌ନାଲ୍ ଫାଉଣ୍ଡେସନ୍ ପକ୍ଷରୁ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନ ମେଳାକୁ ଗୋଲରାହାଟ ସରପଞ୍ଚ କାଶିନାଥ କାଣ୍ଡି ମୁଖ୍ୟଅତିଥିଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଟିକିଲି କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଶ୍ରୀ କାଣ୍ଡିଙ୍କ ସମେତ ସହକାରୀ ଜିଲ୍ଲା ଶିକ୍ଷାଧିକାରୀ ସ୍ୱାଗତିକା ସ୍ୱାଇଁ, ପ୍ରଶାନ୍ତି ବାଲ ଭାରତୀ ଟ୍ରଷ୍ଟ ପକ୍ଷରୁ ସୁଦୀପ ପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଗସ୍ତ୍ୟା ଫାଉଣ୍ଡେସନ୍ ପକ୍ଷରୁ ପ୍ରଭାସ କୁମାର ବେହେରା ଓ ସୌମ୍ୟରଞ୍ଜନ ଶନ୍ତିଙ୍କ ସଂଯୋଜନାରେ ଷଷ୍ଠରୁ ନବମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଋତୁ ପରିବର୍ତ୍ତନ, ଚନ୍ଦ୍ର ଗ୍ରହଣ, ସୂର୍ଯ୍ୟପରାଗ, ମାଇକ୍ରୋସ୍କୋପ, ଶରୀରର ଆଭ୍ୟନ୍ତରୀଣ ଅଙ୍ଗ, ସୌରଶକ୍ତି ଇତ୍ୟାଦି ୩୫ଟି ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା। ପରେ ପ୍ରକଳ୍ପ ପ୍ରଦର୍ଶନ କରିଥିବା ସମସ୍ତ କୁନି କୁନି ବୈଜ୍ଞାନିକମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଶିକ୍ଷୟିତ୍ରୀ ଇନ୍ଦିରା ପ୍ରିୟଦର୍ଶିନୀ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ମଦନ ମୋହନ ନାୟକ ଧନ୍ୟବାଦ୍ ଦେଇଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ସୁଶ୍ରୀ ସମୀକ୍ଷା, ବିଜ୍ଞାନ ଶିକ୍ଷକ ଗୌତମ କୁମାର ବେହେରା, ରାକେଶ କୁମାର ମଲ୍ଲିକ, ରମାକାନ୍ତ ସେନାପତି, ସରୋତମ ସେଠୀଙ୍କ ସମେତ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅନ୍ୱେଷଣ ପରିବାର ପକ୍ଷରୁ ନରନାରାୟଣ ସେବା



**ଯାଜପୁର,୯।୨/ଏନ୍‌ଏନ୍‌ଏସ୍:** ଯାଜପୁର ଜିଲ୍ଲାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ୍‌ର କୋର କମିଟିର ଅଧକ୍ଷ ସେକ୍ ଅବଦୁଲ୍ ସାଜିଦ (ଗ୍ଲନ୍ଦ ବାବୁ)ଙ୍କ ଜନ୍ମଦିନ ଅବସରରେ ଅନ୍ୱେଷଣ ପରିବାର ପକ୍ଷରୁ ମେଡିକାଲ ଛକ ନିକଟରେ ପଥଚାରୀମାନଙ୍କୁ ଅନ୍ନ ଯଜ୍ଞମାଧ୍ୟମରେ ନାରନାରାୟଣ ସେବା ପ୍ରଦାନ କରାଯାଇଛି। ଏହି ମହତ୍ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଓ ପ୍ରବଚକ ଅଧିକାରୀ ନବକିଶୋର ଦାସ, ସମାଜସେବୀ ଟୁନି ସାହୁ, ସମାଜସେବୀ ସ୍ୱଦେଶ ପଟ୍ଟନାୟକ, କାଉନସିଲର ମାନସଗୋବିନ୍ଦ ପତି, ପ୍ରଥମେ ଶୁଭାରମ୍ଭ କରି ପଥଚାରୀମାନଙ୍କୁ ଖାଦ୍ୟ ବଣ୍ଟନ କରିଥିଲେ। ପ୍ରକାଶ ଥାଉ କି ଅନ୍ୱେଷଣ ଥିଏଟର ଗ୍ରୁପ ତାର ପ୍ରତ୍ୟେକ ସଦସ୍ୟ / ସଦସ୍ୟା ଓ କର୍ମକର୍ତ୍ତାମାନଙ୍କର ଜନ୍ମଦିନ ପାଳନ କରିଥାଏ। ତା' ମଧ୍ୟରୁ ବିଭିନ୍ନ ସମୟରେ ବିଭିନ୍ନ ମହତ୍ କାର୍ଯ୍ୟକ୍ରମ ହାତକୁ ନେଇଥାଏ। ଯଥା କେତେବେଳେ ରକ୍ତଦାନ ଶିବିର, ବୃକ୍ଷରୋପଣ, ବୃଦ୍ଧାଶ୍ରମରେ ଅନ୍ତେବାସୀମାନଙ୍କୁ ଖାଦ୍ୟ ଓ ବସ୍ତ୍ର ବଣ୍ଟନ, ଅସହାୟ ଲୋକମାନଙ୍କୁ ଶୀତବସ୍ତ୍ର ପ୍ରଦାନ ପ୍ରମୁଖ କାର୍ଯ୍ୟକ୍ରମ ହାତକୁ ନେଇଥାଏ। ଆଜିର ଏହି ନରନାରାୟଣ ସେବା ମହତ୍ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ର, ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ, ଉପସଭାପତି ସୁବାସ ଚନ୍ଦ୍ର ଦେବତା, ସହ ସମ୍ପାଦିକା ଶକୁନ୍ତଳା ବେହେରା, କୋର୍ କମିଟିର ସଦସ୍ୟ ଭରତ ଚନ୍ଦ୍ର ବେହେରା, ରବିନାରାୟଣ ରାଉତ, ଅଶୋକ କୁମାର ପାଣିଗ୍ରାହୀ, ଲକ୍ଷ୍ମୀପ୍ରିୟା ରାଉତରାୟ, ସୂର୍ଯ୍ୟକାନ୍ତ ସେଠୀ, କୋଷାଧକ୍ଷ ଜିତେନ୍ଦ୍ର ନାଥ ରାଉତ, ସହ ସଙ୍ଗଠନ ସମ୍ପାଦକ ତାରାକାନ୍ତ ମଲ୍ଲିକ, ବରିଷ୍ଠ ସଦସ୍ୟ ଶିଶିର କୁମାର ମହାପାତ୍ର, ରଜତ କୁମାର ମିଶ୍ର, ଗୋପାଳ ଚନ୍ଦ୍ର ବେହେରା, ଶ୍ୟାମସୁନ୍ଦର ନାୟକ, କିଶୋର କୁମାର ଦାସ, ଗୌତମ ମହାରଣ୍ୟ, ସଦସ୍ୟ ମାମାଲୀ ସାହୁ, ରଶ୍ମି ସାହୁ, ମୁସ୍ତରି ବେଗମ, ଅନୱାର ଅଲ୍ଲୀ, ସରଫରାଜ୍ ଖାଁ ପ୍ରମୁଖ ସଦସ୍ୟ / ସଦସ୍ୟା ଓ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସମ୍ପାଦକ ଅଭିମନ୍ୟୁ ମିଶ୍ର ସମସ୍ତ କାର୍ଯ୍ୟକ୍ରମର ତଦାରଖ କରିଥିଲେ।

## ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି



**କଣିହାଁ,୯।୨/ଏନ୍‌ଏନ୍‌ଏସ୍:** କଣିହାଁ ବ୍ଲକ ପବିତ୍ର ମୋହନ ସଭାଗୃହଠାରେ ଅନୁଗୁଳ ଜିଲ୍ଲାପାଳ ଅଦ୍ଧାଲ ଏମ ଅଖତରଙ୍କ ଉପସ୍ଥିତିରେ ମୋଟ ୩୪ଟି ଅଭିଯୋଗ ଗ୍ରହଣ କରାଯାଇ ଶୁଣାଣି ହୋଇଛି। ସେଥିରୁ ବ୍ୟକ୍ତିଗତ ଅଭିଯୋଗ ୨୮ ଟି ଓ ଗ୍ରାମ୍ୟଭିତ୍ତିକ ୬ଟି ଥିଲା। ଶିବିର ସ୍ଥଳରେ ତୁରନ୍ତ ୮ଟି ଅଭିଯୋଗର ଫଏସଲା କରାଯାଇଥିଲା। ଜିଲ୍ଲା ରେଡ୍‌କ୍ରସ୍ ପାଣ୍ଠିରୁ ତିନି ଜଣଙ୍କୁ ଯଥା ବଜ୍ରକୋଟ ପଞ୍ଚାୟତର ଭକ୍ତ ବନ୍ଧୁ ଧୀର ଓ ଯୋଗୀନାଥ ପ୍ରଧାନ ଉଭୟଙ୍କୁ କର୍କଟ ରୋଗର ଚିକିତ୍ସା ନିମନ୍ତେ ୭୫୦୦ ଟଙ୍କା ଲେଖାଏଁ ଏବଂ ପରାବିଲ ଗହମ ଗ୍ରାମର ଅବନ୍ତୀ ନାଏକଙ୍କୁ ଜୀବିକା ନିର୍ବାହ ନିମନ୍ତେ ୭୫୦୦ ଟଙ୍କାର ଚେକ ପ୍ରଦାନ କରାଯାଇଥିଲା। ଅଭିଯୋଗ ମୁଖ୍ୟତଃ ଗ୍ରାମ୍ୟ ସମସ୍ୟା, କଳକାରଖାନା ଦ୍ୱାରା ଅଧିଗୃହୀତ କ୍ଷତିଗ୍ରସ୍ତ ପ୍ରଜାଙ୍କ ନିଯୁକ୍ତି, ଥଇଥାନ ସମସ୍ୟା, ଜମିଜମା ସମ୍ବନ୍ଧୀୟ, ରାସ୍ତାଘାଟ ମରାମତି ଏବଂ ବ୍ୟକ୍ତିଗତ ସମ୍ବନ୍ଧରେ ଆସିଥିଲା। ଜିଲ୍ଲାପାଳ ଉକ୍ତ ଦିନ କଣିହାଁ କଲେଜ ସ୍ଥାନାନ୍ତର ହେବାକୁ ଥିବା ଟାକୁଆ ଜାଗା ବୁଲି ଦେଖିଥିଲେ। ଏଥିରେ ଉପଆରକ୍ଷୀ ନୀରିକ୍ଷକ ସମୀର କୁମାର ପଣ୍ଡା, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ମହାନ୍ତ, ଉପଜିଲ୍ଲାପାଳ ତାଳଚେର ସମୀର କୁମାର ଜେନା, ବିଡିଓ ତ୍ରିବିକ୍ରମ କୁମୁରା, ତହସିଲଦାର ଚିନ୍ମୟ ଦାସ ଏବଂ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଦୋକାନ ଉପରେ ଟ୍ରକ ଚଢ଼ାଇ ହତ୍ୟା ଉଦ୍ୟମ, ଅଳ୍ପକେ ବର୍ତ୍ତିଲେ ଦୋକାନୀ

**ପାରାଦୀପ,୯।୨/ଏନ୍‌ଏନ୍‌ଏସ୍:** ଟ୍ରକ ମାଲିକ ତଥା ଡ୍ରାଇଭରଙ୍କ ଉନ୍ମତ୍ତ କାଣ୍ଡ ଦେଖିବାକୁ ମିଳିଛି। ସାମାନ୍ୟ ପାଟିତୁଣ୍ଡରୁ ଟ୍ରକ ଚଢ଼ାଇ ହତ୍ୟା କରିବାକୁ ଉଦ୍ୟମ ହୋଇଛି। ଦୋକାନ ଉପରେ ଚଢ଼ାଇ ଦେଇଛନ୍ତି ଟ୍ରକ୍। ଏଥିରେ ଅଳ୍ପକେ ବର୍ତ୍ତିଯାଇଛନ୍ତି ଦୋକାନୀ। ପାରାଦୀପ ଚଣ୍ଡିଖୋଲ ଜାତୀୟ ରାଜପଥର ଜଗତି ଗଡ଼ାରେ ଘଟିଯାଇଛି ଏପରି ଲୋମଟାଙ୍କୁରା ଘଟଣା। ଦିନ ଦିପହରେ ଟ୍ରକ ଡ୍ରାଇଭର ଘଟାଇଛନ୍ତି ଏମିତି କାଣ୍ଡ। ପାର୍ଶ୍ୱ ଦୋକାନୀ ସହ ପୁରୁଣା ଘଟଣାକୁ ନେଇ ଝଗଡ଼ା କରୁ କରୁ ହଠାତ୍ ରାଗିଗଲା ଟ୍ରକ ଡ୍ରାଇଭର। କହିଲା ତୋ ଉପରେ ଟ୍ରକ ଚଢ଼ାଇ ମାରିଦେବି। ଜୀବନରୁ ଶେଷ କରିଦେବି। ଏପରି ଧମକ ଦେଇ ଟ୍ରକ ଉପରକୁ ଉଠିଗଲା। କେହି କିଛି ବୁଝିବା ଆଗରୁ ଘୁଁ ଘୁଁ କରି ଟ୍ରକ ଚକା ତଳେ ଦୋକାନୀକୁ ଚାପି ମାରି ଦେବାକୁ ଟ୍ରକ୍ ମଡ଼ାଇନେଲା। ପ୍ରାଣ ବିକଳରେ ଦୋକାନୀ ତପନ ନାୟକ ଦୌଡ଼ିଲା ଦୋକାନ ଭିତରକୁ। ରାଗରେ ହିତାହିତ ଜ୍ଞାନ ଭୁଲି ଯାଇଥିବା ଟ୍ରକ



ଡ୍ରାଇଭର ଦୋକାନ ଉପରକୁ ଚଢ଼ାଇ ଦେଲା ଟ୍ରକ। ନିମିଷକେ ଭାଙ୍ଗି ଚୁରମାର ହୋଇଗଲା ଦୋକାନ। ହେଲେ ଅଳ୍ପକେ ବଞ୍ଚିଗଲେ ଦୋକାନୀ। ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା ପାରାଦୀପ ଲକ୍ ଥାନା ପୁଲିସ। ଡ୍ରାଇଭରକୁ ଖୋଜିଲେ। କିନ୍ତୁ ଘଟଣା ଘଟାଇ ସାରିବା ପରେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା ଡ୍ରାଇଭର ହଳିଆ। ଟ୍ରକ ଜବତ କରି ଥାନାକୁ ନେଇଛି ପୁଲିସ। ଗିରଫ କରିବାକୁ ଖୋଜୁଛି ଡ୍ରାଇଭର ତଥା ମାଲିକ ହଳିଆକୁ।

## 'କ୍ରୀଡ଼ା ମାନସିକ ଓ ଶାରୀରିକ ବିକାଶ ଘଟାଏ'



**ଧର୍ମଶାଳା,୯।୨/ଏନ୍‌ଏନ୍‌ଏସ୍:** ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅନ୍ତର୍ଗତ ଅନନ୍ତ କୁମାରୀ ଗାର୍ଲସ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅଭିମନ୍ୟୁ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲା ମାଧ୍ୟମକ ଶିକ୍ଷକ ସଂଘର ସମ୍ପାଦକ ପବିତ୍ର ମୋହନ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଧର୍ମଶାଳା ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ଡକ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ କ୍ରୀଡ଼ା ଛାତ୍ରଛାତ୍ରୀଙ୍କ ମାନସିକ ଓ ଶାରୀରିକ ବିକାଶ ଘଟାଇଥାଏ ବୋଲି କହିଥିଲେ। ସୁଦାମ ଚରଣ ପଣ୍ଡା, ବନମାଳୀ ମହାରଣା, ଆନନ୍ଦ କିଶୋର ଜେନା, ହରିହର ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ସୁଜାତା ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ମମତା ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ପୂର୍ଣ୍ଣିମା ପାଢ଼ୀ ସୂଚନା ପ୍ରଦାନ କରିଥିଲେ। ଏହି କ୍ରୀଡ଼ା ଉତ୍ସବରେ ବିଭିନ୍ନ କ୍ରୀଡ଼ା ସହିତ ବକ୍ତୃତା, ଚିତ୍ରାଙ୍କନ, କବିତା ଲିଖନ ଓ ସାଧାରଣ ଜ୍ଞାନ ପରୀକ୍ଷା କରାଯାଇଥିଲା। ଏହି କ୍ରୀଡ଼ାରେ ଛାତ୍ରୀ ପ୍ରିୟଙ୍କା ରାମ ଚାମ୍ପିୟନ ହୋଇଥିଲେ। ଶିକ୍ଷୟିତ୍ରୀ ସତ୍ୟଭାମା ମହଲା ଧନ୍ୟବାଦ ଦେଇଥିଲେ।

## ଫଳ ବ୍ୟବସାୟୀଙ୍କ ପରଲୋକ

**ପାଟକୁରା,୯।୨/ଏନ୍‌ଏନ୍‌ଏସ୍:** ଦୀର୍ଘ ୪୦ ବର୍ଷ ହେଲା ପାଟକୁରା, ନୂଆପଡ଼ା, ଆଖୁଆ, ଗରଦପୁର ଆଦି ଅଞ୍ଚଳରେ ବିଭିନ୍ନ ପ୍ରକାର ଫଳ ସହ ଭୋଗ ସାମଗ୍ରୀ ବିକ୍ରି କରି ଜୀବିକା ନିର୍ବାହ କରୁଥିବା ଅଇଁଠା ନନା ଓରଫ ଅନନ୍ତ ପାଣିଙ୍କର ସୋମବାର ସକାଳେ ଦେହାନ୍ତ ହୋଇଛି। ସେ କିଛିଦିନ ହେଲା ଗୁରୁତର ଅସୁସ୍ଥ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ଘର ପାଟକୁରା ଥାନା ତଥା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ମାଣ୍ଡିଆ ଗ୍ରାମରେ। ମୃତ୍ୟୁ ବେଳକୁ ତାଙ୍କୁ ୬୮ ବର୍ଷ ବୟସ ହୋଇଥିଲା। ପାଟକୁରା ବଜାରରେ ସେ ଦୀର୍ଘ ଦିନ ହେଲା ଫଳ ଦୋକାନ କରି ବ୍ୟବସାୟ କରୁଥିବାରୁ ପାଟକୁରା ବଜାର କମିଟି ପକ୍ଷରୁ ତାଙ୍କ ସମ୍ମାନାର୍ଥେ ମଙ୍ଗଳବାର ଦିନ ବଜାର ବନ୍ଦ ରହିବ ବୋଲି ଜଣାଯାଇଛି। ଚିତ୍ରୋତ୍ପଳା ନଦୀତଟରେ ତାଙ୍କର ଶବଦାହ କରାଯାଇଛି। ବଡ଼ପୁଅ ଜୀବନ ମୁଖାଗ୍ନି ଦେଇଥିଲେ। ତାଙ୍କର ବିଧବା ସ୍ତ୍ରୀଙ୍କ ସମେତ ଦୁଇ ପୁଅ ଅଛନ୍ତି।

## ଆଡ୍‌ଭୋକେଟ ଶୁଭେନ୍ଦୁ ପ୍ରଧାନଙ୍କ ଶୋକସଭା

**ଅନୁଗୁଳ,୯।୨/ଏନ୍‌ଏନ୍‌ଏସ୍:** ଆଜି ପୂର୍ବାହ୍ନରେ ଅନୁଗୁଳ ଓକିଲ ସଂଘ ପକ୍ଷରୁ ସ୍ୱର୍ଗତ୍ ଆଡ୍‌ଭୋକେଟ୍ ଶୁଭେନ୍ଦୁ କୁମାର ପ୍ରଧାନଙ୍କ ବିୟୋଗରେ ଏକ ଶୋକସଭା ସଂଘର ସଭାପତି ହିମାଂଶୁ ଭୂଷଣ ସାମଲଙ୍କ ସଭାପତିତ୍ୱରେ ଅଦାଲତ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଜି ପ୍ରଥମେ ସମସ୍ତ ଉପସ୍ଥିତ ଓକିଲ ଦଣ୍ଡାୟମାନ ପୂର୍ବକ ସ୍ୱର୍ଗତ ଆତ୍ମାର ସଦଗତି ନିମିତ୍ତ ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ। ବିଭିନ୍ନ ବକ୍ତା ସ୍ୱର୍ଗତ ପ୍ରଧାନଙ୍କ ବିଭିନ୍ନ କୃତିତ୍ୱ ଉପରେ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ପ୍ରଧାନ ଜଣେ ଅମାୟିକ, ସରଳ, ନିଷ୍କପଟ, ପରୋପକାରୀ ଓ ନିର୍ଭୀକ ଓକିଲ ଭାବରେ ବେଶ ସୁନାମ ଅର୍ଜନ କରିଥିଲେ। ସ୍ୱର୍ଗତ ପ୍ରଧାନ ନିଜେ ନିଜର ପରିଚୟ ସୃଷ୍ଟି କରିଥିଲେ। ଶୋକସଭାରେ ସଂଘର ବରିଷ୍ଠ ଓକିଲ ସୁବାସ ଚନ୍ଦ୍ର ମିଶ୍ର, ଅକ୍ଷୟ କୁମାର ଦାସ, ପରମାନନ୍ଦ ମିଶ୍ର, ବସନ୍ତ କୁମାର ଦାସ, ପ୍ରମୋଦ କୁମାର ପ୍ରଧାନ, ମହେନ୍ଦ୍ର କୁମାର ବସ୍ତିଆ, ସୁଶୀଲ କୁମାର ପ୍ରଧାନ, ସୀତାଂଶୁ ଶେଖର ନାଥ, ପ୍ରଦୀପ କୁମାର ଦେବତା, ଜିତେନ୍ଦ୍ର କୁମାର ସାହୁ,



ମମତା ପଟ୍ଟନାୟକ, ଦିଲ୍ଲୀପ କୁମାର ଦାସ ପ୍ରମୁଖ ସ୍ୱର୍ଗତ ଆତ୍ମାର ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ପ୍ରତାପ ଚନ୍ଦ୍ର ନାଏକ, ସମ୍ପାଦକ ଧ୍ରୁବଚରଣ ସାହୁ, ସହସମ୍ପାଦକ ପୁରୁଷୋତ୍ତମ ନାଏକ, କୋଷାଧକ୍ଷ ପ୍ରଦୀପ କୁମାର ସେଠୀ, ସାଂସ୍କୃତିକ ସମ୍ପାଦିକା ଜ୍ୟୋତ୍ସ୍ନା ରାଣୀ ସାହୁ, ସରକାରୀ ଓକିଲ ଭବାନୀ ଶଙ୍କର ପ୍ରଧାନ, ଦୀପକ ସାହୁ, ଅଶୋକ ପଟ୍ଟନାୟକ, ଗୋପାଳ ନାଥ ପ୍ରମୁଖ ଶତାଧିକ ଓକିଲ ଉପସ୍ଥିତ ଥିଲେ। ସକାଳେ ସ୍ୱର୍ଗତ ପ୍ରଧାନଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ କୋର୍ଟ ପରିସରକୁ ଅଣାଯାଇ ସମ୍ମାନ ପ୍ରଦର୍ଶନ ସହ ଏକ ଶୋକାକୁଳ ପରିବେଶ ମଧ୍ୟରେ ଶତାଧିକ ଓକିଲ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ। ଅନୁଗୁଳ ବିଧାୟକ ପ୍ରତାପ କୁମାର ପ୍ରଧାନ, ସମାଜସେବୀ ବିପ୍ଳବ ଜେନା, ପୂର୍ବତନ ନଗରପାଳ ଶକ୍ତି ପ୍ରସାଦ ପଟ୍ଟନାୟକ ପ୍ରମୁଖ କୋର୍ଟ ପରିସରରେ ଉପସ୍ଥିତ ରହି ତାଙ୍କ ମରଶରୀରରେ ମାଲ୍ୟାର୍ପଣ ସହ ଶେଷ ସମ୍ମାନ ପ୍ରଦର୍ଶନ କରିଥିଲେ।

# ମଦ୍ୟପ ଶିକ୍ଷକଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ

**ପରଜଙ୍ଗ,୯।୨/ଏନ୍‌ଏନ୍‌ଏସ୍:** ଗତ ଶନିବାର କୁମୁଶି ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ଶିକ୍ଷକଙ୍କ କର୍ମଶାଳାରେ କୁମୁଶୀ ସେବାଶ୍ରମ ବିଦ୍ୟାଳୟର କାର୍ଯ୍ୟରତ ପ୍ରଧାନଶିକ୍ଷକ ଶଙ୍କର୍ଷଣ ପ୍ରଧାନ ମଦ୍ୟପାନ କରି ଶିକ୍ଷକ, ବ୍ଲକ ଶିକ୍ଷାଧିକାରୀ ଏବଂ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଅସଭ୍ୟ ଭାଷାରେ ଗାଳି କରିବା ପରେ ତାଙ୍କ ନାମରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଏ ସମ୍ପର୍କରେ ଜିଲ୍ଲା କଲ୍ୟାଣ ବିସ୍ତାର ଅଧିକାରୀ ରୁଦ୍ର ପ୍ରସନ୍ନ ପରିଜା କହିଛନ୍ତି ଯେ ତାଙ୍କ ବିରୋଧରେ ଦରମା ବନ୍ଦ କରିବା ସହିତ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ସେ ଆଜି ବିଦ୍ୟାଳୟକୁ ଯାଇ ତଦନ୍ତ କରିଥିଲେ। ଜିଲ୍ଲାପାଳଙ୍କୁ ରିପୋର୍ଟ ଦିଆଯିବ ଏବଂ ଜିଲ୍ଲାପାଳ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବେ ବୋଲି ସୂଚନା ଦେଇଛନ୍ତି। ପରବର୍ତ୍ତୀ ସମୟରେ ଶିକ୍ଷକଙ୍କ ବିରୋଧରେ ଅନ୍ୟ ଏକ ଅଭିଯୋଗ ଜାଣି ଜିଲ୍ଲା କଲ୍ୟାଣ ବିସ୍ତାର ଅଧିକାରୀଙ୍କୁ ଶିକ୍ଷକ କାଳେ ନକଲି ସାର୍ଟିଫିକେଟ ଦେଇ ଚାକିରି କରିଛନ୍ତି ବୋଲି ଶୁଣିବାକୁ ମିଳୁଛି ବୋଲି ପଚରା ଯାଇଥିଲା। ସେ ଉତ୍ତର ଦେଇଥିଲେ ଯେ ଆମେ ତ କହିପାରିବୁନି, ସେ ୧୯୯୯ ମସିହାରୁ ଚାକିରି କରିଛନ୍ତି। ତା' ବିଷୟରେ ଆରଡିସିଙ୍କ ପାଖରେ ଥିବ ବୋଲି କହିଛନ୍ତି। ଆମେ ତାର ପ୍ରମାଣ ନେଇ ଆରଡିସିଙ୍କ ପାଖରେ ଦେଖାଇଲା ପରେ ସେଠାରେ ସଠିକ୍ ବିଚାର କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆମେ ତାହାର କୌଣସି କାର୍ଯ୍ୟାନୁଷ୍ଠାନ ନେଇ ପାରିବୁ ନାହିଁ ବୋଲି କହିଥିଲେ। ପରଜଙ୍ଗ ଆଇଆଇସି ଧୀରେନ୍ କୁମାର ବେହେରାଙ୍କ କହିବା କଥା ହେଲା ତାଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇଛି। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମଦ୍ୟପ ଶିକ୍ଷକଙ୍କ ପ୍ରକୃତ ନାମ ହେଲା ନରହରି ସାହୁ, ପିତା ଉଛବ ସାହୁ। ତାଙ୍କ ଘର ଓଡ଼ାପଡ଼ା ବ୍ଲକ ବାଙ୍ଗୁର ସିଂ ଗ୍ରାମରେ। ସେ ଶଙ୍କର୍ଷଣ ପ୍ରଧାନଙ୍କ ନାମରେ କୁମୁଷି ସେବାଶ୍ରମରେ ପ୍ରଧାନ ଶିକ୍ଷକ ଅଛନ୍ତି। ଯାହାଙ୍କ ସାର୍ଟିଫିକେଟ୍‌ରେ ସେ ଚାକିରୀ କରିଛନ୍ତି, ସେ ହେଲେ ବୋରାପଦା ଗ୍ରାମର ଶଙ୍କର୍ଷଣ ପ୍ରଧାନ। ସେ ଓଡ଼ାପଡ଼ା ଗ୍ରାମ କଳାଙ୍ଗ ଗ୍ରାମରେ ଶିକ୍ଷକ ଥିବା ବେଳେ ସମାନ ନାମରେ ସମାନ ସାର୍ଟିଫିକେଟ ଦେଇ କୁମୁଷି ସେବାଶ୍ରମ ସ୍କୁଲରେ ଶିକ୍ଷକତା କରୁଛନ୍ତି। ସମାନ ସାର୍ଟିଫିକେଟ ଏବଂ ସମାନ ନାମରେ କିପରି ଦୁଇ ଜଣ ହେଲେ ସନ୍ଦେହ ହେବାରୁ ଖୋଳତାଡ଼ କରିବାରୁ ଜଣାପଡ଼ିଛି ଯେ କୁମୁଷୀ ସେବାଶ୍ରମ ସ୍କୁଲର ପ୍ରଧାନଶିକ୍ଷକ ଶଙ୍କର୍ଷଣ ପ୍ରଧାନଙ୍କ ଅସଲି ନାମ ହେଉଛି ନରହରି ସାହୁ। ଏହାକୁ ଜିଲ୍ଲାପାଳ ଗୁରୁତର ସହ ନେଇ ବିଚାର କଲେ ଶିକ୍ଷା ବିଭାଗ ପ୍ରତି ଲୋକଙ୍କ ଆସ୍ଥା ବୃଦ୍ଧିପାଇବ ବୋଲି ସାଧାରଣରେ ଆଲୋଚିତ ହେଉଛି।

## ଜିଲ୍ଲାସ୍ତରୀୟ ସ୍କାଉଟ୍ସ ଓ ଗାଇଡ୍ସ କ୍ୟାମ୍ବୋରୀ ଉଦ୍‌ଘାଟିତ

**ଯାଜପୁର,୯।୨/ଏନ୍‌ଏନ୍‌ଏସ୍:** ଯାଜପୁର ସଦର ବ୍ଲକ ଚଇନ ପୁର ପଞ୍ଚାୟତ ସ୍ଥିତ ସୁଦର୍ଶନ ପାଢ଼ୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ସ୍କାଉଟ୍ ଗାଇଡ୍ସ କ୍ୟାମ୍ବୋରୀ ୨୦୨୬ ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବକୁ ମୁଖ୍ୟଅତିଥି ଯାଜପୁର ବିଧାୟିକା ସୁଜାତା ସାହୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଭାରତ ସ୍କାଉଟ୍ ଗାଇଡର ମୁଖ୍ୟ କମିଶନର ତଥା ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ ସଭାପତିତ୍ୱ କରିଥିଲେ। ଜିଲ୍ଲା ସ୍କାଉଟ୍ ଓ ଗାଇଡ୍ସର ସମ୍ପାଦକ ତଥା ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସବୀତା ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତଥା କ୍ୟାମ୍ବୋରୀ ସଂଗଠନର ସମ୍ପାଦକ ଆଲୋକ କୁମାର ବନ୍ଧ, ଦଶରଥପୁର ବ୍ଲକର ମଣ୍ଡଳ ଶିକ୍ଷାଧିକାରୀ ଶାନ୍ତନୁ କୁମାର ମଲ୍ଲିକ, ମଣ୍ଡଳ ଶିକ୍ଷାଧିକାରୀ ତଥା ଜିଲ୍ଲା କମିଶନର୍ ଦେବିଲାଲ୍ ମଲ୍ଲିକ, ଜିଲ୍ଲା କମିଶନର ସ୍କାଉଟ୍ ରବି ପ୍ରସାଦ ସାମଲ, ଜିଲ୍ଲା ମୁଖ୍ୟାଳୟ କମିଶନର ବିଶ୍ୱମ୍ଭର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଯୁଗ୍ମ ସମ୍ପାଦକ ସବିତା ନାୟକ ବାର୍ଷିକ ବିବରଣୀ ପାଠ କରି ଥିଲେ। ଜହିରୁଦ୍ଦିନ୍ ଖାଁ, ଉପେନ୍ଦ୍ର ସାହୁ, ଜିଲ୍ଲା ସଂଯୋଜକ ଅବିନାଶ ଖୁଣ୍ଟିଆ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରି ଥିଲେ। ନିରଞ୍ଜନ ସାମଲ୍ ଓ ନିରଞ୍ଜନ ଶତପଥୀ ସଭା ପରିଚାଳନା କରିଥିଲେ। ୬୦ ଜଣ ସ୍କାଉଟ୍ ମାଷ୍ଟର ଓ ଗାଇଡ୍ କ୍ୟାପଟେନ ଏବଂ ୬୫୦ରୁ ଉର୍ଦ୍ଧ୍ୱ ସ୍କାଉଟ୍ ଓ ଗାଇଡସ୍ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶେଷରେ ସୁଦର୍ଶନ ପାଢ଼ୀ ଉଚ୍ଚ ବିଦ୍ୟାଳୟ ଚଇନପୁରର ପ୍ରଧାନଶିକ୍ଷକ ଦାମୋଦର ମିଶ୍ର ଧନ୍ୟବାଦ୍ ଦେଇଥିଲେ।

# ଆଜିର ଇତିହାସ

- ୧୮୧୮-ରାମପୁର ଠାରେ ଇଂରେଜ ଓ ମରାଠାମାନଙ୍କ ମଧ୍ୟରେ ତୃତୀୟ ତଥା ଅନ୍ତିମ ଯୁଦ୍ଧ ହୋଇଥିଲା।
- ୧୮୪୬-ସୋବରାଓଁ ଯୁଦ୍ଧ ଆରମ୍ଭ ହୋଇଥିଲା।
- ୧୯୨୧-ଗାନ୍ଧିଜୀ କାଶୀ ବିଦ୍ୟାପୀଠର ଉଦ୍‌ଘାଟନ କରିଥିଲେ।
- ୧୯୩୧-ନୂଆଦିଲ୍ଲୀ ଦେଶର ରାଜଧାନୀ ହେବାର ମାନ୍ୟତା ପାଇଥିଲା।
- ୨୦୦୯-ପ୍ରସିଦ୍ଧ ଗାୟକ ଭୀମସେନ୍ ଯୋଶୀ 'ଭାରତ ରତ୍ନ' ଦ୍ୱାରା ସମ୍ମାନିତ ହୋଇଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା,ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** - ଦିନଟି ମିଶ୍ରିତ ଫଳଦାୟୀ। ବ୍ୟାପାର-ଧନ୍ଦା ଖୁବ୍ ଭଲ ଚାଲିବ। ଆର୍ଥିକ ସ୍ଥିତି ମଜଭୁତ ରହିବ। ଆକସ୍ମିକ ଧନ ଲାଭ ଯୋଗ ଅଛି। ମନଇଚ୍ଛା ସ୍ଥାନାନ୍ତରଣ କିମ୍ବା ପଦୋନ୍ନତି ଯୋଗ ରହିଛି।

**ବୃଷ** - ଦିନଟି ଶୁଭ ଫଳଦାୟୀ। ଗ୍ରହ-ନକ୍ଷତ୍ର ସ୍ଥିତି ଅନୁକୂଳ ରହିବ। ଭାଗ୍ୟ-ବୃଦ୍ଧିର ଯୋଗ ରହିଛି। କାରବାର ଖୁବ୍ ଭଲ ଚାଲିବ। ଧନ ଲାଭ ସ୍ଥିତି ବଢ଼ିଆ ରହିବ। ପରିବାରର ପରିବେଶ ଆନନ୍ଦମୟ ରହିବ।

**ମିଥୁନ** - ମିଶ୍ରିତ ଫଳଯୁକ୍ତ ଦିନଟିଏ। ବ୍ୟାପାରିକ ଗତିବିଧି ମଧ୍ୟମ ରହିବ। ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। କାର୍ଯ୍ୟଭାର ଅଧିକତା ରହିବ। ଅର୍ଥ ନେଣଦେଣ ଓ କୋର୍ଟ-କଚେରି ଠାରୁ ଦୂରରେ ରୁହନ୍ତୁ।

**କର୍କଟ** - ଦିନଟି ସାମାନ୍ୟ ରହିବ। ବ୍ୟାପାର-ଧନ୍ଦା ଭଲ ଚାଲିବ। କାର୍ଯ୍ୟଭାର ଅଧିକ ରହିପାରେ। ବାଣୀରେ ସଂଯମ ଜରୁରୀ। ଧାର୍ମିକ କାମରେ ଭାଗ ନେଇପାରନ୍ତି। ଈଶ୍ୱର ଭକ୍ତି ମନକୁ ଶାନ୍ତି ଦେବ।

**ସିଂହ** - କାରବାର ଖୁବ୍ ଭଲ ଚାଲିବ। ଧନ ଲାଭ ସ୍ଥିତି ରହିଛି। କାର୍ଯ୍ୟ ସଫଳତା ପାଇଁ ପରିଶ୍ରମ କରିବେ। ଅନାବଶ୍ୟକ ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରହିବ। ସ୍ୱାସ୍ଥ୍ୟକୁ ନେଇ ସତର୍କ ରହିବେ।

**କନ୍ୟା** - ଖୁବ୍ ଭଲ ଦିନଟିଏ। କାରବାର ପାଇଁ ବିସ୍ତାର କରିପାରନ୍ତି। କାର୍ଯ୍ୟକ୍ଷେତ୍ରର ବାତାବରଣ ଅନୁକୂଳ ରହିବ। ସହକର୍ମୀଙ୍କ ସହଯୋଗ ପାଇବେ। ଧନ ମିଳିପାରେ। ବିବାଦର ସମ୍ଭାବନା ରହିଛି।

**ତୁଳା** - କାର୍ଯ୍ୟକ୍ଷେତ୍ରର ବାତାବରଣ ଅନୁକୂଳ ରହିବ। ସଫଳତା ନପାଇ ମନ ବ୍ୟଥିତ ହେବ। ବ୍ୟାପାରରେ ସମସ୍ୟା ସମ୍ଭବ। ପରିବାରର ପରିବେଶ ଠିକ୍ ରହିବ। ବାଣୀରେ ନିୟନ୍ତ୍ରଣ ରହିବା ଜରୁରୀ।

**ବିଛା** - ଦିନଟି ଶୁଭ ଫଳଦାୟୀ। ବ୍ୟବସାୟରେ ଲାଭ ନିଶ୍ଚିତ। ପ୍ରମୋଶନ ଯୋଗ ରହିଛି। କାରବାରର ବିସ୍ତାର କରିବେ। କାର୍ଯ୍ୟଭାର ଅଧିକତା ରହିବ। ନିବେଶ ଲାଭଦାୟକ ହୋଇପାରେ।

**ଧନୁ** - ଦିନଟି ମିଶ୍ରିତ ଫଳଦାୟୀ। କାରବାରର ବିସ୍ତାର କରିପାରନ୍ତି। ନୂଆ କାମ ଆରମ୍ଭ ପାଇଁ ଦିନଟି ଶୁଭ। ଧନ ବ୍ୟୟ ରହିଛି। କାର୍ଯ୍ୟରେ ସଫଳ ହେବେ। ପରିଜନଙ୍କ ସହଯୋଗ ମିଳିବ।

**ମକର** - ସଫଳତା ପାଇଁ ଖୁସି ହେବେ। କଠିନ ପରିଶ୍ରମ କରିବେ। କାର୍ଯ୍ୟଭାର ଅଧିକ ରହିବ। କ୍ଷତି ଉଠେଇବାକୁ ପଡ଼ିପାରେ। ଚିନ୍ତା କରି ନିର୍ଣ୍ଣୟ ନିଅନ୍ତୁ। ରୋଜଗାରର ଅବସର ରହିଛି।

**କୁମ୍ଭ** - ଦିନଟି ସାମାନ୍ୟ ରହିବ। ଯୋଜନାରେ ସଫଳତା ପାଇବେ। ବ୍ୟସ୍ତତା ରହିବ। ଅଧିକାରୀଙ୍କ ସହଯୋଗ ପାଇବେ। ପୁରୁଣା କରଜରୁ ମୁକ୍ତି ମିଳିବ। ପ୍ରମୋଶନର ନୂଆ ମାର୍ଗ ଖୋଲିବ।

**ମୀନ** - କାମକାର୍ଯ୍ୟ ଖୁବ୍ ଭଲ ଚାଲିବ। ଧନ ଲାଭ ଯୋଗ ରହିଛି। କାର୍ଯ୍ୟକ୍ଷେତ୍ରରେ କାମ ଅଧିକ ରହିବ। କ୍ଳାନ୍ତ ଅନୁଭବ କରିବେ। ବାଣୀ ଉପରେ ନିୟନ୍ତ୍ରଣ ଜରୁରୀ। ସ୍ୱାସ୍ଥ୍ୟ ସାମାନ୍ୟ ରହିବ।

## ଶ୍ରୀମଦ୍ ଭଗବଦ୍‌ଗୀତା

ମାଂ ଚ ଯୋବ୍ୟଭିଚାରେଣ ଭକ୍ତିଯୋଗେନ ସେବତେ।
ସ ଗୁଣାନ୍‌ସମତୀତ୍ୟୈତାନ୍ ବ୍ରହ୍ମଭୂୟାୟ କଳ୍ପତେ। (୧୪/୨୬)



ଯେଉଁ ବ୍ୟକ୍ତି ଏକାନ୍ତ ଚିତ୍ତରେ ଓ ଭକ୍ତି ଭାବରେ ମୋତେ ଉପାସନା କରନ୍ତି ସେ ଏହି ଗୁଣତ୍ରୟକୁ ଅତିକ୍ରମ କରନ୍ତି ଯାହାଫଳରେ ବ୍ରହ୍ମଭାବ ଲାଭ କରିବାରେ ସମର୍ଥ ହୁଅନ୍ତି।

ଶ୍ରୀ ରାମକୃଷ୍ଣ କହନ୍ତି - ଭକ୍ତମାନେ ଈଶ୍ୱରଙ୍କ ଦର୍ଶନ ବିଭିନ୍ନ ରୂପରେ କରନ୍ତି। କିନ୍ତୁ ସେ ଯେତେବେଳେ ସମାଧିରେ ପ୍ରବେଶ କରନ୍ତି ସେହି ଈଶ୍ୱରଙ୍କୁ ଅନନ୍ତ ନିର୍ଗୁଣ ନିରାକାର ବ୍ରହ୍ମ ଭାବରେ ଉପଲବ୍ଧି କରନ୍ତି। ଏହି ଉପଲବ୍ଧିରେ ଉଭୟ ଭକ୍ତି ଓ ଜ୍ଞାନ ସମନ୍ୱିତ ହୋଇଯାଆନ୍ତି।

# ବିଶ୍ୱ ରେକର୍ଡରେ ଅଜଗର



ଇଣ୍ଡୋନେସିଆର ସୁଲାୱେଶୀ ଦ୍ୱୀପରେ ହୋଇଥିବା ଏକ ଅନ୍ୱେଷଣ ୱାଇଲ୍ଡଲାଇଫ୍ ଜଗତକୁ ଆଶ୍ଚର୍ଯ୍ୟଚକିତ କରିଦେଇଛି। କାରଣ ମାରୋସ୍ କ୍ଷେତ୍ରରେ ମିଳିଥିଲା ଏକ ବିଶାଳ ରେଟିକୁଲେଟେଡ୍ ପାଇଥନ ଯାହାକୁ ଆଧିକାରିକ ଭାବରେ ମପାଯାଇଥିଲା ଓ ତାହାର ଲମ୍ବ ଥିଲା ୭.୨୨ ମିଟର। ଏହାର ନାମ ଗିନିଜ ବୁକ୍ ଅଫ୍ ୱାର୍ଲଡ ରେକର୍ଡରେ ସ୍ଥାନ ପାଇଛି। ଏ ପର୍ଯ୍ୟନ୍ତ ମପାଯାଇଥିବା ଓ ସବୁଠାରୁ ଲମ୍ବା ପ୍ରମାଣିତ ହୋଇଥିବା ଜଙ୍ଗଲୀ ସାପଗୁଡ଼ିକ ମଧ୍ୟରୁ ଏହି ପାଇଥନଟି ଅନ୍ୟତମ। ଏହି ମାଦା ଅଜଗରର ନାମ ଇବୁ ବ୍ୟାରୋନ୍ ରଖାଯାଇଛି ଯାହାର ଅର୍ଥ ରାଜପରିବାରର ଉଚ୍ଚ ବଂଶର ମହିଳା। ବିଶେଷଜ୍ଞଙ୍କ ଅନୁସାରେ ଏହି ଅଜଗର ପୂରା ଫୁଟବଲ୍ ଗୋଲ୍‌ପୋଷ୍ଟ ସମାନ ଓସାରର ହେବ। ତେବେ ଏହି ସାପକୁ ମାପିବା ସମୟରେ ସେମାନେ ଆନେସ୍‌ଥେସିଆର ବ୍ୟବହାର କରିନଥିଲେ କାରଣ ସାପର ଜୀବନ ପ୍ରତି ବିପଦ ରହିଥିଲା। ଯଦି ଏହାକୁ ଆରାମ କରିବା ଅବସ୍ଥାରେ ମପାଯାଇଥାନ୍ତା ଏହାର ଲମ୍ବ ୭.୯ ମିଟର ପର୍ଯ୍ୟନ୍ତ ପହଞ୍ଚି ଥାଆନ୍ତା। ଏହାର ଓଜନ ୯୬.୫ କି.ଗ୍ରା ହେବ। ଯେହେତୁ ସାପଟି ଭୋକିଲା ଥିଲା ସେଥିପାଇଁ ଖାଇବା ପରେ ଏହାର ଓଜନ ୧୦୦ କି.ଗ୍ରାରୁ ଅଧିକ ହେବ। ଏହି ରେକର୍ଡର ମୂଲ୍ୟାଙ୍କନରେ ଇଣ୍ଡୋନେସିଆ ଓ ବାଲିର ଅନୁଭବୀ ବିଶେଷଜ୍ଞମାନେ ସାମିଲ ଥିଲେ। ସ୍ଥାନୀୟ ଲୋକଙ୍କ ଦ୍ୱାରା ହୋଇଥିବା ଗୁଜବ ପରେ ବିଶେଷଜ୍ଞମାନେ ତୁରନ୍ତ ସେହି ସ୍ଥାନରେ ଯାଇ ପହଞ୍ଚି ସାପର ସଠିକ୍ ଆକଳନ କରିଥିଲେ।

# ମହାସାଗର ଓ ଅମ୍ଳଜାନ



ବୈଜ୍ଞାନିକମାନେ ଅନୁମାନ କରୁଛନ୍ତି ଯେ ପୃଥିବୀରେ ସୃଷ୍ଟି ହେଉଥିବା ଅମ୍ଳଜାନ ପରିମାଣର ୫୦-୮୦ ପ୍ରତିଶତ ମହାସାଗରରୁ ଆସୁଛି। ସମସ୍ତ ଜଙ୍ଗଲର ଯେତିକି ଯୋଗଦାନ ରହିଛି ତାହାଠାରୁ ଏହି ପରିମାଣ ଯଥେଷ୍ଟ ଅଧିକ। ମହାସାଗର ଖାଲି ଦେଖାଯାଉଥିଲେ ମଧ୍ୟ ଜୈବିକ ଭାବରେ ଗ୍ରହରେ ସବୁଠାରୁ ସକ୍ରିୟ ପ୍ରଣାଳୀଗୁଡ଼ିକ ମଧ୍ୟରୁ ଅନ୍ୟତମ। ଫାଇଟୋପ୍ଲାଙ୍କଟନ ନାମରେ ଏକ ମାଇକ୍ରୋସ୍କୋପିକ୍ ଜୀବ ସମୁଦ୍ରର ପୃଷ୍ଠ ଭାଗରେ ପହଁରନ୍ତି। ଏହି ଜୀବମାନେ ଭୂମିରେ ଗଛଗୁଡ଼ିକ ପରି ଫଟୋସିନ୍ଥେସିସ୍ ପ୍ରକ୍ରିୟା କରନ୍ତି। ନିଜର ଛୋଟ ଆକାର ସତ୍ତ୍ୱେ ସେମାନଙ୍କର ପ୍ରଚୁର ସଂଖ୍ୟା ପୃଥିବୀ ଉପରେ ଅମ୍ଳଜାନର ବଡ଼ ସୋର୍ସ ତିଆରି କରିଥାଏ। ଫାଇଟୋପ୍ଲାଙ୍କଟନ ସହିତ ସମୁଦ୍ରୀ ଶୈବାଳ ଓ ସାଇନୋବ୍ୟାକ୍ଟେରିଆ ପ୍ରଚୁର ପରିମାଣରେ ଅମ୍ଳଜାନ ସୃଷ୍ଟି କରାଇବାରେ ଯୋଗଦାନ ଦେଇଥାନ୍ତି। ସାଇନୋବ୍ୟାକ୍ଟେରିଆ ହିଁ ବିଲିଅନ ବର୍ଷ ପୂର୍ବରୁ ପୃଥିବୀର ବାୟୁମଣ୍ଡଳରେ ଅମ୍ଳଜାନ ଭରିବା ପାଇଁ ଦାୟୀ ହୋଇଥିଲେ। ଏସବୁ ପରେ ଆମାଜନର ବର୍ଷାବନ ଅମ୍ଳଜାନ ସୃଷ୍ଟି କରିଥାନ୍ତି କିନ୍ତୁ ଏହା ନିଃଶ୍ୱାସ ନେବା, ସଢ଼ିବା ଓ ପଶୁମାନଙ୍କ ଜୀବନ ଜରିଆରେ ପାଖାପାଖି ସେତିକି ମାତ୍ରାରେ ଅମ୍ଳଜାନ ବି ବ୍ୟବହାର କରନ୍ତି। ଅର୍ଥାତ ଏହାର ଶୁଦ୍ଧ ଅମ୍ଳଜାନ ଯୋଗଦାନ ଯଥେଷ୍ଟ କମ୍। ତେବେ ମହାସାଗରରୁ ସୃଷ୍ଟି ହେଉଥିବା ଅମ୍ଳଜାନର ଏକ ବଡ଼ ଭାଗ ଉପରର ବାୟୁମଣ୍ଡଳକୁ ଚାଲିଯାଏ ଓ ସେହି ପବନର ଅଂଶବିଶେଷ ହୋଇଯାଏ ଯେଉଁଥିରେ ଆମେ ନିଃଶ୍ୱାସ-ପ୍ରଶ୍ୱାସ ନିଅନ୍ତି। ବୃଦ୍ଧି ପାଉଥିବା ସମୁଦ୍ରୀ ତାପମାନ, ପ୍ରଦୂଷଣ ଓ ଏସିଡିଫିକେସନ୍ ଫାଇଟୋପ୍ଲାଙ୍କଟନ୍ ସଂଖ୍ୟା ଉପରେ ବିପଦ ସୃଷ୍ଟି କରୁଛି। ଯଦି ମାଇକ୍ରୋସ୍କୋପିକ୍ ଜୀବ କମ୍ ହୋଇଯିବେ ତେବେ ବୈଶ୍ୱିକ ଅମ୍ଳଜାନର ସ୍ତର ଅନେକଟା ପ୍ରଭାବିତ ହୋଇପାରେ।

# ବିଶ୍ୱ ଡ଼ାଲି ଦିବସ



ଲୋକମାନଙ୍କୁ ଡ଼ାଲିଗୁଡ଼ିକର ମହତ୍ତ୍ୱ ସହିତ ଅବଗତ କରାଇବା, ଡ଼ାଲିରୁ ପ୍ରାପ୍ତ ହେଉଥିବା ପୋଷଣ ଓ ଖାଦ୍ୟ ସୁରକ୍ଷା ପାଇଁ ଡ଼ାଲି କେତେ ମହତ୍ତ୍ୱପୂର୍ଣ୍ଣ ସେ ବିଷୟରେ ସଚେତନତା ସୃଷ୍ଟି କରେଇବା ପାଇଁ ଆଜି ବିଶ୍ୱସ୍ତରରେ ପାଳନ କରାଯାଉଛି ଡ଼ାଲି ଦିବସ। ପୂରା ବିଶ୍ୱର ୨୪ ପ୍ରତିଶତ ଡ଼ାଲିର ଉତ୍ପାଦନ କରାଯାଏ ଆମ ଦେଶରେ। ଆମ ଦେଶରେ ବର୍ଷକୁ ୨୫୦ ଲକ୍ଷ ମେଟ୍ରିକ ଟନ୍ ଡ଼ାଲିର ଉତ୍ପାଦନ କରାଯାଏ। ଭାରତୀୟମାନେ ବିଶ୍ୱର ଅନ୍ୟ ଦେଶଗୁଡ଼ିକ ଅପେକ୍ଷା ଅଧିକ ଡ଼ାଲି ଖାଉଥିବାରୁ ବିଶ୍ୱ ବଜାରରେ ସେମାନେ ଅଧିକ ଦାମ୍ ଦେଇ ଡ଼ାଲି କିଣିଥାନ୍ତି। ପୌଷ୍ଟିକ ଖାଦ୍ୟାନ୍ନ ଓ ପ୍ରୋଟିନ୍‌ରେ ଭରପୂର ଡ଼ାଲି ଫୁଡ୍ ବାସ୍କେଟ୍ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ ବିଶେଷ ଭାବରେ ଭାରତୀୟ ସଂସ୍କୃତି ପାଇଁ। ଏହାର କାରଣ ଆମ ଦେଶରେ ଶାକାହାରୀଙ୍କ ସଂଖ୍ୟା ଅଧିକ ଓ ଭୋଜନରେ ଡ଼ାଲିକୁ ପ୍ରମୁଖ ଭାବରେ ସାମିଲ କରାଯାଏ। ତେବେ ଡ଼ାଲିର ଉତ୍ପାଦନ ଶୁଷ୍କ ଓ ଅଳ୍ପ ସିଞ୍ଚିତ କ୍ଷେତ୍ରରେ ଅଧିକ ଉତ୍ପାଦନ କରାଯାଏ। ଏହା ମୃତ୍ତିକାରେ ନାଇଟ୍ରୋଜେନ୍ ସଂରକ୍ଷିତ କରି ଏହାର ଉର୍ବରତାରେ ସୁଧାର ଆଣିଥାଏ ଯେଉଁ କାରଣରୁ ଉର୍ବରକଗୁଡ଼ିକର ଆବଶ୍ୟକତା କମ୍ ହୁଏ ଓ ଏଥିପାଇଁ ଗ୍ରୀନ ହାଉସ୍ ଗ୍ୟାସ୍‌ର ଉତ୍ସର୍ଜନ କମ୍ ହୁଏ। ହଳଦିଆ ମୁଗଡ଼ାଲିରେ ପ୍ରୋଟିନ୍, ଆୟରନ୍ ଓ ଫାଇବର୍ ଅଧିକ ମାତ୍ରାରେ ଥାଏ। ପୋଟାସିୟମ୍, କ୍ୟାଲସିୟମ୍ ଓ ଭିଟାମିନ୍-ବି କମ୍ପ୍ଲେକ୍ସ ଥିବା ଡ଼ାଲିରେ ଫ୍ୟାଟ୍ ଆଦୌ ନଥାଏ। ପ୍ରୋଟିନ୍ ଆମ ଶରୀରର କୋଷିକାଗୁଡ଼ିକୁ ରିପେୟାର କରିବା ସହିତ ସେଗୁଡ଼ିକର ନିର୍ମାଣ କରିବାରେ ସାହାଯ୍ୟ କରିଥାଏ। ପ୍ରତିଦିନ ଆମ ଶରୀର ଅଳ୍ପ ଅଳ୍ପ କରି ପ୍ରୋଟିନ୍ ଖର୍ଚ୍ଚ କରିଥାଏ। ତେଣୁ ପର୍ଯ୍ୟାପ୍ତ ମାତ୍ରାରେ ପ୍ରୋଟିନ୍ ନମିଳିଲେ ଏହାର ଅଭାବ ଦେଖାଦେଇ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୁଏ। ପ୍ରୋଟିନ୍‌ର ଅନେକଗୁଡ଼ିଏ ସୋର୍ସ ରହିଛି କିନ୍ତୁ ଶାକାହାରୀ ଲୋକଙ୍କ ପାଇଁ ଡ଼ାଲିଗୁଡ଼ିକୁ ପ୍ରୋଟିନ୍‌ର ମୁଖ୍ୟ ସୋର୍ସ ଭାବରେ ଗ୍ରହଣ କରାଯାଇଛି।

# ଇତିହାସ ରଚିଲେ ବିଦୂଷୀ

ଆମ ଦେଶ ନାମରେ ରହିଛି ଅନେକ ଉପଲବ୍ଧି। ଏଥିମଧ୍ୟରୁ ଅନ୍ୟତମ ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ଭାରତନାଟ୍ୟମ୍‌ର ପ୍ରଦର୍ଶନ। ଏହି ନୃତ୍ୟଶୈଳୀରେ କର୍ଣ୍ଣାଟକର ଝିଅ ବିଦୂଷୀ ଦୀକ୍ଷା ୨୧୬ ଘଣ୍ଟା ଧରି ନୃତ୍ୟ କରି ବିଶ୍ୱ ରେକର୍ଡ କରିଛନ୍ତି। ତେବେ ଦୁନିଆରେ ଏପରି କିଛି ଉପଲବ୍ଧ ରହିଛି ଯେଉଁଗୁଡ଼ିକ କେବଳ ରେକର୍ଡ ନହୋଇ ସାହସ, ଅନୁଶାସନ ଓ କଳା ପ୍ରତି ସମର୍ପିତ ଭାବନାର ଉଦାହରଣ ପାଲଟିଛନ୍ତି। ଏହିପରି ଏକ ଐତିହାସିକ ଉପଲବ୍ଧି ହାସଲ କରିଛନ୍ତି ବିଦୂଷୀ। ବିଦୂଷୀଙ୍କ ଏହି ଉପଲବ୍ଧି କେବଳ ଦେଶ ପାଇଁ ନୁହେଁ ଶାସ୍ତ୍ରୀୟ ନୃତ୍ୟଜଗତ ପାଇଁ ଗର୍ବର ମୁହୂର୍ତ୍ତ ଓ ଯୁବପିଢ଼ିଙ୍କ ପାଇଁ ସେ ହେଉଛନ୍ତି ପ୍ରେରଣା। ଲଗାତର ୨୧୬ ଘଣ୍ଟା ଧରି ବିଦୂଷୀ ନୃତ୍ୟ କରି ଭାରତନାଟ୍ୟମ୍ ପ୍ରତି ତାଙ୍କର ପାଗଳପଣ, ସମର୍ପଣ ଓ ଆତ୍ମବିଶ୍ୱାସ ଦ୍ୱାରା ଇତିହାସ ରଚିବାରେ ସଫଳ ହୋଇଛନ୍ତି। ଏହି ଉପଲବ୍ଧି ଆଗାମୀ ପିଢ଼ିକୁ ପ୍ରେରଣା ଯୋଗେଇବା ସହିତ ଭାରତନାଟ୍ୟମ୍ ନୃତ୍ୟକୁ ନୂଆ ଶିଖର ପର୍ଯ୍ୟନ୍ତ ପହଞ୍ଚେଇବ।



**ବିଦୂଷୀ ଦୀକ୍ଷା**-ବିଦୂଷୀ ଦୀକ୍ଷା କର୍ଣ୍ଣାଟକର ଉଡୁପୀର ନିବାସୀ। ଉଡୁପୀ ସ୍ଥିତ ଡକ୍ଟର ଜି.ଶଙ୍କର ମହିଳା ମହାବିଦ୍ୟାଳୟର ସଭାଗାରରେ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ଯେଉଁଠାରେ ବିଦୂଷୀ ନୃତ୍ୟ ପରିବେଷଣ କରିଥିଲେ। ଲଗାତର ନଅ ଦିନ ପର୍ଯ୍ୟନ୍ତ ନୃତ୍ୟ କରି ଇତିହାସ ରଚି ଗୋଲ୍ଡେନ ବୁକ୍ ଅଫ୍ ୱାର୍ଲଡ୍ ରେକର୍ଡସ୍‌ରେ ନିଜ ନାମକୁ ସାମିଲ କରିବା ଏହି ମାରାଥନ୍ ନୃତ୍ୟ ପରିବେଷଣର ଉଦ୍ଦେଶ୍ୟ ଥିଲା। ରେକର୍ଡର ନିୟମ ଅନୁସାରେ ଦୀକ୍ଷା ପ୍ରତି ତିନି ଘଣ୍ଟାରେ ଥରେ ୧୫ ମିନିଟ୍ ପାଇଁ ବିଶ୍ରାମ କରୁଥିଲେ ଓ ନିଜ ସ୍ୱାସ୍ଥ୍ୟ ଓ ସନ୍ତୁଳନକୁ ବଜାୟ ରଖିଥିଲେ। ଏହା ପୂର୍ବରୁ ପୁରୁଣା ରେକର୍ଡ ୧୭୦ ଘଣ୍ଟା ଥିବା ବେଳେ ବିଦୂଷୀ ୪୬ ଘଣ୍ଟା ଅଧିକ ନୃତ୍ୟ କରି ଏହି ନୂଆ ରେକର୍ଡ କରିଛନ୍ତି।



ତେବେ ଏତେ ଘଣ୍ଟା ଧରି ନୃତ୍ୟ କରିବା ପାଇଁ ଆବଶ୍ୟକ ଖୁବ୍ ଅଧିକ ଶାରୀରିକ ସହନଶକ୍ତି, ଗଭୀର ମାନସିକ ଏକାଗ୍ରତା, ଅନୁଶାସନ ଓ ଆତ୍ମ-ନିୟନ୍ତ୍ରଣ, ବ୍ୟଥା, କ୍ଳାନ୍ତି ଓ ନିଦ ସହିତ ଲଢ଼ିବା ପାଇଁ ଶକ୍ତି। ବିଦୂଷୀ ଏହି ରେକର୍ଡ ସହିତ ପ୍ରମାଣିତ କଲେ ଯେ ଯେତେବେଳେ କୌଣସି କାର୍ଯ୍ୟ ପ୍ରତି ଲୋକଙ୍କର ପାଗଳପଣ ଓ ଲକ୍ଷ୍ୟ ସ୍ପଷ୍ଟ ହୋଇଯାଏ ମଣିଷ ନିଜ ସୀମାକୁ ନିଜେ ଭାଙ୍ଗି ଆଗକୁ ଗତି କରିପାରେ। ଏହି ନୃତ୍ୟ ମାଧ୍ୟମରେ ଏତେ ଘଣ୍ଟାର ନୃତ୍ୟ କରି ରେକର୍ଡ ସୃଷ୍ଟି କରେଇବା ସହିତ ଭାରତୀୟ ଶାସ୍ତ୍ରୀୟ କଳାକୁ ବୈଶ୍ୱିକ ମଞ୍ଚରେ ନୂଆ ପରିଚୟ ଦେବା, ଯୁବ କଳାକାରମାନଙ୍କୁ ପ୍ରେରିତ କରିବା ସହିତ ସଂସ୍କୃତି ଓ ପରମ୍ପରାର ତାକତ ଦେଖେଇଛନ୍ତି ବିଦୂଷୀ। ତେବେ ଏହି ରେକର୍ଡ କେବଳ ବିଦୂଷୀଙ୍କର ବିଜୟ ନୁହେଁ ପୂରା ଭାରତୀୟ କଳା ପରମ୍ପରାର ଏକ ଅନୋଖା ଉପଲବ୍ଧି।

# ସଲମାନ୍‌ଙ୍କ ଫିଲ୍ମର ନୂଆ ତାରିଖ



ସଲମାନ୍‌ଙ୍କ ଫିଲ୍ମ 'ବ୍ୟାଟଲ୍ ଅଫ୍ ଗଲୱାନ୍' ୧୭ ଏପ୍ରିଲ୍‌ରେ ରିଲିଜ ହେବାର ଥିଲା କିନ୍ତୁ ଏବେ ଏହାର ନୂଆ ରିଲିଜ ତାରିଖ ଚର୍ଚ୍ଚାର ବିଷୟ ହୋଇଗଲାଣି। ତେବେ ଖବର ଅନୁସାରେ 'ବ୍ୟାଟଲ୍ ଅଫ୍ ଗଲୱାନ୍' ରିଲିଜ ହୋଇପାରେ ୧୪ ଅଗଷ୍ଟରେ। ରିସୁଟ୍ ଓ ପୋଷ୍ଟ-ପ୍ରଡକ୍ସନ୍ କାମରେ ବିଳମ୍ବ ଯୋଗୁ ନିର୍ମାତାମାନେ ଏହାକୁ ସ୍ୱାଧୀନତା ଦିବସ ଅବସରରେ ରିଲିଜ କରିବା ପାଇଁ ସ୍ଥିର କରିଛନ୍ତି। ଯଦି ଏପରି ହେବ ତେବେ କାର୍ତ୍ତିକ ଆର୍ଯ୍ୟନଙ୍କ ଫିଲ୍ମ 'ନାଗାଜିଲ୍ଲା' ସହିତ ଏହାର ଟକ୍କର ହେବ। ତେବେ ସଲମାନ୍ ଓ ଫିଲ୍ମର ଟିମ୍ କହିବା ଅନୁସାରେ ଦେଶଭକ୍ତିର ପରିବେଶରେ ଫିଲ୍ମଟିକୁ ରିଲିଜ କଲେ ଏହାକୁ ସଫଳତା ମିଳିବ। ଏହି ମାସ ଶେଷ ଆଡ଼କୁ ନିର୍ଦ୍ଦେଶକ ଅପୂର୍ବ ଲାଖିଆ ଏହାର ସମ୍ପାଦନା କାମ ଆରମ୍ଭ କରିବେ। ଭାରତୀୟ ବୀରମାନଙ୍କ କାହାଣୀ ଉପରେ ଫିଲ୍ମର କାହାଣୀ ଆଧାରିତ ହୋଇଥିବାରୁ ରକ୍ଷା ମନ୍ତ୍ରଣାଳୟରୁ ଏଥିପାଇଁ ମଞ୍ଜୁରୀ ନେବାକୁ ପଡ଼ିବ ଯେଉଁଥି ପାଇଁ ସମୟ ଲାଗିପାରେ। ସଲମାନ୍ ଖାନଙ୍କ ଅନୁସାରେ ସମ୍ବେଦନଶୀଳ ଓ ଗୌରବଶାଳୀ କାହାଣୀ ସହିତ କୌଣସି ଶୀଘ୍ରତା କରିବା ଉଚିତ ହେବନାହିଁ ଓ ଫିଲ୍ମଟି ଟେକ୍ନିକାଲି ସଶକ୍ତ ହେବା ଉଚିତ। ୨୦୨୦ରେ ଚୀନୀ ସୈନିକମାନଙ୍କ ସହିତ ହୋଇଥିବା ଐତିହାସିକ ଘଟଣା ଉପରେ 'ବ୍ୟାଟଲ୍ ଅଫ୍ ଗଲୱାନ୍'ର କାହାଣୀ ଆଧାରିତ ଯେଉଁମାନେ କୌଣସି ଆଧୁନିକ ଅସ୍ତ୍ରଶସ୍ତ୍ରର ବ୍ୟବହାର ନକରି କେବଳ ଲାଠି ଓ ପଥର ଦ୍ୱାରା ସୀମାକୁ ରକ୍ଷା କରିଥିଲେ। ସଲମାନ୍ ଏଥିରେ ଜଣେ ମଜଭୁତ, ସାହସୀ ସୈନିକ ଭାବରେ ନଜର ଆସିବେ। ଏଥିରେ ତାଙ୍କ ସହିତ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ଚିତ୍ରାଙ୍ଗଦା ସିଂହ।



# ସୂରଜକୁଣ୍ଡ ମେଳା

ହରିଆନାର ଫରିଦାବାଦରେ ସ୍ଥିତ ସୂରଜକୁଣ୍ଡ ଠାରେ ଫେବୃଆରୀ ମାସର ପ୍ରଥମ ଦୁଇ ସପ୍ତାହ ଧରି ମେଳାର ଆୟୋଜନ ହୋଇଥାଏ ଯେଉଁଠିକୁ ଦୂରଦୂରାନ୍ତରୁ ଲୋକମାନେ ବୁଲିବାକୁ ଯାଆନ୍ତି ଓ ସଫିଂର ଆନନ୍ଦ ଉଠାନ୍ତି। ପ୍ରତିବର୍ଷ ଦେଶ-ବିଦେଶରୁ ପାଖାପାଖି ଦଶ ହଜାର ଲୋକ ସେଠାକୁ ବୁଲିବାକୁ ଯାଆନ୍ତି। ସେଠାରେ ଲୋକଗୀତରୁ ଆରମ୍ଭ କରି ଢ଼ୋଲ-ନାଗରା ଆଦି ଆୟୋଜନ ଦେଖିବାକୁ ମିଳେ। ପର୍ଯ୍ୟଟକମାନଙ୍କୁ ସେଠିକାର ପାରମ୍ପରିକ କଳାଗୁଡ଼ିକ ଆକର୍ଷିତ କରିଥାନ୍ତି। ଏହି ମେଳାରେ ହସ୍ତଶିଳ୍ପ ଓ ହାତତିଆରି ଜିନିଷଗୁଡ଼ିକ ମିଳିଥାଏ। ଏପରି କଳା ସହଜରେ କେଉଁଠାରେ ଦେଖିବାକୁ ମିଳେନାହିଁ। ଏଥର ୫୦ରୁ ଅଧିକ ଦେଶର ଶିଳ୍ପକାର ଓ ଚିତ୍ରକାରମାନେ ଏହି ମେଳାରେ ଭାଗ ନେଇଛନ୍ତି। ମିସ୍ରକୁ ଏଥର ପାର୍ଟନର୍ କଣ୍ଟ୍ରି ଭାବରେ ମାନ୍ୟତା ଦିଆଯାଇଛି ଯେଉଁଠାରେ ଆଫ୍ରିକା ଓ ମଧ୍ୟ-ପୂର୍ବ ସଂସ୍କୃତିର ଝଲକ ଦେଖିବାକୁ ମିଳୁଛି। ୱିକେଣ୍ଡରେ ବୁଲିବା ପାଇଁ ଏହା ଏକ ଆକର୍ଷଣୀୟ ସ୍ଥାନ ଯେଉଁଠିକୁ ପରିବାର ସହିତ କିମ୍ବା ସାଙ୍ଗସାଥିଙ୍କ ସହିତ ଯାଇପାରିବେ। ସେଠାକୁ ଯାଉଥିବା ଲୋକମାନେ ନିଶ୍ଚିତ ଭାବରେ ପାଞ୍ଚଟି ଜିନିଷ କିଣିବା ଉଚିତ।

**ଏଥ୍‌ନିକ କୁସନ୍ କଭର୍ସ**-ସୂରଜକୁଣ୍ଡ ମେଳାରେ ହାତ ତିଆରି କପଡ଼ା ମିଳେ। କଟନ୍, ସିଲ୍‌କ ଓ ଉଲ୍ ତିଆରି ଶାଢ଼ି, ଶାଲ୍ ଆଦି ପ୍ରତିଦିନ ପିନ୍ଧିବାଯୋଗ୍ୟ କପଡ଼ାରୁ ଆରମ୍ଭ କରି ଖାସ୍ ଅବସରର କପଡ଼ା ମଧ୍ୟ ସେଠାରେ ମିଳିଯାଏ। ଦୁପଟ୍ଟା ଓ କପଡ଼ାଗୁଡ଼ିକ ଉପରେ ସୁନ୍ଦର କାଶ୍ମୀରୀ ଏମ୍ବ୍ରୋଇଡୋରୀ ଏହି ମେଳାର ଖାସ୍ ପରିଚୟ।





**ଟ୍ରାଇବାଲ୍ ଓ ଦେଶୀ ଜ୍ୱେଲେରୀ**-ରୁପା, ପିତ୍ତଳ, ମୋତି ଓ ପଥରଗୁଡ଼ିକରେ ତିଆରି ବଡ଼ ବଡ଼ ନେକଲେସ୍ ଓ କାନର ଝୁମ୍‌କା ସେଠାରେ ଖୁବ୍ ଦେଖିବାକୁ ମିଳେ। ଏହି ଜ୍ୱେଲେରୀ ଦେଖିବାକୁ ଅଲଗା ଓ ଷ୍ଟାଇଲିଶ୍। ଏଥିପାଇଁ ଏସବୁ ଜିନିଷକୁ କିଣିବାକୁ ଭୁଲନ୍ତୁ ନାହିଁ।

**ମଧୁବନୀ ଓ ପଟ୍ଟଚିତ୍ର ପେଣ୍ଟିଂସ୍**-ଘରଗୁଡ଼ିକରେ ସଜେଇବା ପାଇଁ ଲୋକମାନେ ବିଭିନ୍ନ ପ୍ରକାରର ପେଣ୍ଟିଂସ୍ କିଣିଥାନ୍ତି। ବିଶେଷ କରି ଗ୍ରାମ୍ୟ ଜୀବନ, ଭଗବାନଙ୍କ କାହାଣୀ ଓ ପାରମ୍ପରିକ ପେଣ୍ଟିଂସ୍ କିଣି ନିଜ ଘରର କୋଣଗୁଡ଼ିକୁ ନୂଆ ଲୁକ୍ ଦେଇପାରିବେ। ଏହା ବ୍ୟତୀତ ଉପହାର ପାଇଁ ଗିଫ୍ଟ ଆଇଟମ୍ ମଧ୍ୟ ସହଜରେ ମିଳିଯାଏ।

**କାଠ ତିଆରି ହସ୍ତଶିଳ୍ପ**-ଏହି ମେଳାର ମୁଖ୍ୟ ଧ୍ୟାନ ଆକର୍ଷଣକାରୀ ହେଉଛି କାଠ ତିଆରି ଜିନିଷ ଯେଉଁଗୁଡ଼ିକ ପର୍ଯ୍ୟଟକଙ୍କ ଧ୍ୟାନ ଆକର୍ଷିତ କରିଥାନ୍ତି। ସେଠାରେ କାଠରେ ସୂକ୍ଷ୍ମ କାମ ହୋଇଥିବା ମୂର୍ତ୍ତି, ଟ୍ରେ, ଡ଼ବା ଓ ସାଜସଜ୍ଜା ଜିନିଷଗୁଡ଼ିକ ମିଳିଥାଏ। ସହାରନପୁରର କାଠ କାରୀଗରମାନଙ୍କ ଦ୍ୱାରା ତିଆରି ଛୋଟ ଛୋଟ ଷ୍ଟୁଲ, କାଠର ୱାଲ୍ କ୍ଲକ୍ସ ବା ସୁନ୍ଦର ପାର୍ଟିସନ୍ ସ୍କ୍ରିନ୍ ଆଣିପାରିବେ ଯାହା ଆପଣଙ୍କର ଫର୍ଣ୍ଣିଚର ଗେମ୍‌କୁ ଏକ ସ୍ତରକୁ ନେଇପାରିବ।

ଟେରାକୋଟା ଓ ସିରେମିକ୍ ଆର୍ଟ-ସେଠାରେ ମାଟି ତିଆରି ଜିନିଷ ସହଜରେ ମିଳିଯାଏ ଯେଉଁଗୁଡ଼ିକ ମଧ୍ୟରେ ରହିଛି ଦ୍ୱୀପ, ଫୁଲ କୁଣ୍ଡ, ମୂର୍ତ୍ତି ଓ ବାସନକୁସନ। ଏଗୁଡ଼ିକ ପର୍ଯ୍ୟାବରଣ ଅନୁକୂଳ ଓ ଦେଖିବାକୁ ସୁନ୍ଦର ଲାଗେ।

ସୋର ମହୋତ୍ସବର ତୃତୀୟ ସନ୍ଧ୍ୟା

## ସେନା ପାଇଁ ଉତ୍ସର୍ଗୀକୃତ ହେଲା ମଞ୍ଚ



**ସୋର,୯।୨/ଏନ୍‌ଏନ୍‌ଏସ୍:** ସୋର ପୌରପାଳିକା ଅନ୍ତର୍ଗତ କାଳୀପଡ଼ିଆ ନିକଟସ୍ଥ ମହୋତ୍ସବ ପଡ଼ିଆରେ ସୋର ମହୋତ୍ସବର ତୃତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହୋତ୍ସବ କମିଟି ସଭାପତି ଗୌରୀ ଶଙ୍କର ଘଡ଼େଇ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭା ମଞ୍ଚକୁ ଅନୁଷ୍ଠାନ ପକ୍ଷରୁ ଦେଶର ବୀର ଯବାନଙ୍କ ପାଇଁ ଉତ୍ସର୍ଗୀକୃତ କରାଯାଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ସେନା ଅଧିକାରୀ ରାଧାକୃଷ୍ଣ ମହାପାତ୍ର, କ୍ୟାପଟେନ୍ କରୁଣାକର ପାଢ଼ୀ, କାହ୍ନୁଚରଣ ମିଶ୍ର, ଗଜାନନ ପୋଇ, ଦୈତାରୀ ଓଝା, ଭ୍ରମରବର ରାଉତ, ଦିଲ୍ଲୀପ କୁମାର କର, ସୁରେନ୍ଦ୍ର କୁମାର ବିଶ୍ୱାଳ, ପ୍ରଫୁଲ୍ଲ ସ, ସହିଦ ଯବାନଙ୍କ ମାଆ ସତ୍ୟଭାମା ମିଶ୍ର, ମହୋତ୍ସବ କମିଟି ଅଧକ୍ଷ ଶଶି କୁମାର ସାହୁ, ଚଳଚ୍ଚିତ୍ର ଅଭିନେତା ସବ୍ୟସାଚୀ ମିଶ୍ର, ଅଭିନେତ୍ରୀ ସସ୍ମିତା ସାହୁ ଓ ଆଇନଜୀବୀ ସଞ୍ଜୟ ଦାସ ଯୋଗ ଦେଇଥିଲେ। ସଭିଙ୍କ ବକ୍ତବ୍ୟରେ ଉପସ୍ଥିତ ଦର୍ଶକ ତଥା ସାରା ମହୋତ୍ସବ ପଡ଼ିଆ ଭାବବିହ୍ୱଳ ହୋଇଯାଇଥିଲା । ଏହି କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ସଭାପତି ଶ୍ରୀ ଘଡ଼େଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ କଣ୍ଠଶିଳ୍ପୀ ଶକ୍ତି ମିଶ୍ର, ସବ୍ୟସାଚୀ ଓ ସସ୍ମିତାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ବନ୍ଦେ ମାତରମ୍ କଲଚୁରାଲ୍ ଆସୋସିଏସନ୍‌ର ସଦସ୍ୟ ସହଯୋଗ କରିଥିଲେ। ମହୋତ୍ସବ କମିଟି ସମ୍ପାଦକ ଅଜିତ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

## ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ବୈଶିଙ୍ଗା,୯।୨/ଏନ୍‌ଏନ୍‌ଏସ୍:** ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ୍ ଅନ୍ତର୍ଗତ ରଘୁନାଥ ଉଚ୍ଚବିଦ୍ୟାଳୟର ଦଶମଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଗ୍ରାମର ବାଲୁକେଶ୍ୱର ଶିବ ମନ୍ଦିରରେ ଛାତ୍ରଛାତ୍ରୀଙ୍କ ମଙ୍ଗଳ କାମନା ନିମନ୍ତେ ୧୦୮ ବିଲ୍ୱ ପତ୍ର ଓ ପୁଷ୍ପ ଅର୍ପଣ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା । ବିଦ୍ୟାଳୟର ଶିକ୍ଷକ ପଣ୍ଡିତ ପ୍ରଫୁଲ କୁମାର ମିଶ୍ର ଓ ଶୁଭାଶିଷ ପଣ୍ଡାଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମ୍ପାଦନା ପରେ ଛାତ୍ରଛାତ୍ରୀମାନେ ପ୍ରଭୁ ଶ୍ରୀ ବାଲୁକେଶ୍ୱରଙ୍କଠାରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ । ଅପରାହ୍ନରେ ପ୍ରଧାନଶିକ୍ଷକ ଅଜିତ କୁମାର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ପ୍ରାକ୍ତନ ପ୍ରଧାନଶିକ୍ଷକ ଅତୁଲ କୁମାର ମିଶ୍ର, ବରିଷ୍ଠ ଶିକ୍ଷକ ରାଜକିଶୋର ଦାସ, ପ୍ରଫୁଲ କୁମାର ମିଶ୍ର, ନିରଞ୍ଜନ ବାରିକ, ବଂଶୀଧର ଗିରି, ହରେକୃଷ୍ଣ ମହାନ୍ତ, ତରଣୀ କାନ୍ତ ମହାନ୍ତ, ଶୁଭବନ୍ତ ନାୟକ ଓ ଶୁଭାଶିଷ ପଣ୍ଡା ପ୍ରମୁଖ ମଞ୍ଚାସୀନ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ । କଠୋର ଅଧ୍ୟବସାୟ, ଦୃଢ଼ ମନୋବଳ, ଗୁରୁଙ୍କ ଆଶୀର୍ବାଦ ଓ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସହ ଈଶ୍ୱର ଭକ୍ତି ରହିଲେ ସଫଳତା ମିଳିପାରିବ ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ । ବିଦ୍ୟାଳୟର ଆଦର୍ଶ ଓ ଗୁରୁଙ୍କ ଆଶୀର୍ବାଦକୁ ପାଥେୟ କରି ନିଜ ଭବିଷ୍ୟତ ଗଢ଼ିବେ ବୋଲି ଛାତ୍ରଛାତ୍ରୀମାନେ କହିଥିଲେ। ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପକ୍ଷରୁ ବିଦାୟୀ ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ଓ ଉପହାର ପ୍ରଦାନ କରାଯିବା ସହ ମିଷ୍ଟାନ୍ନ ବଣ୍ଟା ଯାଇଥିଲା । ନବମ ଶ୍ରେଣୀ ଛାତ୍ର ହିମାଂଶୁ ସେନାପତି କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅଷ୍ଟମ ଶ୍ରେଣୀ ଛାତ୍ରୀ କ୍ରିଷ୍ଣା ସାହାଣୀ ଧନ୍ୟବାଦ ଦେଇଥିଲେ ।

ଜାଗର ଯାତ୍ରା ପାଇଁ ଦ୍ୱିତୀୟ ସମନ୍ୱୟ ବୈଠକ

# ୩ ଦିନରେ ରାସ୍ତା ମରାମତି ନହେଲେ ନୀତିକାନ୍ତି ବନ୍ଦ

**ଭଦ୍ରକ,୯।୨/ଏନ୍‌ଏନ୍‌ଏସ୍:** ବାବା ଆଖଣ୍ଡଳମଣିଙ୍କ ଜାଗର ଯାତ୍ରା ପାଇଁ ମୁଖ୍ୟ ମନ୍ଦିର ସହ ବେଢ଼ା ପରିସର ସଜେଇ ହେଲାଣି । ଚିତ୍ରକାର ସେବାକାରୀଙ୍କ ପକ୍ଷରୁ ଦିନରାତି ରଙ୍ଗ କାର୍ଯ୍ୟ ଚାଲିଛି । ସେହିପରି ଚଳିତ ବର୍ଷ ମନ୍ଦିର ପରିସର ଓ ପୀଠକୁ ଆକର୍ଷଣୀୟ ଆଲୋକ ସଜ୍ଜା କରାଯିବ ବୋଲି ଭଦ୍ରକ ଉପଜିଲ୍ଲାପାଳ ତଥା ମନ୍ଦିର ଟ୍ରଷ୍ଟ ବୋର୍ଡ ଟ୍ରଷ୍ଟି ସୌରଭ ଚକ୍ରବର୍ତ୍ତୀ କହିଛନ୍ତି । ଏହିକ୍ରମେ ଜାଗର ଯାତ୍ରା ପାଇଁ ୨ୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ, ଉପଜିଲ୍ଲାପାଳ ତଥା ଟ୍ରଷ୍ଟି ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ବିଧାୟକ ପ୍ରତିନିଧି ତଥା ଜିଲ୍ଲାପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକ, ଚାନ୍ଦବାଲି ତହସିଲଦାର୍ ଭବତୋଷ ମଲିକ, ଧାମନଗର ଏସ୍‌ଡିପିଓ ଅନିରୁଦ୍ଧ ମୁଦୁଲି, ଧୁଷୁରୀ ଥାନାଧିକାରୀ ଅଜୟ ବାଗେ, ଟ୍ରଷ୍ଟ ବୋର୍ଡ ସଭ୍ୟ ସରୋଜ ଦାସ, ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ, ସେବାୟତ ବିଜୟ କୁମାର ଦାଶ, ଆଶିଷ ପାଢ଼ୀ, ଅରବିନ୍ଦ ପାଢ଼ୀଙ୍କ ସହ



ଜିଲ୍ଲା ଲୋକସମ୍ପର୍କ ଅଧିକାରୀ, ଜିଲ୍ଲା ଜଳ ପରିମଳ ବିଭାଗ, ରାସ୍ତା ଗୃହ ନିର୍ମାଣ ବିଭାଗ, ସ୍ୱାସ୍ଥ୍ୟ ଓ ବିଦ୍ୟୁତ୍ ବିଭାଗ ସହ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ତେବେ ଭଦ୍ରକ-ଆଖଣ୍ଡଳମଣି ମୁଖ୍ୟରାସ୍ତାର ଦୀର୍ଘ ୧୦ କିମି ରାସ୍ତା ଖାଲଖମା ସୃଷ୍ଟି ହେବାସହ ସେଣ୍ଟ୍ରାଲ୍ ଓ କର୍ସର୍ ଗୁଣ୍ଡ କୁଢ଼ କୁଢ଼ ପଡ଼ି ରହିଥିବାରୁ ବହୁ ଦୁର୍ଘଟଣା ଘଟୁଛି। ଜାଗର ଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବାକୁ ଥିବାରୁ ରାସ୍ତା ମରାମତି ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ପୂର୍ବ ବୈଠକରେ କୁହାଯାଇଥିଲା। ହେଲେ ଏପର୍ଯ୍ୟନ୍ତ ମରାମତି ହୋଇନଥିବାରୁ ବୈଠକରେ ଅସନ୍ତୋଷ ଦେଖାଦେଇଥିଲା। ଏପରିକି ସେବାୟତମାନେ ଏନେଇ ହଟ୍ଟଗୋଳ କରିବା ସହ ଯଦି ଜାଗର ଯାତ୍ରା ପୂର୍ବରୁ ରାସ୍ତା ମରାମତି ନହୁଏ ତା'ହାଲେ ନୀତିକାନ୍ତି ବନ୍ଦ କରିବେ ବୋଲି କହିଥିଲେ। ସେହିପରି ପୀଠକୁ ସଂଯୋଗ କରୁଥିବା ଧାନଖଣିଆ ଆରଡ଼ି ରାସ୍ତା ସହ କୁଳେଇପଦାଠାରୁ ଚାନ୍ଦପୁର ଯାଏଁ ଖାଲଖମା ରାସ୍ତାର ମରାମତି ପାଇଁ ଆଲୋଚନା କରାଯାଇଥିଲା। ଏହାସହ ପୀଠରେ ଅଚଳ ଥିବା ଷ୍ଟ୍ରିଟ୍

### ଆକର୍ଷଣୀୟ ଆଲୋକରେ ଝଟକିବ ପୀଠ

ଲାଇଟ୍‌ର ତୁରନ୍ତ ମରାମତି, ଶୌଚାଳୟ ଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ଆଦି ଉପରେ ଗୁରୁତ୍ୱର ଭାବେ ଆଲୋଚନା କରାଯାଇଥିଲା। ଚଳିତ ଜାଗର ଯାତ୍ରାରେ ବ୍ୟାପକ ପୁଲିସ୍ ମୁତୟନ ରହିବା ସହ ଭିଡ଼ ସ୍ଥାନରେ ସିସିଟିଭି କ୍ୟାମେରା ଓ ଡ୍ରୋନ୍ ଦ୍ୱାରା ଭିଡିଓ ଉତ୍ତୋଳନ କରାଯିବା ପାଇଁ ଅତିରିକ୍ତ ଏସ୍‌ପି ଶ୍ରୀ ଦ୍ୱିବେଦୀ କହିଥିଲେ। ପରେ ଅଧିକାରୀମାନେ ମନ୍ଦିର ପରିସର ସହ ନଦୀଘାଟ ଓ ଦର୍ଶନ ବ୍ୟାରିକେଡ୍ ଆଦି ସ୍ଥାନ ବୁଲି ଦେଖିଥିଲେ।

## ସୃଷ୍ଟି କଳାକେନ୍ଦ୍ରର ପ୍ରତିଷ୍ଠା ଦିବସରେ ଚିତ୍ରକଳା କାର୍ଯ୍ୟକ୍ରମ



**ବାରିପଦା,୯।୨/ଏନ୍‌ଏନ୍‌ଏସ୍:** ସୃଷ୍ଟି କଳାକେନ୍ଦ୍ରର ପ୍ରତିଷ୍ଠା ଦିବସ ପାଳନ ଅବସରରେ କୁନି କୁନି ଶିଶୁଙ୍କୁ ନେଇ ଏକ ଚିତ୍ରକଳା ଶିବିର ଅନୁଷ୍ଠିତ ହୋଇଯାଇଛି। କଳାକେନ୍ଦ୍ରର ପ୍ରତିଷ୍ଠାତ୍ରୀ ନିବେଦିତା ମହାନ୍ତଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଦସ୍ୟ ଅନିମା ମିଶ୍ର, ରାକେଶ ମହାନ୍ତ, ସୁମାଲି ମୁର୍ମୁ ଓ ପ୍ରଭାସ ମହାନ୍ତଙ୍କ ସମେତ ଶିଶୁଙ୍କ ଅଭିଭାବକ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ସୋମନାଥ ସିଂହ, ସମ୍ମାନିତ ଅତିଥିଭାବେ ସାନ୍ତାଳୀ ଆର୍ଟ ଏଣ୍ଡ ଫିଲ୍ମ ଡେଭଲପ୍‌ମେଣ୍ଟ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ଦୀପକ କୁମାର ବେଶ୍ରା ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହାସହ ପ୍ରାକୃତିକ ପରିବେଶରେ ଆୟୋଜିତ ଏହି କାର୍ଯ୍ୟକ୍ରମ କୋମଳମତୀ ଶିଶୁର ସୃଜନଶକ୍ତିର ବିକାଶରେ ବେଶ୍ ସହାୟକ ହେବ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁମୀ ହାଁସଦା ବେଶ୍ରା ଓ ପ୍ରତ୍ୟୁଷ ମହାନ୍ତ ଉପସ୍ଥିତ ରହି ଶିଶୁଙ୍କୁ କଳା, ସୃଜନଶୀଳତା ଓ ସାଂସ୍କୃତିକ ଚେତନା ପ୍ରତି ଆଗ୍ରହୀ କରିବା ଉପରେ ମତପ୍ରକାଶ କରିଥିଲେ। ଶିଶୁମାନେ ରଙ୍ଗ ଓ ତୁଳିରେ ନିଜ ସୃଜନଶୀଳତାକୁ ଚିତ୍ର ମାଧ୍ୟମରେ ପ୍ରକାଶ କରି ଅତ୍ୟନ୍ତ ଆନନ୍ଦ ଅନୁଭବ କରିଥିଲେ। ଏପରି କାର୍ଯ୍ୟକ୍ରମ ଶିଶୁଙ୍କୁ ମୋବାଇଲ୍‌ଠାରୁ ଦୂରେଇ ରଖି ସେମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ଉପଯୁକ୍ତ ପଦକ୍ଷେପ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ବୃକ୍ଷର ଆବଶ୍ୟକତା ଉପରେ ଆଲୋକପାତ କରିବା ସହ ସମସ୍ତଙ୍କୁ ଅନୁଷ୍ଠାନ ପକ୍ଷରୁ ଚାରାଗଛ ପ୍ରଦାନ କରାଯିବା ସହ ତା'ର ଉପଯୁକ୍ତ ଯତ୍ନ ନେବା ପାଇଁ ପରାମର୍ଶ ଦିଆଯାଇଥିଲା।

## ବିଦ୍ୟାଳୟ ନିକଟସ୍ଥ ତମାଖୁ ବିକ୍ରି ଦୋକାନ ଉପରେ ଚଢ଼ଉ

୧୦ ଦୋକାନରୁ ଜୋରିମାନା ଆଦାୟ

**ବାରିପଦା,୯।୨/ଏନ୍‌ଏନ୍‌ଏସ୍:** ବିଦ୍ୟାଳୟ ନିକଟରେ ନିଶା ତଥା ତମାଖୁ ଜାତୀୟ ଦ୍ରବ୍ୟ ବିକ୍ରି ନିଷେଧ ହୋଇଥିବାବେଳେ ଏହି ଆଇନକୁ ବର୍ତ୍ତମାନ କଡ଼ାକଡ଼ି ଭାବେ ପାଳନ କରିବା ନିମନ୍ତେ ଘନ ଘନ ଚଢ଼ଉ କରାଯାଉଛି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ପୁଲିସ୍ ବିଭାଗ, ଡ୍ରଗ୍ ଇନ୍ସପେକ୍ଟର୍ ମୟୂରଭଞ୍ଜ ରେଞ୍ଜ-୨ ଓ ଅବକାରୀ ବିଭାଗ ପକ୍ଷରୁ ମିଳିତଭାବେ ବାରିପଦା ସଦର ଥାନା ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ ନିକଟସ୍ଥ ତଥା ବଜାର ଅଞ୍ଚଳରେ ପାନ ଓ ଗ୍ରୋସେରୀ ଦୋକାନରେ ଅଚାନକ ଚଢ଼ଉ କରାଯାଇଥିଲା । ୧୦ଟି ଦୋକାନରୁ ବିଭିନ୍ନ ପ୍ରକାର ତମାଖୁ ଜାତୀୟ ନିଶାଦ୍ରବ୍ୟ ଜବତ କରାଯିବା ସହ ନିଶାଦ୍ରବ୍ୟ ବିକ୍ରି କରୁଥିବା ଅଭିଯୋଗରେ ୧୦ଟି ଦୋକାନରୁ ୨ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ଜଣାପଡ଼ିଛି ।



## ବଂଶପାଣି ଏବଂ ବଡ଼ବିଲ୍ ଷ୍ଟେସନ୍ ମଧ୍ୟରେ ସିଧାସଳଖ ରେଳସଂଯୋଗ ଦାବି

**କେନ୍ଦୁଝର,୯।୨/ଏନ୍‌ଏନ୍‌ଏସ୍:** ଲୋକସଭା ଅଧିବେଶନ ମାଧ୍ୟମରେ ନିୟମ ୩୭୭ ଅନ୍ତର୍ଗତ ବିଷୟରେ ପ୍ରସ୍ତାବ ମାଧ୍ୟମରେ ବଂଶପାଣି ଏବଂ ବଡ଼ବିଲ୍ ଷ୍ଟେସନ୍ ମଧ୍ୟରେ ସିଧାସଳଖ ରେଳସଂଯୋଗ ପାଇଁ କେନ୍ଦୁଝର ଲୋକସଭା ସାଂସଦ ଅନନ୍ତ ନାୟକ ଦାବି କରିଛନ୍ତି। ଯୋଡ଼ା ବଂଶପାଣି ରେଳ ଷ୍ଟେସନ୍ ଭାରତୀୟ ରେଳବାଇର ପଦାପାହାଡ଼ ଜଙ୍କସନ୍-ଯଖପୁରା ସେକ୍ସନ୍‌ରେ ଅବସ୍ଥିତ ଏକ ଗୁରୁତ୍ୱପୂର୍ଣ୍ଣ ରେଳକେନ୍ଦ୍ର ଏବଂ ବଡ଼ବିଲ୍-ପୁରୀ ଏକ୍ସପ୍ରେସ୍ ଭଳି ନିୟମିତ ଟ୍ରେନ୍ ଏହି ଷ୍ଟେସନ୍ ଦେଇ ଗତି କରିଥାଏ। ତଥାପି ଭୌଗୋଳିକ ଦୃଷ୍ଟିକୋଣରୁ ଅତି ନିକଟରେ ଥିଲେ ମଧ୍ୟ ବର୍ତ୍ତମାନ ବଂଶପାଣି (ଯୋଡ଼ା ଅଞ୍ଚଳ) ଏବଂ ବଡ଼ବିଲ୍ ଷ୍ଟେସନ୍ ମଧ୍ୟରେ କୌଣସି ସିଧାସଳଖ ରେଳସଂଯୋଗ ନାହିଁ। ଏହି ୨ଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମଧ୍ୟରେ ଯାତ୍ରା କରୁଥିବା ଯାତ୍ରୀମାନେ ଝାଡ଼ଖଣ୍ଡର ଡାଙ୍ଗୁଆପୋଷି ସେକ୍ସନ୍ ଦେଇ ଏକ ଦୀର୍ଘ ବୁଲାଣି ରାସ୍ତାରେ ଯିବାକୁ ବାଧ



ହେଉଛନ୍ତି। ଏହା ପ୍ରାୟ ୬୦ରୁ ୭୦ କିଲୋମିଟର୍ ଅତିରିକ୍ତ ଦୂରତା ବଢ଼ାଇଥାଏ। ଫଳରେ ଅନାବଶ୍ୟକ ବିଳମ୍ବ, ଅସୁବିଧା ଓ ଅଧିକ ଯାତ୍ରା ଖର୍ଚ୍ଚ ହୋଇଥାଏ ବୋଲି ସାଂସଦ ସୂଚନା ଦେଇଛନ୍ତି। ଏହି ବୁଲାଣିଆ ରାସ୍ତା ଯୋଗୁ ଅଞ୍ଚଳରେ ଯାତ୍ରୀ ଚଳାଚଳ ଏବଂ ଖଣିଜ ପରିବହନର ଦକ୍ଷତା ମଧ୍ୟ ସୀମିତ ହୋଇଯାଉଛି। ଏହି ବିଷୟକୁ ଦୃଷ୍ଟିରେ ରଖି ଓଡ଼ିଶା ରେଳ ଭିତ୍ତିଭୂମି ବିକାଶ ଲିମିଟେଡ୍ ବଂଶପାଣି-ବଡ଼ବିଲ୍ ମାଧ୍ୟମରେ ଏକ ନୂତନ ରେଳଲାଇନ୍ (ପ୍ରାୟ ୧୭ କିଲୋମିଟର୍) ପ୍ରସ୍ତାବିତ କରାଯାଇଛି ଏବଂ ଭାରତୀୟ ରେଳବାଇର ମୁଖ୍ୟ ପ୍ରକଳ୍ପ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ପ୍ରକଳ୍ପର ଶୀଘ୍ର ଅନୁମୋଦନ ଏବଂ କାର୍ଯ୍ୟକାରିତା ଆଞ୍ଚଳିକ ସଂଯୋଗୀକରଣ, ଯାତ୍ରୀଙ୍କ ସୁବିଧା ଓ ଯୋଡ଼ା-ବଡ଼ବିଲ୍ ଖଣି ଅଞ୍ଚଳର ଅର୍ଥନୈତିକ ବିକାଶରେ ଯଥେଷ୍ଟ ଉନ୍ନତି ଆଣିବ ବୋଲି ସାଂସଦ ଦାବି କରିବା ସହିତ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

### ପୋଖରୀରେ ବୁଡ଼ି ଶିଶୁ ମୃତ

**ଖଇରା,୯।୨/ଏନ୍‌ଏନ୍‌ଏସ୍:** ବାଲେଶ୍ୱର ଜିଲ୍ଲା ଖଇରା ଥାନା ସାରେକାଣା ପଞ୍ଚାୟତ ଅନ୍ତର୍ଗତ ସୁଜାଗଡ଼ ଗ୍ରାମର ସୁରନ୍ଦ୍ର ବେହେରାଙ୍କ ୮ ବର୍ଷର ଝିଅ କାଜଲ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ରବିବାର ଅପରାହ୍ନରେ କାଜଲ ଖେଳୁଥିବାବେଳେ ଅନ୍ୟ ମନସ୍କ ହୋଇ ପୋଖରୀ ହୁଡ଼ାରୁ ଖସିପଡ଼ି ବୁଡ଼ି ଯାଇଥିଲେ। ଖୋଜାଖୋଜି ପରେ ତାଙ୍କୁ ପାଣିରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ।

## ରେମୁଣା ହାଇସ୍କୁଲ୍ ୧୯୮୭ ବ୍ୟାଚ୍‌ର ବନ୍ଧୁମିଳନ

**ବାଲେଶ୍ୱର,୯।୨/ଏନ୍‌ଏନ୍‌ଏସ୍:** ରେମୁଣା ଉଚ୍ଚବିଦ୍ୟାଳୟ ୧୯୮୭ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ସୁଧୀର କୁମାର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପସ୍ଥିତ ଛାତ୍ରଛାତ୍ରୀମାନେ ସ୍କୁଲ୍ ଜୀବନର ସ୍ମୃତିକୁ ବଖାଣିବା ସହ ଦିବଙ୍ଗତ ଛାତ୍ର ନିତ୍ୟାନନ୍ଦ ନାୟକ, ରଜତ କୁମାର ବାରିକ, ତପନ କୁମାର ସାହୁ ଓ ସତ୍ୟନାରାୟଣ ସାହୁଙ୍କୁ ମନେ ପକାଇଥିଲେ। ଏପରି କାର୍ଯ୍ୟକ୍ରମକୁ ପ୍ରତିବର୍ଷ ପାଳନ କରିବା ସହ ତତ୍କାଳୀନ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ରଘୁନାଥ ପଣ୍ଡା, ଗଣେଶ ଚନ୍ଦ୍ର ମହାପାତ୍ର, ଶଶାଙ୍କ ଶେଖର ଦାଶ, ବିପିନ ବିହାରୀ ମିଶ୍ର ଓ ପୂର୍ଣ୍ଣିମା ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଏକ ପ୍ରସ୍ତାବ ମଧ୍ୟ ଗୃହୀତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସୁଧାଂଶୁ ଶେଖର ମହାରଣା, ରବିନାରାୟଣ ପତି, ସରୋଜ କୁମାର ପ୍ରଧାନ, ସୁଜିତ କୁମାର ଦାସ,



ଶରତ କୁମାର ପ୍ରଧାନ, ରଜତ କୁମାର ବେହେରା, ସଞ୍ଜୀବ କୁମାର ସାହୁ, ରଣଜିତ ପୋଥାଳ, ଅକ୍ଷୟ କୁମାର କମିଲା, କୃପାସିନ୍ଧୁ ନାୟକ, ଗିରୀଶ ଚନ୍ଦ୍ର ଦାସ, ସୃଷ୍ଟିଧର ବିଷ୍ଣାଣୀ, କୃପାସିନ୍ଧୁ ପଣ୍ଡା, ସୁବାଶ ବେହେରା, ଗଦାଧର ଭୁକ୍ତା, କମଳାକାନ୍ତ ମହାନ୍ତି, ପ୍ରଦୀପ କୁମାର ତ୍ରିପାଠୀ, ବିନୋଦ କୁମାର ମହାନ୍ତି, ଭାଗିରଥୀ ଜେନା, ଅନାଦି ଚରଣ ପାତ୍ର, ପ୍ରଶାନ୍ତ କୁମାର ସାହୁ, ରଶ୍ମିରେଖା ପାକଳ, ମଞ୍ଜୁଲତା ପଢ଼ୀଆରି, ସବିତା ବେହେରା, ବିନୋଦିନୀ ବେହେରା, ବାସନ୍ତୀ ରଣା, ମଞ୍ଜୁଲତା ମହାରଣା, ଶର୍ମିଳା ମିଶ୍ର ଓ ଯଦୁନାଥ ଗିରି ପ୍ରମୁଖ ଉପସ୍ଥିତ ଥିଲେ।

## ଖଞ୍ଜାମାହାଲ ପଥର ଖାଦାନରେ ତହସିଲଦାର୍‌ଙ୍କ ଚଢ଼ଉ

ଜବତ ପଥର ସାଢ଼େ ୬ ଲକ୍ଷ ଟଙ୍କାରେ ନିଲାମ୍

**ସୋର,୯।୨/ଏନ୍‌ଏନ୍‌ଏସ୍:** ସୋର ଥାନା ମହୁମୁହାଣ ପଞ୍ଚାୟତ ଖଞ୍ଜାମାହାଲ ପଥର ଖାଦାନରେ ସୋର ତହସିଲଦାର୍ ଚଢ଼ଉ କରି ଜବତ ପଥରକୁ ନିଲାମ କରିଥିବା ଜଣାପଡ଼ିଛି। ସୋର ତହସିଲଦାର୍ ଦୈତାରୀ ମଲ୍ଲିକ ଖାଦାନରେ ପଥର ଚାଲାଣ ହେଉଥିବା ଜାଣିପାରି ଚଢ଼ଉ କରିଥିଲେ। ଏହି ସମୟରେ ୧ ହଜାର କ୍ୟୁବି ମିଟର୍ ପଥର ଜବତ କରିଥିଲେ। ଅପରାହ୍ନରେ ଜବତ ପଥରକୁ ୬ ଲକ୍ଷ ୫୦ ହଜାର ଟଙ୍କାରେ ନିଲାମ୍ କରିଥିଲେ। ଏହି ସମୟରେ କନିଷ୍ଠ ଖଣି ଅଧିକାରୀ ସସ୍ମିତ କୁମାର ମଣି ଉପସ୍ଥିତ ଥିଲେ।

# ପବ୍ଲିକ୍ ଅଣ୍ଡରଟେକିଂ କମିଟିର ବାଲେଶ୍ୱର ଗସ୍ତ

ବିଭିନ୍ନ ବିଭାଗୀୟ କାର୍ଯ୍ୟର ସମୀକ୍ଷା



**ବାଲେଶ୍ୱର,୯।୨/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାରଙ୍କ ପବ୍ଲିକ୍ ଅଣ୍ଡରଟେକିଂ କମିଟି ବାଲେଶ୍ୱର ଗସ୍ତରେ ଆସିଥିବା ଜଣାପଡ଼ିଛି। ଏହି ପରିପ୍ରେକ୍ଷୀରେ କମିଟି ପକ୍ଷରୁ ବିଭିନ୍ନ ବିଭାଗୀୟ କାର୍ଯ୍ୟର ସମୀକ୍ଷା କରାଯାଇଛି। ଏଥିରେ ଅଧ୍ୟକ୍ଷ ପଦ୍ମଲୋଚନ ପଣ୍ଡା, ଅନ୍ୟତମ ସଦସ୍ୟ ଯଥା ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର ଓ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ସାମିଲ୍ ଥିଲେ। ଏହି ଅବସରରେ ଚାନ୍ଦିପୁରସ୍ଥିତ ପାନ୍ଥ ନିବାସରେ ପର୍ଯ୍ୟଟନ ବିଭାଗ ଓ ବନ ବିଭାଗ ସମେତ ଟାଟା ପାୱାର୍ ସମ୍ପୃକ୍ତ ବିଭିନ୍ନ ବିଷୟ ଉପରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଓ ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମର ପରିଚାଳନା ନିର୍ଦ୍ଦେଶକ ଧର୍ମେନ୍ଦ୍ର ମଲ୍ଲିକଙ୍କ ସହିତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଉପଜିଲ୍ଲାପାଳ ଶିବ ମାଲବ୍ୟ, ଡିଏଫ୍‌ଓ, ଏସ୍‌ଇ-ଟିପିଏନ୍‌ଓଡିଏଲ୍, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସହିତ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ମଧ୍ୟ ବୈଠକରେ ଯୋଗ ଦେଇଥିଲେ। ବାଲେଶ୍ୱର ଜିଲ୍ଲାର ଚାନ୍ଦିପୁର ପର୍ଯ୍ୟଟନ ପ୍ରକଳ୍ପ ସମେତ ଅନ୍ୟ ପ୍ରୋଜେକ୍ଟ ଓ ପ୍ରସ୍ତାବିତ ପର୍ଯ୍ୟଟନ ଏବଂ ବିକାଶମୂଳକ ପ୍ରକଳ୍ପମାନଙ୍କର ପ୍ରଗତି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା।

ବାବା ବାଲୁକେଶ୍ୱର ମହୋତ୍ସବ ଉଦ୍‌ଘାଟିତ

## 'ପରସ୍ପର ମଧ୍ୟରେ ସମନ୍ୱୟ ରହିଲେ ମହୋତ୍ସବ ଦୀର୍ଘାୟୁ ହେବ'



**ଖଇରା,୯।୨/ଏନ୍‌ଏନ୍‌ଏସ୍:** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍ କୁରୁଣ୍ଟା ପଞ୍ଚାୟତ ଅନ୍ତର୍ଗତ ବାରିଙ୍ଗିଆ ଗ୍ରାମରେ ୩ୟ ବାବା ବାଲୁକେଶ୍ୱର ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବାବା ବାଲୁକେଶ୍ୱର ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ବାଲେଶ୍ୱର-ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ସଭାପତି ଗଣେଷ ମହାପାତ୍ର ମୁଖ୍ୟଅତିଥି, ଜିଲ୍ଲାପରିଷଦ ସଭ୍ୟ ମାନସ କୁମାର ଦାଶ ମୁଖ୍ୟବକ୍ତା, ସ୍ଥାନୀୟ ସରପଞ୍ଚ ରଘୁନାଥ ଜେନା, ଗଣମାଧ୍ୟମ ପ୍ରତିନିଧି ତପୋଧନ ବାରିକ ଓ ଦୁର୍ଗାମାଧବ ଓଝା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପରସ୍ପର ମଧ୍ୟରେ ସମନ୍ୱୟ ରହିଲେ ମହୋତ୍ସବ ସୁଦୃଢ଼ ହୋଇପାରିବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଟ୍ରଷ୍ଟର ଅଧ୍ୟକ୍ଷ ଶରତ କୁମାର ଜେନା, ମହୋତ୍ସବ କମିଟିର ସମ୍ପାଦିକା ମିତା ସେଠୀ ଓ ସଭାପତି ବିଭୁତି ଭୁଷଣ ମାହାନା ପ୍ରମୁଖ ଉପସ୍ଥିତ ଥିଲେ। ଧାରାବାହିକ ଅଭିନେତ୍ରୀ ଅସିମା ପତିଙ୍କ ସଂଳାପରେ ଦର୍ଶକ ବିଭୋର ହୋଇପଡ଼ିଥିଲେ।

## ମୁଜରବାନୀ, ନଗାରଭା, ଇଭାନ୍ସଙ୍କୁ ୩-୩ ୱିକେଟ୍

# ଓମାନ୍‌କୁ ୮ ୱିକେଟ୍‌ରେ ହରାଇଲା ଜିମ୍ବାୱେ



**କଲମ୍ବୋ,୯।୨/ଏଜେନ୍ସି:** ଜିମ୍ବାୱେ ଚଳିତ ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍‌ରେ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଟିମ୍ ସୋମବାରର ଦ୍ୱିତୀୟ ମ୍ୟାଚ୍‌ରେ ଓମାନ୍‌କୁ ୮ ୱିକେଟ୍‌ରେ ହରାଇ ଦେଇଛି। ଏହା ସହିତ ଟିମ୍ ଗ୍ରୁପ୍-ବି' ପଏଣ୍ଟ ଟେବଲ୍‌ର ପ୍ରଥମ ସ୍ଥାନରେ ପହଞ୍ଚିଛି। ଶ୍ରୀଲଙ୍କା ଦ୍ୱିତୀୟରେ ରହିଛି। ସ୍ଥାନୀୟ ସିଂହଳୀ ସ୍ପୋର୍ଟ୍ସ କ୍ଲବ୍ (ଏସ୍‌ଏସ୍‌ସି)ରେ ବ୍ୟାଟିଂ ଆମନ୍ତ୍ରଣ ପାଇଁ ଓମାନ୍ ପ୍ରଥମେ ୧୯.୫ ଓଭର୍‌ରେ ୧୦୩ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ଜିମ୍ବାୱେ ୧୩.୩ ଓଭର୍‌ରେ ବିଜୟ ଲକ୍ଷ୍ୟ ହାସଲ କରିନେଇଛି। ଟିମ୍ ପକ୍ଷରୁ ଓପ୍ନର୍ ବ୍ରାୟନ୍ ବେନେଟ୍ ୩୬ ବଲ୍‌ରେ ୭ ଚୌକା ସହାୟତାରେ ୪୮ ରନ୍ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ବ୍ରେଣ୍ଡନ୍ ଟେଲର୍ ୩୧ ରନ୍‌ରେ ରିଟାୟର୍ଡ ହର୍ଟ ହୋଇଥିବା ବେଳେ ତାଦିୱାନାଶେ ମାରୁମାନୀ ୨୧ ରନ୍ କରିଥିଲେ। ଓମାନ୍ ପକ୍ଷରୁ ସୁଫିୟାନ୍ ମେହମୁଦ୍ ୨ଟି ୱିକେଟ୍ ହାସଲ କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଓମାନ୍‌ର ଆରମ୍ଭ ବହୁ ଖରାପ ଥିଲା। ଶୀର୍ଷକ୍ରମର ୫ ବ୍ୟାଟରମାତ୍ର ୨୭ ରନ୍ ମଧ୍ୟରେ ପ୍ୟାଭିଲିୟନ୍ ଫେରିଥିଲେ। ଟିମ୍ ପାଇଁ ୱିକେଟ୍‌କିପର୍ ବିନାୟକ ଶୁକ୍ଲା ସର୍ବାଧିକ ୨୮ ରନ୍ କରିଥିବା ବେଳେ ସୁଫିୟାନ୍ ମେହମୁଦ୍ ୨୫ ଓ ନଦୀମ୍ ଖାନ୍ ୨୦ ରନ୍‌ର ଯୋଗଦାନ ଦେଇଥିଲେ। ବାକି ବ୍ୟାଟର୍ ୫ ରନ୍ ଉପରକୁ ମଧ୍ୟ ଉଠିପାରି ନଥିଲେ। ଜିମ୍ବାୱେ ପକ୍ଷରୁ ରିଚାର୍ଡ ନଗାରଭା, ବ୍ଲେସିଙ୍ଗ୍ ମୁଜରବାନୀ ଓ ବ୍ରାଡ୍ ଇଭାନ୍ସ ୩-୩ ୱିକେଟ୍ ନେଇଥିବା ବେଳେ କ୍ୟାପ୍ଟେନ୍ ସିକନ୍ଦର ରଜାଙ୍କୁ ଗୋଟିଏ ସଫଳତା ମିଳିଥିଲା।

## ଟି-୨୦ ବିଶ୍ୱକପ୍: ଜର୍ଜ ମୁନ୍‌ସେଙ୍କ ଅର୍ଦ୍ଧଶତକ, ଲିସ୍କଙ୍କୁ ୪ ୱିକେଟ୍

# ଡେବ୍ୟୁଟାଣ୍ଟ ଇଟାଲୀ ୭୩ ରନ୍‌ରେ ପରାଜିତ

### ଟୁର୍ଣ୍ଣାମେଣ୍ଟରେ ସ୍କଟ୍‌ଲାଣ୍ଡର ଦ୍ୱିତୀୟ ସର୍ବୋଚ୍ଚ ସ୍କୋର୍



**କୋଲକାତା,୯।୨/ଏଜେନ୍ସି:** ସ୍କଟ୍‌ଲାଣ୍ଡ ଚଳିତ ଟି-୨୦ ବିଶ୍ୱକପ୍‌ରେ ପ୍ରଥମ ବିଜୟ ହାସଲ କରିଛି। ସୋମବାର ଗ୍ରୁପ୍-ସି'ର ତୃତୀୟ ମ୍ୟାଚ୍‌ରେ ସ୍କଟ୍‌ଲାଣ୍ଡ ଡେବ୍ୟୁଟାଣ୍ଟ ଇଟାଲୀକୁ ୭୩ ରନ୍‌ରେ ହରାଇ ଦେଇଛି। ଇଡେନ୍ ଗାର୍ଡେନ୍ସ ଷ୍ଟାଡିୟମ୍‌ରେ ଟସ୍ ଜିତି ଇଟାଲୀ ପ୍ରଥମେ ଫିଲ୍ଡିଂ ନେଇଥିଲା। କିନ୍ତୁ ସ୍କଟ୍‌ଲାଣ୍ଡ ବ୍ୟାଟର୍ ଏହି ନିଷ୍ପତ୍ତିକୁ ଭୁଲ୍ ସାବ୍ୟସ୍ତ କରିଥିଲେ। ପ୍ରଥମେ ବ୍ୟାଟିଂ ପାଇଥିବା ସ୍କଟ୍‌ଲାଣ୍ଡ ୨୦ ଓଭରରେ ୪ ୱିକେଟ୍ ହରାଇ ୨୦୭ ରନ୍ କରିଥିଲା। ଏହା ଚଳିତ ବିଶ୍ୱକପ୍‌ରେ ବର୍ତ୍ତମାନ ସୁଦ୍ଧା ସବୁଠୁ ବଡ଼ ସ୍କୋର୍ ଲକ୍ଷ୍ୟର ପିଛା କରୁଥିବା ଇଟାଲୀ ଟିମ୍ ୧୭.୪ ଓଭର୍‌ରେ ୯ ୱିକେଟ୍ ହରାଇ ୧୩୪ ରନ୍ କରିବାକୁ ସମର୍ଥ ହୋଇଥିଲା। ଇଟାଲୀ କ୍ୟାପ୍ଟେନ୍ ବେନ୍ ମ୍ୟାଡ୍‌ସେନ୍ କାନ୍ଧରେ ଆଘାତ କାରଣରୁ ବ୍ୟାଟିଂ ପାଇଁ ଆସିନଥିଲେ। ଅପରାଜିତ ୨୨ ରନ୍ ସହ ୪ଟି ୱିକେଟ୍ ନେଇଥିବା ସ୍କଟ୍‌ଲାଣ୍ଡର ମାଇକେଲ୍ ଲିସ୍କ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ।

ସ୍କଟ୍‌ଲାଣ୍ଡର ବିଜୟରେ ଓପ୍ନର୍ ଜର୍ଜ ମୁନ୍‌ସେଙ୍କ ଅର୍ଦ୍ଧଶତୀୟ ଇନିଂସ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ସେ ୫୪ ବଲ୍‌ରେ ୧୩ ଚୌକା ଓ ଦୁଇଟି ଛକା ବଳରେ ୮୪ ରନ୍ କରିଥିବା ବେଳେ ଗ୍ରାଣ୍ଟ ଷ୍ଟିୱାର୍ଟଙ୍କ ବଲ୍‌ରେ ହ୍ୟାରୀ ମାନେଣ୍ଟିଙ୍କ ହାତରେ କ୍ୟାଚ୍ ଆଉଟ୍ ହୋଇ ଫେରିଥିଲେ। ଏହା ଟି-୨୦ ବିଶ୍ୱକପ୍‌ରେ ଇଟାଲୀର ପ୍ରଥମ ୱିକେଟ୍ ଥିଲା। ମୁନ୍‌ସେଙ୍କ ବ୍ୟତୀତ ବ୍ରେଣ୍ଡନ୍ ମ୍ୟାକ୍‌ମୁଲେନ୍ ଅପରାଜିତ ୪୧ ରନ୍ ଏବଂ ମାଇକେଲ୍ ଜୋନ୍ସ ୩୭ ରନ୍‌ର ଯୋଗଦାନ ଦେଇଥିଲେ। ସେହିପରି ମାଇକେଲ୍ ଲିସ୍କ ମାତ୍ର ୫ ବଲ୍‌ରେ ଦୁଇଟି ଲେଖାଏଁ ଛକା ଓ ଚୌକା ବଳରେ ଅପରାଜିତ ୨୨ ରନ୍ କରିଥିଲେ। ମୁନ୍‌ସେ ଓ ଜୋନ୍ସ ପ୍ରଥମ ୱିକେଟ୍ ପାଇଁ ଚମତ୍କାର ୧୨୬ ରନ୍‌ର ପାର୍ଟନରଶିପ୍ କରି ସ୍କଟ୍‌ଲାଣ୍ଡ ଇନିଂସ୍‌ର ମୂଳଦୁଆ ରଖିଥିଲେ। ଇଟାଲୀ ପକ୍ଷରୁ ଗ୍ରାଣ୍ଟ ଷ୍ଟିୱାର୍ଟ, ଅଲୀ ହସନ୍, ଥୋମାସ୍ ଡ୍ରାକା ଓ ଜେଜେ ସ୍ମଟ୍‌ସଙ୍କୁ ୧-୧ ୱିକେଟ୍ ମିଳିଥିଲା।

ଲକ୍ଷ୍ୟର ପିଛା କରୁଥିବା ଇଟାଲୀ ପକ୍ଷରୁ ବେନ୍ ମାନେଣ୍ଟି ଅର୍ଦ୍ଧଶତକ କରିଥିଲେ। ୩୧ ବଲ୍‌ରେ ସେ ୫ ଚୌକା ଓ ଗୋଟିଏ ଛକା ସହାୟତାରେ ୫୨ ରନ୍‌ର ଇନିଂସ୍ ଖେଳିଥିଲେ। ଏହା ବ୍ୟତୀତ ତାଙ୍କ ସାନଭାଇ ହ୍ୟାରୀ ମାନେଣ୍ଟି ୨୫ ବଲ୍‌ରେ ଗୋଟିଏ ଚୌକା ଓ ତିନି ଛକା ସହାୟତାରେ ୩୭ ରନ୍‌ର ଯୋଗଦାନ କରିଥିଲେ। ଦୁଇ ଭାଇଙ୍କ ମଧ୍ୟରେ ଚତୁର୍ଥ ୱିକେଟ୍ ପାଇଁ ୪୬ ବଲ୍‌ରେ ୭୩ ରନ୍‌ର ପାର୍ଟନରଶିପ୍ ମଧ୍ୟ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆନ୍ଥୋନୀ ମୋସ୍କା ୧୩, ଜେଜେ ସ୍ମଟ୍‌ସ ୨୨ ରନ୍ କରିଥିଲେ। ସ୍କଟ୍‌ଲାଣ୍ଡ ପକ୍ଷରୁ ମାଇକେଲ୍ ଲିସ୍କ ସର୍ବାଧିକ ୪ଟି ଏବଂ ମାର୍କ ୱାଟ୍ ୨ଟି ୱିକେଟ୍ ନେଇଥିଲେ। ବ୍ରାଡ୍ କରୀ, ବ୍ରାଡ୍ ହ୍ୱିଲ୍ ଏବଂ ଅଲିଭର୍ ଡେଭିଡ୍‌ସନ୍‌ଙ୍କୁ ୧-୧ ସଫଳତା ମିଳିଥିଲା।

## ବିସିସିଆଇ ରିଟେନ୍‌ସନ୍ ଲିଷ୍ଟ ଜାରୀ

# ଗ୍ରେଡ୍-ବି'କୁ ଖସିଲେ କୋହଲି ଓ ରୋହିତ

■ ଗ୍ରେଡ୍-ଏ'ରେ ଗିଲ୍, ବୁମ୍‌ରା ଓ ଜାଡ଼େଜା ■ ଗ୍ରେଡ୍-ସି'ରେ ୧୭ ଖେଳାଳି ସାମିଲ



**ମୁମ୍ବାଇ,୯।୨/ଏଜେନ୍ସି:** ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ପୂର୍ବତନ ଭାରତୀୟ କ୍ୟାପ୍ଟେନ୍ ବିରାଟ କୋହଲି ଓ ରୋହିତ ଶର୍ମାଙ୍କୁ ରିଟେନ୍‌ସନ୍ ଲିଷ୍ଟର ଗ୍ରେଡ୍-ବି'ରୁ ଖସାଇ ଦେଇଛି। ଅନ୍ୟପକ୍ଷରେ କ୍ୟାପ୍ଟେନ୍ ଶୁଭମନ୍ ଗିଲ୍, ଜସ୍‌ପ୍ରୀତ୍ ବୁମ୍‌ରା ଓ ରବୀନ୍ଦ୍ର ଜାଡ଼େଜାଙ୍କୁ ଗ୍ରେଡ୍-ଏ'ରେ ସାମିଲ କରାଯାଇଛି। ବୋର୍ଡ ସୋମବାର ୨୦୨୫-୨୬ ପାଇଁ ସେଣ୍ଟ୍ରାଲ୍ କଣ୍ଟ୍ରାକ୍ଟରେ ସାମିଲ ଖେଳାଳିଙ୍କ ଲିଷ୍ଟ ଜାରୀ କରିଛି। ଏହା ଅନୁସାରେ କ୍ୟାପ୍ଟେନ୍ ଶୁଭମନ୍ ଗିଲ୍, ଜସ୍‌ପ୍ରୀତ୍ ବୁମ୍‌ରା ଓ ରବୀନ୍ଦ୍ର ଜାଡ଼େଜାଙ୍କୁ ଗ୍ରେଡ୍-ଏ'ରେ ରଖାଯାଇଛି। ସେହିପରି ଟି-୨୦ କ୍ୟାପ୍ଟେନ୍ ସୂର୍ଯ୍ୟକୁମାର ଯାଦବଙ୍କ ସମେତ ମୋଟ ୧୧ ଖେଳାଳିଙ୍କୁ ଗ୍ରେଡ୍-ବି'ରେ ରଖାଯାଇଛି। ଗ୍ରେଡ୍-ସି'ରେ ତିଳକ ବର୍ମା ଓ ରିଙ୍କୁ ସିଂହଙ୍କ ପରି ୧୭ ଜଣ ଖେଳାଳିଙ୍କୁ ସ୍ଥାନ ମିଳିଛି। ତେବେ ଏହି ଲିଷ୍ଟରେ ଫାଷ୍ଟ ବୋଲର୍ ମହମ୍ମଦ ଶମୀ ନାହାଁନ୍ତି। ତାଙ୍କୁ ଚଳିତ ଥର ବିସିସିଆଇ ସେଣ୍ଟ୍ରାଲ୍ କଣ୍ଟ୍ରାକ୍ଟରୁ ବାହାର କରାଯାଇଛି। ସେ ୨୦୨୫ ଚାମ୍ପିଅନ୍ସ ଟ୍ରଫି ଫାଇନାଲ୍ ପରଠାରୁ ଭାରତ ପାଇଁ କୌଣସି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିନାହାନ୍ତି। ସେହିପରି ଇଶାନ୍ କିଶନଙ୍କ ନାମ ମଧ୍ୟ କୌଣସି କାଟାଗୋରୀରେ ସାମିଲ କରାଯାଇ ନାହିଁ। ଇଶାନ୍ ଟି-୨୦ ବିଶ୍ୱକପ୍ ଟିମ୍‌ର ଅଂଶବିଶେଷ ରହିଥିବା ବେଳେ ନିକଟରେ ନ୍ୟୁଜିଲାଣ୍ଡ ବିପକ୍ଷରେ ତାଙ୍କ ପ୍ରଦର୍ଶନ ମଧ୍ୟ ଉନ୍ନତ ରହିଥିଲା।

ବୋର୍ଡ ନିଜର ଗ୍ରେଡ୍ ସିଷ୍ଟମ୍‌ରେ ମଧ୍ୟ ପରିବର୍ତ୍ତନ କରିଛି। ଏ+ ଗ୍ରେଡ୍ ସମାପ୍ତ କରାଯାଇଛି। ଏବେ ସେଣ୍ଟ୍ରାଲ୍ କଣ୍ଟ୍ରାକ୍ଟ ହାସଲ କରିଥିବା ଖେଳାଳିଙ୍କୁ ତିନିଟି ଗ୍ରେଡ୍ ଏ, ବି ଏବଂ ସି'ରେ ଭାଗ କରାଯାଇଛି। ତେବେ ବୋର୍ଡ ନୂଆ ଗ୍ରେଡ୍ ମଡେଲ୍‌ର ସାଲାରୀ ଷ୍ଟ୍ରକ୍‌ଚର୍ ସମ୍ପର୍କରେ କିଛି ଜଣାଇନାହିଁ। ପୂର୍ବରୁ ଏଥିରେ ପରିବର୍ତ୍ତନ କରାଯିବାର ଶୁଣିବାକୁ ମିଳୁଥିଲା। ପୁରୁଷ ବର୍ଗରେ ମୋଟ ୩୦ ଖେଳାଳିଙ୍କୁ ସାମିଲ କରାଯାଇଥିବା ବେଳେ ମହିଳା ବର୍ଗରେ ୨୧ ନାମ ରହିଛି।

କୋହଲି ଓ ରୋହିତ ଏବେ କେବଳ ଦିନିକିଆ କ୍ରିକେଟ୍ ଖେଳୁଛନ୍ତି। ଏହି କାରଣରୁ ଦୁହିଁଙ୍କୁ ଗ୍ରେଡ୍-ବି'ରେ ରଖାଯାଇଛି। ଦୁଇ ମହାନ୍ ଖେଳାଳି ୨୦୨୪ ଟି-୨୦ ବିଶ୍ୱକପ୍ ବିଜୟ ପରେ ଟି-୨୦ ଅନ୍ତର୍ଜାତୀୟରୁ ସନ୍ନ୍ୟାସ ନେଇଥିଲେ। ଏହାପରେ ୨୦୨୪ ମେ'ରେ ଟେଷ୍ଟ କ୍ରିକେଟ୍‌କୁ ମଧ୍ୟ ଅଲବିଦା କହିଥିଲେ। ଗ୍ରେଡ୍-ବି'ରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିଙ୍କ ମଧ୍ୟରେ ୱାଶିଂଟନ୍ ସୁନ୍ଦର, କେଏଲ୍ ରାହୁଲ, ଋଷଭ ପନ୍ତ, ମହମ୍ମଦ ସିରାଜ୍, କୁଲଦୀପ୍ ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା, ଯଶସ୍ୱୀ ଜୟସ୍ୱାଲ୍, ଶ୍ରେୟସ୍ ଆୟର୍ ସାମିଲ।

ମହିଳା ବର୍ଗରେ ଚୟନ କମିଟି ୪-୪ ଖେଳାଳିଙ୍କୁ ଗ୍ରେଡ୍-ଏ' ଏବଂ ଗ୍ରେଡ୍-ବି'ରେ ସ୍ଥାନ ଦେଇଛି। ଗ୍ରେଡ୍-ଏ'ରେ କ୍ୟାପ୍ଟେନ୍ ହରମନ୍‌ପ୍ରୀତ୍ କୌର, ସ୍ମୃତି ମନ୍ଧାନା, ଜେମି ରଡ୍ରିଗ୍ସ ଏବଂ ଦୀପ୍ତି ଶର୍ମାଙ୍କୁ ସାମିଲ କରାଯାଇଛି। ସେହିପରି ଗ୍ରେଡ୍-ବି'ରେ ରେଣୁକା ଠାକୁର, ଶେଫାଳୀ ବର୍ମା, ରିଚା ଘୋଷ ଏବଂ ସ୍ନେହ ରାଣାଙ୍କ ନାମ ସାମିଲ ରହିଛି। ମହିଳା ଗ୍ରେଡ୍-ସି'ରେ ଘରୋଇ କ୍ରିକେଟ୍‌ରେ ଚମତ୍କାର ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ସାମିଲ କରି ଭବିଷ୍ୟର ଟିମ୍ ଇଣ୍ଡିଆ ମୂଳଦୁଆ ମଜବୁତ କରିବାର ସଙ୍କେତ ଦିଆଯାଇଛି। ଏହା ମଧ୍ୟରେ କ୍ରାନ୍ତି ଗୌଡ଼, କାଶ୍‌ଭୀ ଗୌତମ, ରାଧା ଯାଦବ, ଉମା ଛେତ୍ରୀ, ହରଲିନ୍ ଦେଓଲ୍, ଅମନଜୋତ୍ କୌର, ଅରୁନ୍ଧତି ରେଡ୍ଡୀ, ପ୍ରତୀକା ରାୱଲ୍, ଶ୍ରୀ ଚରଣୀ, ଜି. କମଲିନୀ, ଯାଷ୍ଟିକା ଭାଟିଆ, ବୈଷ୍ଣବୀ ଶର୍ମା ଏବଂ ତେଜଲ୍ ହସବାନିସ୍‌ଙ୍କ ନାମ ରହିଛି।

## ପାକିସ୍ତାନ ମିଡିଆର ଦାବି

# ଭାରତ ସହ ବିଶ୍ୱକପ୍ ମ୍ୟାଚ୍ ଖେଳିବ ପାକିସ୍ତାନ



**ନୂଆଦିଲ୍ଲୀ,୯।୨/ଏଜେନ୍ସି:** ଫେବୃଆରୀ ୧୫ ତାରିଖରେ ଭାରତ ଓ ପାକିସ୍ତାନ ମଧ୍ୟରେ ଟି-୨୦ ବିଶ୍ୱକପ୍ ମ୍ୟାଚ୍ ହେବ। ପାକିସ୍ତାନୀ ନ୍ୟୁଜ୍ ଚ୍ୟାନେଲ୍ ଡନ୍ ସେଠାକାର ସରକାରୀ ଚ୍ୟାନେଲ୍ ପାକିସ୍ତାନ ଟିଭି ସୂତ୍ରରୁ କହିଛି, ସରକାର ଭାରତ ବିପକ୍ଷ ବିଶ୍ୱକପ୍ ମ୍ୟାଚ୍ ଖେଳିବାକୁ ସହମତି ପ୍ରଦାନ କରିଛନ୍ତି। ଚ୍ୟାନେଲ୍ ଅନୁସାରେ ଏହି ନିଷ୍ପତ୍ତି ବାଂଲାଦେଶ ଓ ଶ୍ରୀଲଙ୍କାର ଅନୁରୋଧ ପରେ ନିଆଯାଇଛି। ଡନ୍ ନ୍ୟୁଜ୍ କହିଛି, ପ୍ରଧାନମନ୍ତ୍ରୀ ଶାହବାଜ୍ ସରିଫ୍‌ଙ୍କୁ ଶ୍ରୀଲଙ୍କା ରାଷ୍ଟ୍ରପତି ଦିସାନାୟକେ ଫୋନ୍ କରି ଭାରତ ସହିତ ମ୍ୟାଚ୍ ଖେଳିବାକୁ କହିଛନ୍ତି। ବାଂଲାଦେଶ କ୍ରିକେଟ୍ ବୋର୍ଡ (ବିସି) ଅଧ୍ୟକ୍ଷ ଅମିନୁଲ୍ ଇସ୍ଲାମ୍ ମଧ୍ୟ ପାକିସ୍ତାନକୁ ଭାରତ ସହିତ ମ୍ୟାଚ୍ ଖେଳିବାକୁ ଅନୁରୋଧ କରିଥିଲେ। ସେ କହିଥିଲେ, କ୍ରିକେଟ୍ ଜଗତର ହିତ ଦୃଷ୍ଟିରୁ ଫେବୃଆରୀ ୧୫ରେ ଭାରତ ଟି-୨୦ ବିଶ୍ୱକପ୍ ମ୍ୟାଚ୍ ପାକିସ୍ତାନ ଖେଳୁ ବୋଲି ନିବେଦନ କରୁଛି। ସୂଚନାଯୋଗ୍ୟ, ବାଂଲାଦେଶକୁ ଟି-୨୦ ବିଶ୍ୱକପ୍‌ରୁ ବାହାର କରାଯିବା ବିରୋଧରେ ପାକିସ୍ତାନ ଭାରତ ବିପକ୍ଷ ମ୍ୟାଚ୍ ବୟକଟ୍ କରିବାକୁ ଘୋଷଣା କରିଥିଲା। ଏହି ଘୋଷଣା ପାକିସ୍ତାନ ସରକାର ସୋସିଆଲ୍ ମିଡିଆ ପୋଷ୍ଟରେ କରିଥିଲେ। ପାକିସ୍ତାନ ମିଡିଆ ଦାବି କରିଛି ଯେ ପିସିବିର ସର୍ତ୍ତ ଆଇସିସି ମାନିନେଇଛି। ଅନ୍ୟପକ୍ଷରେ ଆଇସିସି ପାକିସ୍ତାନର ତିନିଟି ଦାବି ଖାରଜ କରିଦେଇଥିବା ଇଣ୍ଡିଆ ଟୁଡେ ରିପୋର୍ଟରେ ଦାବି କରାଯାଇଛି। ତେବେ ଆଇସିସି ଏହା ଉପରେ କୌଣସି ବୟାନ ଦେଇନାହିଁ। ମାତ୍ର ଆଇସିସି ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି ଯେ ବାଂଲାଦେଶ ଉପରେ କୌଣସି ଜୋରିମାନା ଲାଗିବ ନାହିଁ। ତାକୁ ଭବିଷ୍ୟତରେ ଗୋଟିଏ ଇଭେଣ୍ଟର ଆୟୋଜନ ମଧ୍ୟ ଦିଆଯିବ।

ଏହା ପୂର୍ବରୁ ରବିବାର ରାତିରେ ଆଇସିସି ପକ୍ଷରୁ ସିଇଓ ସଂଜୋଗ ଗୁପ୍ତା ପିସିବି ସହିତ ଭର୍ଚୁଆଲ୍ ମିଟିଂ କରିଥିଲେ। ଭାରତ ସହିତ ଖେଳିବା ପ୍ରସଙ୍ଗରେ ପାକିସ୍ତାନ ତିନିଟି ସର୍ତ୍ତ ରଖିଥିଲା। ଏହି ସର୍ତ୍ତ ଥିଲା ଆଇସିସିର ମୋଟ ଆୟରେ ପାକିସ୍ତାନର ଅଂଶଧନ ବୃଦ୍ଧି, ଭାରତ ଓ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ କ୍ରିକେଟ୍ ସିରିଜ୍ ପୁନଃସ୍ଥାପନ ଏବଂ ପଡ଼ିଆରେ ହ୍ୟାଣ୍ଡସେକ୍ ପ୍ରୋଟୋକଲ୍‌ର କଡ଼ାକଡ଼ି ପାଳନ। ତେବେ ପିସିବିର ଏହି ସର୍ତ୍ତକୁ ଆଇସିସି ନିଜ କ୍ଷମତା କ୍ଷେତ୍ର ବାହାରେ କହି ଖାରଜ କରିଦେଇଥିବା ଜଣାପଡ଼ିଥିଲା। ଏହା ସହିତ ଭାରତ ସହିତ ଖେଳିବା ନିଷ୍ପତ୍ତି ନେବାକୁ ୨୪ ଘଣ୍ଟିଆ ଅନ୍ତିମ ଅଲ୍‌ଟିମେଟମ୍ ଦେଇଥିଲା।

## ୫୭ ରନ୍‌ରେ ହାରିଲା କାନାଡା

# ଚମତ୍କାର ବିଜୟ ସହ ଅଭିଯାନ ଆରମ୍ଭ କଲା ସାଉଥ୍ ଆଫ୍ରିକା

**ଅହମଦାବାଦ୍, ୯।୨/ଏଜେନ୍ସି:** ସୋମବାର ଟି-୨୦ ବିଶ୍ୱକପ୍‌ର ୯ମ ତଥା ଦିନର ଅନ୍ତିମ ମ୍ୟାଚ୍‌ରେ ସାଉଥ୍ ଆଫ୍ରିକା ୫୭ ରନ୍‌ରେ ଏକ ଜବରଦସ୍ତ ବିଜୟରୁ ନିଜ ଅଭିଯାନ ଆରମ୍ଭ କରିଛି। ବିଶ୍ୱକପ୍ ପର୍ଯ୍ୟାୟ ଅନ୍ତର୍ଗତ ଗ୍ରୁପ୍ ଡି'ରେ ସାମିଲ ଥିବା ଦୁଇ ଦଳ ସାଉଥ୍ ଆଫ୍ରିକା ଏବଂ କାନାଡା ନିଜ ନିଜ କୋଟାର ପ୍ରଥମ ମ୍ୟାଚ୍ ଭାବେ ପରସ୍ପରକୁ ଭେଟିଥିଲେ। ଅହମଦାବାଦ୍ ସ୍ଥିତ ନରେନ୍ଦ୍ର ମୋଦୀ ଗ୍ରାଉଣ୍ଡରେ ଖେଳାଯାଇଥିବା ଆଜିର ଏହି ମ୍ୟାଚ୍‌ରେ କାନାଡା ଟସ୍ ଜିତିଥିଲେ ମଧ୍ୟ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଅନ୍ୟପକ୍ଷେ ସାଉଥ୍ ଆଫ୍ରିକା ବ୍ୟାଟିଂ ଆମନ୍ତ୍ରଣ ପାଇଁ ଧାର୍ଯ୍ୟ ୨୦ ଓଭର ସୁଦ୍ଧା ମାତ୍ର ୪ ୱିକେଟ୍ ହରାଇ ୨୧୩ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଏଡେନ୍ ମାରକ୍ରମ ୩୨ ବଲ୍‌ରୁ ୫୯ ରନ୍‌ର ପାଳି ଖେଳିଥିଲେ। ସେହିପରି ଉଭୟ ଡେଭିଡ୍ ମିଲର୍ ୨୩ ବଲ୍‌ରୁ ୩୯ ରନ୍‌ର ଏବଂ ଟ୍ରିଷ୍ଟାନ୍ ଷ୍ଟବ୍‌ସ ୧୯ ବଲ୍‌ରୁ ୩୪ ରନ୍‌ର ଏକ ଚମତ୍କାର ଇନିଂସ ଖେଳିଥିଲେ, ଯାହାଫଳରେ ଦଳ ୨୧୩ ରନ୍‌ର ବିଶାଳ ସ୍କୋର ଛିଡା କରିପାରିଥିଲା। କାନାଡା ପକ୍ଷରୁ ଅଂଶ ପଟେଲ୍ ୪ ଓଭରରେ ୩୧ ରନ୍ ଦେଇ ୩ଟି ୱିକେଟ୍ ଅକ୍ତିଆର୍ କରିଥିଲେ। ଅନ୍ୟପକ୍ଷେ କାନାଡା ନିଜ ବ୍ୟାଟିଂ ପାଳିରେ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦୁଇ ଓପନରଙ୍କ ମଧ୍ୟରୁ ଅଧିନାୟକ ଦିଲ୍‌ପ୍ରୀତ୍ ବାଜୱା (୦)ରେ ଆଉଟ୍ ହୋଇଥିବା ବେଳେ ଯୁବରାଜ ସାମ୍‌ରା ମାତ୍ର ୧୨ ରନ୍ କରି ପାଭିଲିୟନ୍ ଫେରିଥିଲେ। ତେବେ ନଭନୀତ ଧାଲିୱାଲ୍ ଏକ ଲଢୁଆ ଇନିଂସ୍ ଖେଳିବା ଜାରି ରଖିଥିଲେ। ସେ ୪୯ ବଲ୍‌ରୁ ୬୪ ରନ୍ କରି ଆଉଟ୍ ହୋଇଥିଲେ। ହର୍ଷ ଥାକେର୍ ୩୩ ରନ୍‌ର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ ମଧ୍ୟ ଅନ୍ୟ କୌଣସି ଖେଳାଳି ସେପରି ବିଶେଷ କିଛି କମାଲ୍ କରିପାରିନଥିଲେ। ଫଳରେ କାନାଡାର ପାଳି ୧୫୬/୮ରେ ସୀମିତ ହୋଇଯାଇଥିଲା। ସାଉଥ୍ ଆଫ୍ରିକା ବୋଲର ଲୁଙ୍ଗି ଏନ୍‌ଗିଡି ୪ ଓଭରରେ ୩୧ ରନ୍ ଦେଇ ୪ଟି ମୂଲ୍ୟବାନ୍ ୱିକେଟ୍ ଅକ୍ତିଆର କରିଥିବା ଯୋଗୁ ତାଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା।



# ପ୍ରଥମ ଥର ସେମିଫାଇନାଲ୍‌ରେ ଜମ୍ମୁ-କଶ୍ମୀର

## ୪୨ ଥରର ଚାମ୍ପିଅନ୍ ମୁମ୍ବାଇକୁ ବିଦାକଲା କର୍ଣ୍ଣାଟକ, ଆନ୍ଧ୍ର ବିପକ୍ଷରେ ବେଙ୍ଗଲ୍ ୨୭୦ ରନ୍‌ରେ ଆଗୁଆ

### ରଣଜୀ ଟ୍ରଫି ୨୦୨୫-୨୬



**ନୂଆଦିଲ୍ଲୀ,୯।୨/ଏଜେନ୍ସି:** ରଣଜୀ ଟ୍ରଫି ୨୦୨୫-୨୬ ସିଜନ୍‌ର ତିନିଟି କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍‌ର ଚୂଡ଼ାନ୍ତ ଫଳାଫଳ ମିଳିଛି। ଚତୁର୍ଥ ଦିନ ଜମ୍ମୁ-କଶ୍ମୀର ଇତିହାସ ରଚିବା ସହିତ ମଧ୍ୟପ୍ରଦେଶକୁ ହରାଇ ପ୍ରଥମ ଥର ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ୍‌ରେ ପ୍ରବେଶ କରିଛି। ଅନ୍ୟପକ୍ଷରେ କର୍ଣ୍ଣାଟକ ୪୨ ଥରର ଚାମ୍ପିଅନ୍ ମୁମ୍ବାଇକୁ ମାତ୍ ଦେଇ ସେମିଫାଇନାଲ୍‌ରେ ପହଞ୍ଚିଛି। ଟିମ୍ ଇଣ୍ଡିଆ ଷ୍ଟାର୍ ଓପ୍ନର୍ କେଏଲ୍ ରାହୁଲ କର୍ଣ୍ଣାଟକ ପକ୍ଷରୁ ଶତକ ହାସଲ ସହ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଛନ୍ତି। ପୂର୍ବରୁ ରବିବାର ପ୍ରଥମ କ୍ୱାର୍ଟର୍ ଫାଇନାଲ୍‌ର ତୃତୀୟ ଦିନ ଝାଡ଼ଖଣ୍ଡକୁ ଏକ ଇନିଂସ୍ ଓ ୬ ରନ୍‌ରେ ହରାଇ ଉତ୍ତରାଖଣ୍ଡ ପ୍ରଥମ ଥର ଅନ୍ତିମ-୪ରେ ପ୍ରବେଶ କରିଥିଲା।

**ଉତ୍ତରାଖଣ୍ଡ ଇନିଂସ୍ ଓ ୬ ରନ୍‌ରେ ବିଜୟୀ**

ଜାମସେଦପୁରର କିନାନ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ପ୍ରଥମ କ୍ୱାର୍ଟର୍ ଫାଇନାଲ୍‌ରେ ଘରୋଇ ଝାଡ଼ଖଣ୍ଡ ଟିମ୍ ପ୍ରଥମ ଇନିଂସ୍‌ରେ ୨୩୫ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଟିମ୍ ପକ୍ଷରୁ ଆଦିତ୍ୟ ସିଂହ ୮୩ ରନ୍ କରିଥିଲେ। ଜବାବରେ ଅବନୀଶ ସୁଧା, କ୍ୟାପ୍ଟେନ୍ କୃଣାଳ ଚନ୍ଦେଲା ଏବଂ ଜଗଦୀଶ ସୁଚିତଙ୍କ ଅର୍ଦ୍ଧଶତକୀୟ ଇନିଂସ୍ ଦମ୍‌ରେ ଉତ୍ତରାଖଣ୍ଡ ୩୭୧ ରନ୍ କରି ୧୩୬ ରନ୍‌ର ଅଗ୍ରଣୀ ହାସଲ କରିଥିଲା। ତୃତୀୟ ଦିନ ଝାଡ଼ଖଣ୍ଡ ଦ୍ୱିତୀୟ ଇନିଂସ୍‌ରେ ମାତ୍ର ୧୩୦ ରନ୍ କରିଥିଲା। ଏହା ସହିତ ଉତ୍ତରାଖଣ୍ଡ ଏକ ଇନିଂସ୍ ଓ ୬ ରନ୍‌ରେ ମ୍ୟାଚ୍ ଜିତି ସେମିଫାଇନାଲ୍‌ରେ ପ୍ରବେଶ କରିଥିଲା।

**ମଧ୍ୟପ୍ରଦେଶକୁ ୫୬ ରନ୍‌ରେ ହରାଇଲା ଜମ୍ମୁ-କଶ୍ମୀର**

ଦ୍ୱିତୀୟ କ୍ୱାର୍ଟର୍ ଫାଇନାଲ୍‌ରେ ଜମ୍ମୁ-କଶ୍ମୀର ଇତିହାସ ରଚିବା ସହିତ ମଧ୍ୟପ୍ରଦେଶକୁ ୫୬ ରନ୍‌ରେ ହରାଇ ପ୍ରଥମ ଥର ରଣଜୀ ଟ୍ରଫି ସେମିଫାଇନାଲ୍‌ରେ ସ୍ଥାନ ହାସଲ କରିଛି। ଏହି ମ୍ୟାଚ୍‌ରେ ଜମ୍ମୁ-କଶ୍ମୀରର ଆକିବ୍ ନବୀ ପ୍ରଥମ ଇନିଂସ୍‌ରେ ୭ ଏବଂ ଦ୍ୱିତୀୟ ଇନିଂସ୍‌ରେ ୫ ମୋଟ୍ ୧୨ ୱିକେଟ୍ ଅକ୍ତିଆର କରିଥିଲେ। ତାଙ୍କୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ମଧ୍ୟ ବିବେଚିତ କରାଯାଇଛି। ଇନ୍ଦୋରର ହୋଲ୍‌କର ଷ୍ଟାଡିୟମ୍‌ରେ ପ୍ରଥମେ ବ୍ୟାଟିଂ କରି ଜମ୍ମୁ-କଶ୍ମୀର ୧୯୪ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ଶୁଭମ୍ ଖଜୁରିଆ ୬୦ ଏବଂ ଯୁଦ୍ଧବୀର ସିଂହ ଚରକ ୪୧ ରନ୍ କରିଥିଲେ। କୁଲଦୀପ୍ ସେନ୍‌ଙ୍କୁ ୫ ୱିକେଟ୍ ମିଳିଥିଲା। ଜବାବରେ ମଧ୍ୟପ୍ରଦେଶର ପ୍ରଥମ ଇନିଂସ୍ ମାତ୍ର ୧୫୨ ରନ୍‌ରେ ସମାପ୍ତ ହୋଇଯାଇଥିଲା। ଯଶ୍ ଦୁବେ ଅର୍ଦ୍ଧଶତକ ହାସଲ କରିଥିବା ବେଳେ ଜମ୍ମୁ-କଶ୍ମୀର ପକ୍ଷରୁ ଆକିବ୍ ନବୀ ୪୦ ରନ୍ ଦେଇ ୭ ୱିକେଟ୍ ଅକ୍ତିଆର କରିଥିଲେ। ସୁନୀଲ୍ କୁମାରଙ୍କୁ ୩ଟି ସଫଳତା ମିଳିଥିଲା। ଦ୍ୱିତୀୟ ଇନିଂସ୍‌ରେ ଜମ୍ମୁ-କଶ୍ମୀର ପୁଣିଥରେ ନିମ୍ନକ୍ରମ ବ୍ୟାଟରଙ୍କ ସହାୟତାରେ ୨୪୮ ରନ୍ ସ୍କୋର୍ କରିଥିଲା। ବଂଶରାଜ ଶର୍ମା ୫୪ ରନ୍ କରିଥିଲେ। କୁଲଦୀପ୍ ସେନ୍ ୪ଟି ୱିକେଟ୍ ନେଇଥିଲେ। ୨୯୧ ରନ୍‌ର ଜବାବରେ ମଧ୍ୟପ୍ରଦେଶ ଟିମ୍ ୨୩୪ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା।

**ସୁଦୀପ କୁମାରଙ୍କ ୨୯୯ ରନ୍:** ବେଙ୍ଗଲ ୨୭୦ ରନ୍‌ରେ ଆଗୁଆ

ତୃତୀୟ କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍‌ର ଚତୁର୍ଥ ଦିନ ଖେଳ ଶେଷ ବେଳକୁ ଆନ୍ଧ୍ର ବିପକ୍ଷରେ ବେଙ୍ଗଲ ୨୭୦ ରନ୍‌ର ଅଗ୍ରଣୀ ହାସଲ କରି ଦୃଢ଼ ସ୍ଥିତିରେ ରହିଛି। କଲ୍ୟାଣୀସ୍ଥିତ ବେଙ୍ଗଲ କ୍ରିକେଟ୍ ଏକାଡେମୀ ଗ୍ରାଉଣ୍ଡରେ ପ୍ରଥମେ ବ୍ୟାଟିଂ କରି ଆନ୍ଧ୍ରପ୍ରଦେଶ ୨୯୫ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। କ୍ୟାପ୍ଟେନ୍ ରିକି ଭୁଇ ୮୩ ରନ୍ କରିଥିଲା। ବେଙ୍ଗଲ୍ ପକ୍ଷରୁ ମୁକେଶ କୁମାର ୫ ଓ ଆକାଶଦୀପ ୪ ୱିକେଟ୍ ନେଇଥିଲେ। ଜବାବରେ ବେଙ୍ଗଲ୍ ପ୍ରଥମ ଇନିଂସ୍‌ରେ ୬୨୯ ରନ୍ କରିଥିଲା। ସୁଦୀପ କୁମାର ୫୯୬ ବଲ୍‌ର ସମ୍ମୁଖୀନ ହୋଇ ୩୧ ଚୌକା ଓ ୬ ଛକା ସହାୟତାରେ ୨୯୯ ରନ୍‌ର ଚମତ୍କାର ଇନିଂସ୍ ଖେଳିଥିଲେ। ହବିବ୍ ଗାନ୍ଧୀ ୯୫, ସୁମନ୍ତ ଗୁପ୍ତା ୮୧ ଏବଂ ନିମ୍ନକ୍ରମରେ ମହମ୍ମଦ ଶମୀ ୫୩ ରନ୍‌ର ଯୋଗଦାନ ଦେଇଥିଲେ। ଚତୁର୍ଥ ଦିନ ଖେଳ ଶେଷ ବେଳକୁ ଆନ୍ଧ୍ର ପ୍ରଦେଶ ଦ୍ୱିତୀୟ ଇନିଂସ୍‌ରେ ୩ ୱିକେଟ୍ ହରାଇ ୬୪ ରନ୍ କରି ୨୭୦ ରନ୍ ପଛରେ ରହିଛି।

**ମୁମ୍ବାଇକୁ ୪ ୱିକେଟ୍‌ରେ ହରାଇଲା କର୍ଣ୍ଣାଟକ**

ମୁମ୍ବାଇର ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସସ୍ଥିତ ଶରଦ ପୱାର୍ କ୍ରିକେଟ୍ ଏକାଡେମୀରେ ଖେଳାଯାଇଥିବା ଚତୁର୍ଥ କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍‌ରେ ମୁମ୍ବାଇ ପ୍ରଥମ ଇନିଂସ୍‌ରେ ମାତ୍ର ୧୨୦ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ଜବାବରେ କର୍ଣ୍ଣାଟକ ୧୭୩ ରନ୍ କରିବାକୁ ସମର୍ଥ ହୋଇଥିଲା। ଏହାପରେ ମୁମ୍ବାଇ ଦ୍ୱିତୀୟ ଇନିଂସ୍‌ରେ ପ୍ରତ୍ୟାବର୍ତ୍ତନ କରି ୩୭୭ ରନ୍ କରି କର୍ଣ୍ଣାଟକ ଆଗରେ ୩୨୫ ରନ୍‌ର ଲକ୍ଷ୍ୟ ରଖିଥିଲା। ଜବାବରେ କର୍ଣ୍ଣାଟକ ୬ ୱିକେଟ୍ ବିନିମୟରେ ଲକ୍ଷ୍ୟ ହାସଲ କରିନେଇଛି। କେଏଲ୍ ରାହୁଲ ୧୩୦ ରନ୍ ଇନିଂସ୍ ଖେଳିଥିବା ବେଳେ ସ୍ମରଣ ରବିଚନ୍ଦ୍ରନ୍ ଅପରାଜିତ ୮୨ ରନ୍ କରି ଟିମ୍‌କୁ ବିଜୟ ଦେଇଥିଲେ। କେଏଲ୍ ରାହୁଲଙ୍କୁ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ମନୋନୀତ କରାଯାଇଛି।

## ଏସିଆନ୍ ଶୁଟିଂ ଚାମ୍ପିଅନ୍‌ଶିପ୍

# ମନୁ ଭାକର୍ ଅଳ୍ପକେ ସ୍ୱର୍ଣ୍ଣରୁ ବଞ୍ଚିତ



**ନୂଆଦିଲ୍ଲୀ,୯।୨/ଏଜେନ୍ସି:** ଡବଲ୍ ଅଲିମ୍ପିକ୍ ବ୍ରୋଞ୍ଜ୍ ପଦକ ବିଜୟିନୀ ମନୁ ଭାକର୍ ସୋମବାର ଏଠାରେ ଚାଲିଥିବା ଏସିଆନ୍ ଶୁଟିଂ ଚାମ୍ପିଅନ୍‌ଶିପ୍‌ର ୨୫ ମିଟର ପିସ୍ତଲ୍ ଇଭେଣ୍ଟରେ ଅଳ୍ପକେ ସ୍ୱର୍ଣ୍ଣ ପଦକରୁ ବଞ୍ଚିତ ହୋଇ ରୌପ୍ୟରେ ସନ୍ତୁଷ୍ଟ ହୋଇଛନ୍ତି। ତାଙ୍କ ସାଥୀ ଭାରତୀୟ ଶୁଟର୍ ଈଶା ସିଂହଙ୍କୁ ବ୍ରୋଞ୍ଜ୍ ପଦକ ମିଳିଛି। ଫାଇନାଲ୍‌ରେ ମନୁ ଓ ସ୍ୱର୍ଣ୍ଣ ପଦକ ବିଜେତା ଏନ୍‌ଗୁୟେନ୍ ଥୁୟ ଟ୍ରେଙ୍ଗ୍‌ଙ୍କର ସମାନ ୩୫ ପଏଣ୍ଟ ହୋଇଥିଲା। ଏହାପରେ ହୋଇଥିବା ଶୁଟ୍ ଅଫ୍‌ରେ ଭିଏତ୍‌ନାମ ଶୁଟର୍ ବାଜି ମାରିନେଇଥିଲେ। ତେବେ ଟିମ୍ ଇଭେଣ୍ଟରେ ମନୁ, ଈଶା ଓ ରିଦମ୍ ସାଙ୍ଗୱାନ୍‌ଙ୍କ ଭାରତୀୟ ତ୍ରିମୂର୍ତ୍ତି ମୋଟ ୧୭୫୧ ପଏଣ୍ଟ ସହିତ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଚୀନା ତାଇପେଇକୁ (୧୭୩୫ ପଏଣ୍ଟ)କୁ ରୌପ୍ୟ ଏବଂ ଭିଏତ୍‌ନାମ୍ (୧୭୨୯ ପଏଣ୍ଟ)କୁ ବ୍ରୋଞ୍ଜ୍ ପଦକ ମିଳିଛି। ଜୁନିୟର୍ ୨୫ ମିଟର ପିସ୍ତଲ ଫାଇନାଲ୍‌ରେ ନାମ୍ୟା କପୁର ରୋମାଞ୍ଚକର ଶୁଟ୍ ଅଫ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ବିଶ୍ୱ ଚାମ୍ପିଅନ୍‌ଶିପ୍ ପଦକ ବିଜେତା ସର୍ବକନିଷ୍ଠ ଭାରତୀୟ ଖେଳାଳି ନାମ୍ୟା ଇଣ୍ଡୋନେସିଆର ରିହାଦତୁଲ ଆସିୟଫାଙ୍କୁ ପଛରେ ପକାଇ ଦେଇଥିଲେ। ଭାରତର ଅଞ୍ଜଳି ଭାଗବତଙ୍କୁ ବ୍ରୋଞ୍ଜ୍ ପଦକ ମିଳିଛି। ଜୁନିୟର୍ ଟିମ୍ ଇଭେଣ୍ଟରେ ଭାରତୀୟ ଟିମ୍ ସ୍ୱର୍ଣ୍ଣ ପଦକ ଜିତିଛି।

# ଆଇପିଏଲ୍ ପରେ ସାଂସଦ ପ୍ରିୟାଙ୍କୁ ବିବାହ କରିବେ ରିଙ୍କୁ



**ଅଲୀଗଡ଼,୯।୨/ଏଜେନ୍ସି:** କ୍ରିକେଟର୍ ରିଙ୍କୁ ସିଂହ ଆଗାମୀ ଆଇପିଏଲ୍ ସିଜନ୍ ଶେଷରେ ଚଳିତ ଜୁନ୍‌ରେ ସମାଜବାଦୀ ସାଂସଦ ପ୍ରିୟା ସରୋଜ୍‌ଙ୍କ ସହିତ ବିବାହ ବନ୍ଧନରେ ଆବଦ୍ଧ ହେବେ। ଦୁହିଁଙ୍କ ବିବାହ ସମାରୋହ କାଶୀରେ ଆୟୋଜିତ ହେବ। ରାଜନୀତିରୁ ବଞ୍ଚିବା ପାଇଁ ପରିବାର ଅତିଥିଙ୍କ ସଂଖ୍ୟା ହ୍ରାସ କରିଛନ୍ତି। ଗତବର୍ଷ ଜୁନ୍ ୮ ତାରିଖରେ ଲକ୍ଷ୍ନୌରେ ରିଙ୍କୁ ଓ ପ୍ରିୟାଙ୍କ ରିଙ୍ଗ୍ ସେରେମନି ହୋଇଥିଲା। ଏହାପରେ ନଭେମ୍ବରରେ ବିବାହ ତାରିଖ ସ୍ଥିର ହୋଇଥିଲା। ତେବେ ବିବାହ ହୋଇପାରି ନଥିଲା। ପୁଣିଥରେ ୨୦୨୬ ଫେବୃଆରୀରେ ତାରିଖ ସ୍ଥିର ହୋଇଥିଲା। ମାତ୍ର ଟି-୨୦ ବିଶ୍ୱକପ୍ ଏବଂ ଆଇପିଏଲ୍ କାରଣରୁ ଏବେ ଏହାକୁ ଜୁନ୍ ମାସରେ ହେବାକୁ ସ୍ଥିର ହୋଇଛି। ରିଙ୍କୁଙ୍କ ବଡ଼ଭାଇ ସୋନୁ ସିଂହ କହିଛନ୍ତି, ବିବାହ ପାଇଁ ପ୍ରଥମେ ଜୁନ୍ ୧୧ ଏବଂ ୧୨ ତାରିଖକୁ ନେଇ ଚିନ୍ତା କରାଯାଉଥିଲା। କିନ୍ତୁ ଆଇପିଏଲ୍ ଫାଇନାଲ୍‌ର ବ୍ୟସ୍ତତାକୁ ଦୃଷ୍ଟିରେ ରଖି ନୂଆ ତାରିଖ ସ୍ଥିର କରିବାକୁ କୁହାଯାଇଛି। ସେ କହିଛନ୍ତି, ବିବାହ ଉତ୍ସବ କାଶୀରେ ହେବ ଏବଂ ରିସେପ୍‌ସନ୍ ଅଲୀଗଡ଼ରେ କରାଯିବ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra